ଦୋଷ ଗୁଣ [illegible]



PRINTED BY H.M. DUTTA,
AT THE DUTTA PRESS,
CUTTACK.
1925.

ପ୍ରଥମ ସଂସ୍କରଣ ।

ମୂଲ୍ୟ ଽ ୧୫ ମାତ୍ର ।

ଉପହାର ଚିଟାଉ ।

ଶ୍ରୀପଦ [illegible] [illegible] ଦେଇ

ଚରଣକମଳେଷୁ ।

[illegible] ଉପାଳିମ୍ଭ, ସହି

ନାହିଁ ଦେବ ଜାଣେ

[illegible] [illegible]

ଦେଉଛି ।

[illegible] [illegible]

[illegible]

[illegible] ରାଉତ

ଅପାର ବ୍ରହ୍ମାଣ୍ଡ-ଭାଣ୍ଡେ
ଅଣୁ ଅଗୋଚର
ଏ କ୍ଷୁଦ୍ରଚିତ୍ତ କେତେ ମତେ
ଛିଡ଼ୁଛି ବନ୍ଧନ;
କୋପନେ ବୋଲିବ ପୁଣି
ନ ହେବୁଁ ମିଳିତ
ନବ ଜ୍ଞାନ ଯାଏ ତୋର
ସରବ ଖଣ୍ଡିତ ?
କ୍ଷୁଦ୍ର ପ୍ରୀତି ପରଶରେ
ବାଣୀ ମୋ ଝଙ୍କାର
ମୁହିଁ ଆଇଁ ନିତି ତାକୁ
ଦେବାକୁ ଅଜାନ;
ଦେଖ, ସୁପ୍ରାୟ ଯହିଁ
ଝମ୍ପୁଛି ଯା କରେ
ତୋଳିବି ଦେଖି ନିଜ
ଛାପା ସେ ଅକ୍ଷରେ ।

ପୁଣି ପ୍ରୀତି-ନଭେ ମୋର
ଭାଇ ଥିଲେ ମିତା
ନ ଜୋଗାଇଁ ତାଙ୍କୁ କେବେ
ଭେଟିଥାଅ କାନା;
ଦେଖିଲେ କହିବ ଦୋଇ—
ଥିଲେ ଯା ଅଦେଶ
ଭସିବାକୁ ମାତା-ଭସେଷ,
ହୋଇଛୁ ତା ଶେଷ;
ଅଶ୍ରୁ ଭୁଟିଲେ ସେହୁ,
ଜଣାଇବ ଟେଡି
ମିଳି ଶୁଣାଇବ ନିଜେ
ଭୁଲାଇଲେ ଏଥି ॥

ଶ୍ରୀ ଉଜଣୀ-କ୍ଷେତ୍ର,
୦-୯-୨୫ ।

ଶ୍ରୀ ଅନପୂଚନ୍ଦ୍ର ।

ଭୂମିକା ।



ଆମ୍ଭମାନଙ୍କ ଅଧୁନିକ ସାହିତ୍ୟରେ ଉତ୍କୃଷ୍ଟ ମୌଳିକ କାବ୍ୟ ବା ଖଣ୍ଡ କବିତାର ସଂଖ୍ୟା ଯେପରି ବିରଳ, ଅନୂଦିତ କାବ୍ୟାଦିର ମଧ୍ୟ ତତୋଽଧିକ ଅଭାବ । ମୌଳିକ କାବ୍ୟରଚନା ପ୍ରତିଭା-ଆଶ୍ରିତ । ମାତ୍ର କାବ୍ୟାନୁବାଦ ସାଧାରଣଶକ୍ତି-ସାଧ୍ୟ । ଯେଉଁମାନେ କବିପ୍ରତିଭା ଦେଇ ଜନ୍ମଗ୍ରହଣ କରିନାହାନ୍ତି, ସେମାନଙ୍କ ପକ୍ଷରେ ଯେଉଁ କବିତା ଦ୍ୱାରା ସାହିତ୍ୟର ଅବର୍ଜ୍ଜନା ରାଶିରେ ମିଶିଯିବ ସେଭଳି କବିତା ଲେଖିବା ପାଇଁ ବୃଥା ପ୍ରୟାସ କରିବା ଅପେକ୍ଷା ଅପର ସାହିତ୍ୟରେ ସଞ୍ଚିତ ରତ୍ନାହରଣଦ୍ୱାରା ନିଜ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିବା ଶ୍ରେୟସ୍କର ମଣି ମୁଁ ମୋହର ସାହିତ୍ୟାନୁଶୀଳନ ପ୍ରାରମ୍ଭରୁ ଇଂରାଜୀ କବିତାନୁବାଦରେ ମନବଳାଇଅଛି । 'ପାର୍ଣ୍ଣେଲ୍' Parnellଙ୍କର The Hermit କବିତାର ଅନୁବାଦ ମୋ ଉଦ୍ୟମର ପ୍ରଥମାବସ୍ଥାରେ ଘଟିଥିଲା । ପରଲୋକଗତ ମୋହର ପୂଜ୍ୟାସ୍ପଦ ଭ୍ରାତା ସାମନ୍ତ ଶ୍ରୀ ଅଭୟ ପ୍ରସାଦ ଦାସ B. A. ଉକ୍ତ ଅନୁବାଦ ପଠନରେ ପ୍ରୀତ ହୋଇ ମହାକବି Scott ଙ୍କର The Lay of the Last Minstrel ର 'ଉପକ୍ରମଣିକା' ଅନୁବାଦ କରିବାକୁ ଆଦେଶ ଦେଲେ ଏବଂ ତାହା ସମ୍ପୂର୍ଣ୍ଣ ହେବା ସଙ୍ଗେ

ସଙ୍ଗେ ତାଙ୍କର ଉତ୍ସାହରେ ଅମୂଳ କାବ୍ୟାନୁବାଦରେ ଉଦ୍ୟମୀ ହେଲି, ମାତ୍ର ଉପଯୁକ୍ତ ସାମର୍ଥ୍ୟର ଅଭାବ ଏବଂ ନାନାବିଧ ଅନ୍ତରାୟ ହେତୁ ଏହି କାର୍ଯ୍ୟଟି ୧୯୧୦ ମସି-ହାରେ ଆରମ୍ଭ କରିଥିଲେହେଁ ୧୯୨୨ ମସିହା ପୂର୍ବରୁ ସମାପ୍ତ କରି ପାରି ନ ଥିଲି । ବର୍ତ୍ତମାନ ସମସ୍ତ ଅନୁବାଦ ପୁସ୍ତକାକାରରେ ପ୍ରକାଶିତ ହେଲା ।

ଆଶାକରେଁ ଏହି ପଥାନୁଗାମୀ ସଂଖ୍ୟା ଅଚିରେ ଉତ୍କଳରେ ବର୍ଦ୍ଧିତ ହେବ ।

ପୁଃ

ଏହି ଅନୁବାଦଟି ପୁସ୍ତକାକାରରେ ପ୍ରକାଶ କରିବାକୁ ୧୯୨୩ ପ୍ରାରମ୍ଭରୁ ଉଦ୍ୟମ କରିଥିଲେହେଁ ଉପଯୁକ୍ତ ପ୍ରେସ୍‌ର ସାହାଯ୍ୟାଭାବରୁ ପ୍ରକାଶରେ ବିଳମ୍ବ ଘଟିଅଛି । ପୁଣି ହଠାତ୍ ମୋହର ସ୍ଥାନାନ୍ତର ଗତ ଜୁନରେ ହେବାରୁ ସଂଶୋଧନ କାର୍ଯ୍ୟ ଉପଯୁକ୍ତରୂପେ ହୋଇପାରି ନାହିଁ । ସୁତରାଂ କେତେକ ସ୍ଥଳରେ ଲିପି-ପ୍ରମାଦ ଘଟିଅଛି । ଅନୁବାଦ ଭାଗରେ ୨ୟ ମୁଦ୍ରଣ କେବେ ଘଟିଲେ, ଏହା ଅବଶ୍ୟ ଦୋଷଶୂନ୍ୟ ହେବ ।

କଟକ,
୨୯।୭।୨୫ । } ଶ୍ରୀ ଅଜୟଚନ୍ଦ୍ର ଦାସ ।

ଶେଷବନ୍ଦୀ-ଭାରତୀ ।

(The Lay of the Last Ministrel.)

ଭୂମିକା ।

ମହାମତି 'ସର୍ ୱାଲ୍ଟର୍ ସ୍କଟ୍' ଜଣେ ସୁପ୍ରସିଦ୍ଧ ସ୍କଟଲଣ୍ଡୀୟ କବି । ସେ ବହୁବିଧ କାବ୍ୟ ଓ ଉପନ୍ୟାସ ରଚନା କରି ଇଂରାଜୀ ସାହିତ୍ୟସଂସାରରେ ଅକ୍ଷୟ କୀର୍ତ୍ତି ସ୍ଥାପନ କରି ଯାଇଅଛନ୍ତି ।

ଇଂଲଣ୍ଡର ଉତ୍ତର ସୀମା, ଓଡ଼ିଶାର ଗଡ଼ଜାତ ପରି, ପାର୍ବତ୍ୟ ପ୍ରଦେଶ; ଏହି ଅଂଶ ଇଂଲଣ୍ଡ ଓ ସ୍କଟଲଣ୍ଡ ମଧ୍ୟରେ ଅବସ୍ଥିତ ଏହାକୁ 'ସୀମାନ୍ତ' ପ୍ରଦେଶ ବୋଲାଯାଇ ପାରେ । ସ୍କଟ୍ ଜଣେ ଏହି ସ୍କଟଲଣ୍ଡୀୟ ସୀମାନ୍ତ ପ୍ରଦେଶର ପ୍ରାଚୀନ ଉଚ୍ଚ 'ବୃକଲ୍' ବଂଶଜ ଅଟନ୍ତି । ସେ ସ୍କଟଲଣ୍ଡର ପ୍ରଧାନ ନଗର ଏଡିନ୍‌ବରାରେ ୧୭୭୧ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ସୀମାନ୍ତ ପ୍ରଦେଶର ଲୋକମାନେ ଅତିଶୟ ବୀରତ୍ୱଶାଳୀ ଓ ସ୍ୱଦେଶବତ୍ସଳ ବୋଲି ଖ୍ୟାତ । ସ୍କଟଙ୍କର ସ୍ୱଦେଶପ୍ରୀତି ଏବଂ ଜନ୍ମଭୂମି ପ୍ରତି ଅନୁରାଗ ତାହାଙ୍କର ପ୍ରତ୍ୟେକ କାବ୍ୟ ଓ ଉପନ୍ୟାସରେ ବିଶେଷରୂପେ ଲକ୍ଷିତ ହୁଏ ।

The Lay of the Last Ministrel ଅର୍ଥାତ୍ 'ଶେଷ ବନ୍ଦୀଙ୍କ ଭାରତୀ' ସ୍କଟଙ୍କର ଖ୍ୟାତିଏ ମହାକାବ୍ୟ । ଏହା ୧୮୦୫ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇ ତଦବଧି ଆବାଳବୃଦ୍ଧବନିତାଙ୍କର ଆଦରଣୀୟ ପାଠ୍ୟ-ପୁସ୍ତକମଧ୍ୟରେ ଅତି ଉଚ୍ଚସ୍ଥାନ ଅଧିକାର କରି ଅଛିଅଛି ।

ଯେଉଁ ସାମୟିକ ଘଟନା ଘେନି ଏହି ମହାକାବ୍ୟ ରଚିତ ହୋଇଅଛି, ସେ ସମୟରେ ଉପର୍ଯୁକ୍ତ 'ସୀମାନ୍ତ ପ୍ରଦେଶରେ ବହୁସଂଖ୍ୟକ ବୀର୍ଯ୍ୟଶାଳୀ ସାମନ୍ତ—ନିଜ ନିଜ ଗଡ଼ଜାଗିରି, ସ୍ୱ ସ୍ୱ ଅଧିକାର ଉପରେ ରାଜକୀୟ କ୍ଷମତା ପରିଚାଳନ କରୁଥିଲେ । ସେମାନଙ୍କ ସଭାରେ ବନ୍ଦୀମାନେ ଅତିଶୟ ସମ୍ମାନିତ ହେଉଥିଲେ ଓ ରାଜପୁତାନାର ସୁବିଖ୍ୟାତ 'ଚାରଣ' ଓ ଅନ୍ୟାନ୍ୟ ବନ୍ଦୀମାନଙ୍କ ପରି ସେମାନେ ବୀର ଗାଥା ଗାନ କରି ପ୍ରଭୁ ଓ ଶ୍ରୋତୃବର୍ଗଙ୍କୁ ମୋହିତ ଓ ଉତ୍ତେଜିତ କରୁଥିଲେ ।

ଏହି ସମୟରେ ଇଂଲଣ୍ଡ ଓ ସ୍କଟଲଣ୍ଡ, ଭିନ୍ନ ଭିନ୍ନ ଅଧୀଶ୍ୱରଙ୍କ ଶାସନାଧୀନ ଥିଲା । ଇଂଲଣ୍ଡର ମହାରାଜା

ଏଲିଜାବେଥଙ୍କ ସ୍ୱର୍ଗାରୋହଣ ପରଠାରୁ ଇଂଲଣ୍ଡ ରାଜସିଂହାସନ ଉତ୍ତରାଧିକାରୀ ଶୂନ୍ୟ ହୁଅନ୍ତେ, ସ୍କଟଲଣ୍ଡର ଯୁବକୋଚିତ ‘ଜେମସ୍ ଷ୍ଟୁଅର୍ଟଙ୍କୁ ଇଂଲଣ୍ଡର ପ୍ରଜାବର୍ଗ ଉକ୍ତ ସିଂହାସନରେ ପ୍ରତିଷ୍ଠାପିତ କଲେ । ଜେମସ୍ ଷ୍ଟୁଅର୍ଟଙ୍କ ମାତା ଭୂତପୂର୍ବ ଇଂଲଣ୍ଡ ଅଧୀଶ୍ୱରଙ୍କ ବଂଶଜା ଥିଲେ; ଏଣୁ ଦୁଇ ରାଜ୍ୟର ପ୍ରଜା ଏହି ଘଟଣାରେ ଆହ୍ଲାଦିତ ହୋଇଥିଲେ ଏବଂ ଜେମସ୍ ଦୁଇ ରାଜ୍ୟକୁ ‘ଗ୍ରେଟ୍ ବ୍ରିଟେନ୍’ ଆଖ୍ୟାରେ ଶାସନ କଲେ । ତଦବଧି ଏହି ଯୁଗ୍ମ ରାଜ୍ୟ ଏକ ଛତ୍ରାଧୀନ ଅଛି ।

ଜେମସ୍ ଷ୍ଟୁଅର୍ଟଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ପ୍ରଥମ ‘ଚାର୍ଲସ୍’ ଯୁଗ୍ମରାଜ୍ୟର ସିଂହାସନ ଆରୋହଣ କଲେ । ସେ ଅତିଶୟ ସ୍ୱେଚ୍ଛାଚାରୀ ଓ ପ୍ରଜାପୀଡ଼କ ହେବାରୁ ତାହାଙ୍କର ଶିରଚ୍ଛେଦନ କରାଗଲା ଏବଂ ‘କ୍ରମୱେଲ୍’ ନାମକ ଜଣେ ସୁପ୍ରସିଦ୍ଧ ସେନାଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ରାଜ୍ୟରେ କେତେକ ବର୍ଷ ସାଧାରଣତନ୍ତ୍ର ପ୍ରଚଳିତ ହେଲା ।

କ୍ରମୱେଲଙ୍କ ମୃତ୍ୟୁ ପରେ ସାଧାରଣତନ୍ତ୍ରକୁ ପ୍ରଜାମାନେ ଅସ୍ୱାଭାବିକ ମନେକରି ପ୍ରଥମ ଚାର୍ଲସ୍ଙ୍କ ପୁତ୍ରଙ୍କୁ ଆହ୍ୱାନ କଲେ ଏବଂ ତାଙ୍କୁ ଦ୍ୱିତୀୟ ଚାର୍ଲସ୍ ଉପାଧି ଦେଇ ସିଂହାସନରେ ଅଧିଷ୍ଠିତ କଲେ । ଚାର୍ଲସ୍ ସିଂହାସନ ଅଧିକାର କରିବା ପୂର୍ବରୁ ଫରାସିରାଜ୍ୟରେ ପରିଭ୍ରମଣ କରୁଥିଲେ ।

ଏହି ସମୟରେ ଗୋଟିଏ ରମଣୀଙ୍କ ପ୍ରତି ତାଙ୍କର ଆସକ୍ତି ଜନ୍ମିଥିଲା ଓ ତଦ୍ଦ୍ୱାରା ଔରସଜ ପୁତ୍ରଟିଏ ଜାତ ହୋଇଥିଲା ।

ଦ୍ୱିତୀୟ ଚାର୍ଲସଙ୍କର ଧର୍ମପତ୍ନୀଗର୍ଭଜାତ ସନ୍ତାନ ନଥିବାରୁ ଉପର୍ଯ୍ୟୁକ୍ତ ବାଳକ, ରାଜାଙ୍କର ଅପତ୍ୟସ୍ନେହରେ ପାଳିତ ହୋଇଥିଲା ଏବଂ ରାଜା ଉକ୍ତ ପୁତ୍ରଟିକୁ 'ଡିଉକ ଅବ୍ ମାନ୍ମଥ' ଅର୍ଥାତ୍ ମାନ୍ମଥ ପ୍ରଦେଶର ସାମନ୍ତ ରାଜା ଉପାଧି ପ୍ରଦାନ କରି, ସୀମାନ୍ତ ପ୍ରଦେଶର ପ୍ରାଚୀନ ଓ ଗୌରବାନ୍ୱିତ 'ବ୍ରୁକଲ୍ଷ ସାମନ୍ତ ରାଜବଂଶୀୟ' ଉତ୍ତରାଧିକାରିଣୀ ଅନିନ୍ଦ୍ୟ ସୁନ୍ଦରୀ 'ଏନ୍ ସ୍କଟ'ଙ୍କ ସହିତ ତାହାଙ୍କୁ ବିବାହ ଦେଇଥିଲେ ।

ଦ୍ୱିତୀୟ ଚାର୍ଲସଙ୍କ ମୃତ୍ୟୁ ପରେ ତାହାଙ୍କ ଅନୁଜ, ଦ୍ୱିତୀୟ ଜେମସ୍ ଉପାଧି ଧାରଣ କରି ବୃଟିଶ ସିଂହାସନ ଅଧିକାର କଲେ । ଏହି ସମୟରେ ଉକ୍ତ 'ମାନ୍ମଥ' ରାଜଦ୍ରୋହାଚରଣ କରି ପରାସ୍ତ ଓ ଧୃତ ହେଲେ ଓ ଦ୍ୱିତୀୟ ଜେମସଙ୍କ ଆଜ୍ଞାରେ ତାହାଙ୍କର ଶିରଚ୍ଛେଦନ ହେଲା ।

ପତିପରାୟଣା ମାନ୍ମଥ-ରମଣୀ ନାମ୍ନୀ ପ୍ରକାଶିତ ଉପନ୍ୟାସିକାପଦ୍ୟର 'ସାମନ୍ତ-ବଲ୍ଲଭୀ' ଅଟନ୍ତି । ସ୍ୱାମିଙ୍କ ରକ୍ଷା ପାଇଁ ସେ ବହୁ ଆୟାସ ସହକାରେ ଇଂଲଣ୍ଡକୁ ଆସିଥିଲେ, ମାତ୍ର ଭଗ୍ନମନୋରଥ ହୋଇ ସେଠାରୁ ସ୍ୱରାଜ୍ୟକୁ ବାହୁଡ଼ି

ସ୍ୱକୀୟ ରାଜଭବନରେ ତାଙ୍କର ଏକମାତ୍ର ପୁତ୍ର ଓ ଏକମାତ୍ର କନ୍ୟାଙ୍କୁ ନେଇ, ପ୍ରଜାପୁଞ୍ଜର ହିତସାଧନରେ ମନୋନିବେଶ କଲେ ।

ତାହାଙ୍କର ରାଜଭବନ ଉପକ୍ରମଣିକା-ଲକ୍ଷିତ ସ୍କଟଲଣ୍ଡ ଅନ୍ତର୍ଗତ 'ଫୋର' ତଟିନୀ କୂଳରେ ଅବସ୍ଥିତ ।

ଦ୍ୱିତୀୟ ଜେମସ୍ ଅତି ଅଳ୍ପ ସମୟ ମଧ୍ୟରେ ସ୍ୱେଚ୍ଛାଚାରିତାର ପରିଚୟ ପ୍ରଦାନ କରିବାରୁ, ବ୍ରିଟିଶ ପାର୍ଲିଆମେଣ୍ଟ ତାହାଙ୍କୁ ସିଂହାସନଚ୍ୟୁତ କରି 'ଅରେଞ୍ଜ'-ବଂଶୀୟ 'ଉଇଲିୟମ' ଙ୍କୁ ୧୬୮୯ ଖ୍ରୀଷ୍ଟାବ୍ଦରେ ସିଂହାସନରେ ଅଧିଷ୍ଠିତ କଲେ । ଦ୍ୱିତୀୟ ଜେମସଙ୍କଠାରୁ ଷ୍ଟୁଆର୍ଟ ବଂଶ ଲୋପପ୍ରାପ୍ତ ହେଲା ।

ଏହି ସମୟ ଇଂଲଣ୍ଡ ଇତିହାସର ଗୋଟିଏ ସନ୍ଧିସ୍ଥଳ । ସମୟସ୍ରୋତ ବର୍ତ୍ତମାନ ଭିନ୍ନ ପ୍ରବାହରେ ଧାବିତ । କବି ଏହି ସମୟର ରାଷ୍ଟ୍ର-ବିପ୍ଳବ ଅଧି କାବ୍ୟର ଉପକ୍ରମଣିକାରେ 'ଷ୍ଟୁଅର୍ଟ ଅସହେ ନବନେତ୍ରପାତ' ଇତ୍ୟାଦି ବର୍ଣ୍ଣନା କରି ଶୋକ କରୁଅଛନ୍ତି । କବିଙ୍କର 'ଶେଷ-ବର୍ଦ୍ଧା' ବୃଦ୍ଧଙ୍କୁ ମାନୁଷ-ରମଣୀଙ୍କ କକ୍ଷରେ ବସି, ତାଙ୍କର 'ଗାଥା' ପୂର୍ବାବଳି ଗାନ କରୁଅଛନ୍ତି ।

ଉପକ୍ରମଣିକା ।

(Introduction.)

୧

ବହୁଦୂର ଭ୍ରମି ଶୀତ ପବନରେ,
ଶ୍ରାନ୍ତ ବୃଦ୍ଧବନ୍ଦୀ ସର୍ବ କଳେବରେ;
ମ୍ଳାନ ମୁଣ୍ଡଶିରେ କୁନ୍ତଳ ଟଳିତ,
ଦେଖି ମନେ ହୁଏ ସୁଖରେ ବର୍ଦ୍ଧିତ;
ମୂର୍ଖ-ସୁଖ-ସ୍ପୃହା-କେବଳ-ବାଞ୍ଛକ-
ସୀତା ବହେ ସଙ୍ଗେ ଅନାଥ ବାଳକ ।
ଚାର୍ତ୍ତିଃ-ବୀରତ୍ୱ-କାହାଣୀ-ଗାୟକ—
ବୃନ୍ଦ ମଧ୍ୟେ ବୃଦ୍ଧ ଗୋଟିକ ସନ୍ତ୍ରକ;
ଅହା ! କାହିଁ ଅଜ୍ଞ ବନ୍ଦୀଙ୍କ ସୁଦନ.
ଭ୍ରାତୃ-ଜୀବ-କୁଳ କାଳଗର୍ଭେ ଲୀନ ( )
ଗୌରୁହୀତ ଏବେ ବନ୍ଧୁ ପରିତ୍ୟକ୍ତ,
ମୃତ୍ୟୁଙ୍କୁ ଡାକନ୍ତି ବୃଦ୍ଧ ଅବିରତ;
ନାହିଁ ଅଙ୍ଗ ବାଜ କଦମ-କୁଶଳ
ଭରତ ସ୍ତମ୍ଭ ବା ଗୀତ ଉତ୍ତରଳ;
ନାହିଁ ସମାଦର, ପ୍ରୀତିସମ୍ଭାଷଣ,
ରାଜ-ଗେହେ ପୂର୍ବ ସମ୍ମୁଖ ଆସନ;

ଯାଙ୍କୁ ଉଦ୍ଦେଶି ରଚି କେତେ ଗୀତ,
କରୁଥିଲେ ରାଜା ରାଣୀଙ୍କୁ ମୋହିତ ।
ନାହିଁ ପୂର୍ବ କଥା; ପୂର୍ବ ସ୍ମୃତି ଗତ,
'ସ୍ତୁଆର୍ଟ' ଆସନେ ନବ ନରପତି;
ବିଜେତାଙ୍କ ଏବେ ନିଷ୍ଠୁର ବିପନ୍ନ,
ବୀଣା ବ୍ୟବସାୟ ଦୋଷ ମଧ୍ୟେ ଗଣ୍ୟ;
ବୀଣା ଘେନି ଦ୍ୱାରେ ଦ୍ୱାରେ ହୀନ ଭିକ୍ଷା,
ଏକମାତ୍ର ଆଜି କବିଙ୍କ ଜୀବିକା;
ତୋଷୁଥିଲେ ପୂର୍ବେ ନୃପତି ଶ୍ରବଣ,
ମୋହନେ ପ୍ରୟାସୀ ଆଜି ଚଷାକର୍ଣ୍ଣ !

୨

ବାହାରି ଅଟ୍ଟ ନବର ଉଠିଛି,
ନିଉର୍କ 'ଯେରୋ'-ତୀର-ନିକୁଞ୍ଜରୁ ଶିର;
ଭ୍ରମଣ-ଅଭ୍ୟାସୀ, ଚଳିଗଲେ ଯାଇଁ,
ଦେଖନ୍ତି ନିକଟେ ସୁଦ୍ର ବାସ ନାହିଁ ।
ଅତି ସଙ୍କୋଚିତେ ଅବଶେଷେ କବି,
ପ୍ରବେଶିଲେ ତୁଙ୍ଗ ତୋରଣ-ଦେଉଡ଼ି !

---

୨୮ । ଯେରୋ—ସ୍କଟ୍‌ଲଣ୍ଡ ନଦୀ (Yarrow) ।
୩୨ । ବଡ଼ଲୋକ-ଅଟ୍ଟାଳି ।

କେତେ ଥର ଏହି ଶଲାକା-ଦୁଆର,
ଭରିଛୁ ଅରାତି-ଦର୍ପ ତିରସ୍କାର;
ମାନି ସଦା ନାସ୍ତି-କାକଳି-ଉଚାଟ,
ପାରିଁ ଅନର୍ଗଳ ବିଶାଳ କବାଟ !
ଶଙ୍କାଯୁକ୍ତ ଗତ, ପୂଜ୍ୟ-ଅର୍ଘ୍ୟ-ସ୍ତବ,
ଦେଖି ସୌଧ-ଚୂଳ ସାମନ୍ତ-ବଲ୍ଲଭୀ,
ଅଦେଖିଲେ ଛାମୁ ବାଳକ-ଶ୍ରେଷ୍ଠଙ୍କୁ
ଚଟନ୍ ପଞ୍ଜକେ ରଖିବେ ତୁଷ୍ଟଙ୍କୁ । (୧୦)
ବଢ଼ିକୁଲେ ବଢ଼ି ମଧ୍ୟ ବାମା-ଜନ୍
ଭେଥିଲେ ଦେହେ ଦୁଃଖେ କଷଣ;
ମସ୍ତକ-ଛେଦକ ପ୍ରବଳ 'ମାନୁଥ'
ସହିତେ ସୁନ୍ଦରୀ ଛନ୍ଦଥିଲେ ହସ୍ତ ।

ଅଚିରେ ସୁନ୍ଦର ସେବା ସୂଚନେ,
ପାଶେହୋଇଲେ ଛାନ୍ତ୍ର ସୁନ୍ଦରୀ-ସଦନେ ।
ପାସୋରିଲେ ଦୁଃଖ, ଉଠିଲ୍ଲ ପ୍ରଶ୍ନରେ,
ବୈତାଳିକ ତେଜ ଶୀର୍ଣ୍ଣ କଳେବରେ !

---

୬୬ । ଶଲାକା-ଦୁଆର-ତୋରଣର କବାଟ; ଶତ୍ରୁଦଳଙ୍କୁ ହଟାଇବା ସକାଶେ ଶଳାକା-ରକ୍ଷିତ ।
୬୨ । ଭେଥିଲେ-ଜଡ଼ିଥିଲେ, ଅନୁଭବ କରୁଥିଲେ ।

ବଖାଣିଲେ ଖ୍ୟାତ ଦେବାଙ୍କ ଜନକ,
ଗନ୍ଧର୍ବଗଣ ଯେତେ ସନ୍ତୋଷେ ଗାୟକ; (୧୮)
ପିତାମହ କଥା କହିଲେ ବବର,
ତାଙ୍କୁ ବଳ ବଳୀ ଭେଟେ ନାହିଁ ଅର;
ଜାଣିଥିଲେ ଧୂତ-ଜେମା-ପିତୃକୁଳ,
ସାରବରଙ୍କର କାହାଣୀ ବହୁଳ;
ବନଭ କରିଲେ ବଳାଇବେ ଚିତ୍ତ,
ଶୁଣିବାକୁ ଦେଇ ଦରବୃ ସଙ୍ଗୀତ ।
ନାହିଁ ସତ୍ୟ ପୂର୍ବ ପାଣ୍ଡବ ସେ କଟେ,
ଅବା ସୁଲଳିତ ମାଧୁର୍ଯ୍ୟ କଣ୍ଠରେ,
ମାତ୍ର ବୀଣା ପ୍ରତ ଶ୍ୟାମାଙ୍କ ଅଦର
ଥିଲେ କରିବେ ସେ ବାଦ୍ୟ ପ୍ରୀତିକର । (୧୦)

୪

ଲବ ବାଁଷ୍ଟା ଦେଲ ଛାମୁରେ ତୋଟର;
ବାଧିଲେ କଲ୍ୟାଣୀ ସଙ୍ଗତ ସତ୍ୱର;
ଯ ନ ପ୍ରତବଶନ୍ତେ ସଖିଜନେ ଜେତନେ,
ବେଳେ ଅହିଁ ସର୍ଗ ସଜନୀଗହଣେ,
ଭୁଟେ ବନ୍ଦଦମ୍ଭ, କର୍ପା ଅଳ କଲେ !
ବୀଣାତାରେ କର ଅଙ୍ଗୁଳ ନ ଚଳେ;

କଅଁଳ ଶ୍ରୀହସ୍ତ, କାହିଁ ସେ ଅଭୟ,
ମୋହିତ କରିବେ ମୋହିନୀ-ହୃଦୟ !
ମୂର୍ତ୍ତି-ମୂର୍ତ୍ତି-ସ୍ଫୁରିତ ଶୋକର ମୂରତି
ପୂରି ହୋଇ ଅଟନ୍ତି ଜଡ଼-ଜଡ଼ମତି,
ଜାଗିଛି ଅକୁଳ ହୃଦ ଅବସନ୍ନ,
ବୃଥା ସେ କରନ୍ତି ବାଦନେ ଯତନ !

୫

ଦରିଦ୍ର ଦଶାରେ ଗୁରୁର୍ଣ୍ଣୀତା ଚିତ୍ତ,
ପ୍ରବୋଧ କରନେ କଲେ ଉତ୍ସାହିତ !
ଥିଲେ ହେଲେ କବି କର; ଅଭିମାନେ
ଝଙ୍କାରନ୍ତି ବାଣୀ ହେଲେ ଏକତାନେ ।
ଡାକିଲେ ଗାୟକ ରହସ୍ୟ ସ୍ମରଣି
କବି ସେ ବୋଲନ୍ତେ ଗାଥା ସୁରତନେ ;
ଘଟନ୍ତେ ନ ଥିଲା ହେବ ପୁଣି ଯୋଗ
ଟେକିବାକୁ ତାହା ଲଭିବେ ନିୟୋଗ;
ରାଜା ରାଣୀ ପାଇଁ ରଚିତ ଯେ ଗୀତ,
କାହିଁ ସେ କରନ୍ତା କୃଷାଣଙ୍କୁ ପ୍ରୀତ ?

---

୮୧ । କୃଷାଣ=କୃଷକ, ଚଷା; ୨୭ ପାଦଟୀକା ଦେଖ ।

ହୂତ-ମଣ୍ଡଳ 'ଗୃରଲ୍'-ସଭାରେ
ଗାଇଥିଲେ ଦିନେ 'ହଲ୍‌ରୁଡ଼୍'ଠାରେ;
ସ୍ମୃତି ଗାଇବାକୁ ବଳେ ଆଜ ମନ,
ପାଇବେ କି ସତେ କବି ତା ସ୍ମରଣି ?
ଅନ୍ତର୍ହିତ ବୁଲେ କରଜ ବୀଣାରେ,
ଥାଇ ଅଧରେ ତନ୍ନୁ କୂଜନ ଝଙ୍କାରେ;
ବାରମ୍ବାର ବନ୍ଦୀ ଡେରୁଛନ୍ତି କାନ,
ବାରମ୍ବାର ଶିର ହଲେ ସନ୍ଧାନ । (୯୦)

୭

ପଡ଼ିଅଛୁ ମନେ ଏବେ ତ ସଙ୍ଗୀତ,
ସ୍ମୃତି ମୁଖରୁ ହେଉଛୁ ପ୍ରଗୀତ;
ଆବେଶେ ଭ୍ରମର ନେଇ ରଙ୍ଗପାଟେ,
କବି-ହୃଦ-ଦର୍ପ ନାଚଇ ଉଲ୍ଲାସେ;
କେବେ ପଞ୍ଚମରେ, କେବେ ବା ମଧ୍ୟମେ,
ଉଠେ ପଡ଼େ ତା'ର ସ୍ୱର ସମ୍ଭ୍ରମେ;

---

୮୭ । ଗୃରଲୀ—ଚାର୍ଲ୍‌ସ (Charles) ଶବ୍ଦର ଅପଭ୍ରଂଶ; ପ୍ରଥମ ଚାର୍ଲ୍‌ସ ସ୍କଟ୍‌ଲଣ୍ଡ ପରିଦର୍ଶନ ପ୍ରକାଶ ୧୬୩୩ ମସିହାରେ ଯାଇଥିଲେ ଓ ଏଡ଼ିନ୍‌ବରା ନଗରରୁ ଦୂରରେ 'ହଲିରୁଡ଼୍' ପ୍ରାସାଦରେ କିଛିଦିନ ଅଧିଷ୍ଠାନ କରିଥିଲେ

ସାକ୍ଷାତ-ଘଟଣା, ଅପଣା ଦୁର୍ଗତି,
ଶୋକ, ଶ୍ରମ, ସ୍ମୃତି, ଭୁଲିଲେ ସପଦ;
କାହିଁ ଗଲା ଗୀତି ଅଙ୍ଗରେ କମ୍ପନ,
ଗୀତି-ଉଚ୍ଛ୍ୱାସରେ ସରବେ ମଗନ; (୧୦୦)
ପ୍ରଚାରିତ-ସ୍ମୃତି-ଗିରିରୁଁ ପ୍ରସୂତ,
କବିକଣ୍ଠୁ ହେଲା ବାଣୀ ଆବିର୍ଭୂତ !
ଭାବ ଅନୁରୂପେ କଲ୍ପ ବାଣୋତ୍ସନ,
ଗାଇଲେ ଭାରତୀ ଗାଥିକ ଏସନ :—

ପ୍ରଥମ ସର୍ଗ ।

ଅବତରଣିକା ।

'ମେଘବନ୍ଦୀ-ଭାରତୀ' କାବ୍ୟକୁ ଅନୁଧାବନ କରିବାକୁ ହେଲେ ନିମ୍ନଲିଖିତ କେତୋଟି କଥା ପାଠକମାନଙ୍କୁ ସ୍ମରଣ ରଖିବାକୁ ହେବ । ସ୍କଟଲଣ୍ଡ ଅନ୍ତର୍ଗତ ଡୁକଲ୍ ବଂଶୀୟ ସୀମାନ୍ତ ରାଜ୍ୟର ଅଧିପତି ୱାଲଟର ସ୍କଟ୍ , ବ୍ରାଙ୍କସମ୍ ନାମକ ଦୁର୍ଗର ସାମନ୍ତ ରାଜା ବା ଲର୍ଡ଼ ଥିଲେ । ସେ ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ (୧୫୫୨ ଖ୍ରୀଷ୍ଟାବ୍ଦରେ) କାର୍ ବଂଶୀୟ ସାମନ୍ତ ରାଜାମାନଙ୍କ ସଙ୍ଗେ ଖଣ୍ଡଯୁଦ୍ଧରେ ଏଡ଼ିନ୍‌ବରା ନଗରରେ ହତ ହୋଇଥିଲେ । ତାଙ୍କ ମୃତ୍ୟୁପରେ ତଦୀୟ ବିଧବା ରାଣୀ ଦୁର୍ଗେଶ୍ୱରୀ ହେଲେ । ତାହାଙ୍କର ମାର୍ଗାରେଟ୍ ନାମ୍ନୀ ଗୋଟିଏ ରୂପଲାବଣ୍ୟବତୀ କୁମାରୀ ଓ ଅଲ୍‌ବେନ୍ସ୍ ଏକମାତ୍ର କୁମାର ଥିଲେ । ଜଡ଼ଟି ସର୍ବଦା ମାତାଙ୍କ ଅନୁକ୍ଷଣ ପ୍ରତୀକ୍ଷାରେ ସୁସଜ୍ଜିତ ଓ ସୁରକ୍ଷିତ ହେଉଥିଲା । ବିଧବା ରାଣୀ ତାଙ୍କ ପିତାଙ୍କଠାରୁ ତନ୍ତ୍ରବିଦ୍ୟା (ଭୌତିକବିଦ୍ୟା) ଶିକ୍ଷା କରିଥିଲେ ଓ ତାଙ୍କର ସୌଧଚୂଳସ୍ଥିତ ଗୋଟିଏ ନିଭୃତ କକ୍ଷରେ ଗୁପ୍ତଭାବରେ ତାହା ସାଧନା କରୁଥିଲେ । ସେ ନଦୀଦେବତା ଓ ବନଦେବତାଙ୍କ ମନକୁ ଅର୍ଥ କରି ପାରୁଥିଲେ । ଲର୍ଡ଼ 'କ୍ରାନସ୍ଟନ୍' ନାମକ

ଅତି ଜଣେ ଯୁଦ୍ଧକ ସାମନ୍ତ ରାଜା। ସ୍କଟବଂଶୀୟମାନଙ୍କ ସଙ୍ଗେ ଅନେକ ଦିନରୁ କଳହରେ ଲିପ୍ତ ଥିଲେ। ଲର୍ଡ ସ୍କଟ କାରଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ ଯୁଦ୍ଧ ହୋଇଥିଲା, ସେଥିରେ ଲର୍ଡ କ୍ରାନଷ୍ଟନ, କାର୍‌ବଂଶୀୟଙ୍କର ସହାୟତା କରିଥିଲେ ଓ ସେଥିଲାଗି ସ୍କଟବଂଶ ଓ କ୍ରାନଷ୍ଟନଙ୍କ ବଂଶ ମଧ୍ୟରେ ଭୟାନକ କ୍ରୋଧାଗ୍ନି ପ୍ରଜ୍ୱଳିତ ହୋଇଥିଲା। ଦୈବଯୋଗେ ଲର୍ଡ କ୍ରାନଷ୍ଟନଙ୍କ ସଙ୍ଗେ ମାର୍ଗାରେଟଙ୍କର ଗାଢ଼ ପ୍ରଣୟ ଜାତ ହେଲା; କିନ୍ତୁ ବଂଶ—ବୈରଯୋଗୁଁ ସେମାନେ ଏ କଥା ମାତାଙ୍କ ଆଗରେ ପ୍ରକାଶ କରିବାକୁ ଅସମର୍ଥ ହୋଇ ଲର୍ଡ କ୍ରାନଷ୍ଟନଙ୍କ ସଙ୍ଗେ ବିବାହସୂତ୍ରରେ ଆବଦ୍ଧ ହୋଇ ପାରୁ ନ ଥିଲେ। ଏହି ସ୍କଟବଂଶର ଜନୈକ ପୂର୍ବ ପୁରୁଷ 'ମାଇକେଲ୍ ସ୍କଟ୍' ଜଣେ ପ୍ରଧାନ ଐନ୍ଦ୍ରଜାଲିକ (ତାନ୍ତ୍ରିକ) ଥିଲେ। ବ୍ରାଙ୍କସମ୍ ଦୁର୍ଗଠାରୁ ୧୨ ମାଇଲ ଦୂରବର୍ତ୍ତୀ ମେଲରୋଜ ନାମକ ମଠରେ ତାହାଙ୍କର ସମାଧି ହୋଇଥିଲା। ଅନ୍ତିମ କାଳରେ ସେ ତାଙ୍କର ପୂର୍ବ ତାନ୍ତ୍ରିକଶିଷ୍ୟ ଓ ଉକ୍ତ ମଠର ମହନ୍ତଙ୍କୁ ଆଦେଶ କରିଥିଲେ ଯେ, ତାଙ୍କ ଶବସଙ୍ଗେ ସମାଧିରେ ଐନ୍ଦ୍ରଜାଲିକଙ୍କ ଭେଳକବିଦ୍ୟା ପୋଥି ପ୍ରୋଥିତ ହେବ ଏବଂ ତାହାର କୌଣସି ଉତ୍ତରାଧିକାରୀ ଦୁର୍ଗାଧିପତି, ପୁରୁଷ ହେଉନ୍ତୁ ବା ରମଣୀ ହେଉନ୍ତୁ, ବିପତ୍ତି କାଳରେ ଉକ୍ତ ପୁସ୍ତକ ଲୋଡ଼ିଲେ, ମହନ୍ତ ଉକ୍ତ

ପୋଥିକୁ ସମାହିତ୍ତୁ ବାହାର କରି ତାଙ୍କୁ ଦେଲେ ଏବଂ ସେମାନେ ପ୍ରତିଜ୍ଞାବଦ୍ଧ ଥିଲେ ଯେ ସେ କେବେ ଅନ୍ୟ ପ୍ରକାଶ କରିବେ ନାହିଁ ।

ବକ୍ତବ୍ୟ ।

ରବି ସମାଗତ; ଭାଙ୍କସମ୍ ଦୁର୍ଗରେ କୈଣ ଭୋଜ ହୋଇଅଛି । ପାଦ୍ରି ମିଚ ଓ ହାମନ୍ତବୃନ୍ଦ ସତ୍ରାତ୍ରି ର ବିଶ୍ରାମ କରୁଅଛନ୍ତି । ବାର୍ଦ୍ଧା ଦୁର୍ଗେଶ୍ୱରୀ ଦୈବ-ଦୂର୍ଲଭିତ ତାଙ୍କ ନିଭୃତ କକ୍ଷରେ ସମାସୀନା । ସ୍ୱହସ୍ତ ବାମହସ୍ତ ଶୁଣିଲେ, ଦୁର୍ଗଜେଷ୍ଠିତ ନଦୀ, ଭୂଯଶଙ୍କ ତାଙ୍କ କୋମାର ଭବିଷ୍ୟତ ସମ୍ବନ୍ଧରେ ପ୍ରଶ୍ନ କରୁଅଛନ୍ତି ଅଦ୍ୟ ପ୍ରତ୍ୟୁତ୍ତର କରୁଅଛନ୍ତି କି ଯେପର୍ଯ୍ୟନ୍ତ ଦୁର୍ଗରେ ଗର୍ବେଶ୍ୱରୀ ଶର୍ବରୀ ପ୍ରତିର ଗତ ଅବାଧ ହୋଇଅଛି, ସେପର୍ଯ୍ୟନ୍ତ ତାଙ୍କ ନଈସୋଦ ବାଙ୍ଗାଲରେ କୁଶଳବର୍ଷଣ କରିବେ ନାହିଁ । ଦୁର୍ଗାଧ୍ୟାମିନୀ ତାଙ୍କ କନ୍ୟା ମାର୍ଗାରେଟଙ୍କ ପ୍ରଣୟୀ ହ୍ୟୁଜ ଦ କ୍ଲେଟୋର ହାନସ୍ତନଙ୍କ ସହିତ ଶୁଭପରିଣୟ ପକ୍ଷରେ ଅନ୍ତର୍ଯ୍ୟ ବାଧାଦାନୀ ଥିଲେ; ଯେହେତୁ ଉକ୍ତ ହାନସ୍ତନ କାଉର ବିଗ୍ରହ ଏବଂ ସ୍କଟଲଣ୍ଡୀୟଙ୍କ ଦ୍ୱନ୍ଦବେଷ୍ଟନରେ ସହାୟତା କରି-ଥିଲେ । ନଦ ଓ ମିଚଙ୍କ କଥା ଶୁଣି ସୀମନ୍ତିନୀ ପ୍ରତିକାରହିତ୍ତୁ ଓହ୍ଲାଇ ସନ୍ତୁପ୍ତରେ ଉପନୀତ ହେଲେ ଏବଂ ଉକ୍ତିଶତ

'ଫିଟେଲ୍‌ଡରେନ୍' ନାମକ ଜଣେ ସାମନ୍ତ ଯୋଦ୍ଧଙ୍କୁ ମେଲ୍‌ରୋଜ ସ୍କଟ୍‌ଲଣ୍ଡିତ ସ୍କଟ୍‌ବଂଶଧର ଭୂତପୂର୍ବ ଐନ୍ଦ୍ରଜାଲିକ ମାଇକେଲ୍ ସ୍କଟ୍‌ଙ୍କ ସମାଧିରୁ ତାଙ୍କ ଭୋଜବିଦ୍ୟା ପୁସ୍ତକ ଆଣିବାକୁ ପ୍ରେରଣ କଲେ । ସାମନ୍ତ ଏକାକୀ ଅନ୍ଧକାରରେ ବହୁଦୂର ଅଶ୍ୱାରୋହଣ କରି ବନ୍ଧୁ ଗିରିନଦୀ ଅତିକ୍ରମପୂର୍ବକ ମେଲ୍‌ରୋଜରେ ନିଶୀଥ ସମୟରେ ଉପନୀତ ହେଲେ, ତୁରଙ୍ଗଶାଳାରେ ଅଶ୍ୱ ସଂଯତ କରି, ସେ ମହନ୍ତଙ୍କ ପ୍ରକୋଷ୍ଠ ଅନୁସନ୍ଧାନପାଇଁ ମଠ ଅଭ୍ୟନ୍ତରରେ ପ୍ରବେଶ କଲେ । ପ୍ରଥମସର୍ଗରେ ଉପରଲିଖିତ ବିଷୟ ବନ୍ଦୀମୁଖରେ ବର୍ଣ୍ଣିତ ହୋଇଅଛି ।

୧

ଯଦ୍ୟପି ଭୋଜି 'ବ୍ରାଙ୍କସ' ନଗରେ,
ଚିନେ ଗୁଣୀ ତାଙ୍କ ବଚନ କଷ୍ଟରେ;
ଯେ କଷ୍ଟ ବିଷମ ମନ୍ତ୍ରରେ କୀଳିତ,
ନୁହନ୍ତ ସାଧନ ଲୋକେ ଅବଗତ;
ଘୋଟିଲ ପାତକ ଶୁଣିଲେ ଶ୍ରବଣେ,
କି ପୁଣି ନ ଘଟେ ତାହା ଉଚ୍ଚାରଣେ ?

---

୧ । ଭୋଜି—ଦୈବଜ୍ଞ ଭୋଜକ ।

ବ୍ରାଙ୍କସ-ବ୍ରାଙ୍କସମ୍ ନଗର 'ଟ୍ୱିଡ' ନଦୀ ତଟସ୍ଥ 'ହାବିକ' ଏହାର ନିକଟବର୍ତ୍ତୀ । ଏହି ନଦୀ 'ଉଇଦର' ତୋଟିଏ ଶାଖା



ଦରବନାଶିନୀ । ଦୁର୍ଗେଶନନ୍ଦିନୀ ।
ସେ ଚଣ୍ଡ ମାରସ୍ତ ରଶ୍ମି, ମାଲାରି ।
ଜଗ୍ଧ-ମତ ରାଶୀ ଛଡ଼ା ଅନ୍ତ
ମାତ୍ର ହୋଇ ନାହିଁ କଷର ଦେଲି । (୯)

୨

ସହ୍ଯାଦ୍ରି ଏବେ ଭୋଜ ସମାପନେ,
ସରଅସ୍ତୁ ଜୁଙ୍ଗ ସନ୍ତାନକେତନେ;
ଅବାଧରେ ତହିଁ ସାମନ୍ତ ସହିତ
ଖଞ୍ଜଣି ବାଳକ ପାରାଦ୍ଧ ମିଳିତ;
କଏ ଅବା ଶୂନ୍ୟ—ମନେ ବିହରଇ,
କେ ବା ହସନ୍ତୀ—ଉତ୍ତାପ ସେବଇ;
ପାରିଧିର ଶ୍ରାନ୍ତ କାହିଁ ତୃଣାସନେ
ମେଣ୍ଟାଏ ତ୍ଵାହାଳ ମୁଦ୍ରିତ ନୟନେ;
ସ୍ୱପ୍ନେ କେତେ ପଶୁ ଗୋଡ଼ାଏ ପ୍ରଚଣ୍ଡେ
ଶଇଳ ଠଙ୍କରୁ ଅନୁପ ଭୂଖଣ୍ଡେ । (୧୦)

୩

ଊନବିଂଶ ଶୂର—ବରଙ୍କ ଫଳକ
ସଭାସଦନରେ କରେ ଝକମକ;

---

୧୬ । ହସନ୍ତୀ-ଉମ୍ନାଇ; ଅଗ୍ନି-ପାସ ।

ଊନବିଂଶ ପାଜ ମନ୍ଦୁରାରୁ ସାଜ
ଅଶ୍ୱ ଦଅନ୍ତୁ ଯେ ଶୂରେ ବାଜରାଜ;
ଊନବିଂଶ ପ୍ରାଂଶୁ ପଦାତ-ଭୂଷଣ
ଶୂରଙ୍କ ବିଧାନ ପାଳନେ ଉତ୍କର୍ଣ୍ଣ;
ସର୍ବେ ଏହି ଶୂରେ ପ୍ରତାପ-ପ୍ରବଳ
ସ୍କଟ-ବଂଶଧର ସମରେ ଅଟଳ ।

୪

ତହିଁ ମଧ୍ୟୁ ଦଶ ଶୂର ସୁସଜ୍ଜିତ
ନିଶି-ଦିନ ଅଙ୍ଗ ଅୟସୀ-ଭୂଷିତ, (୩୦)
କଟିଦେଶେ ସଦା ଅସି ସାରସନ,
ହସ୍ତ୍ୟ-କର୍ଷ-ଚକ୍ର ଉପାନହେ ଲଗ୍ନ;
ବିଶ୍ରାମ ଲୋଡ଼ନ୍ତି କଞ୍ଚୁକିତ ବକ୍ଷ
ଉପାଧାନ କରି କଠିନ ଫଳକେ ।
ଭୋଜନରେ ବସି—ଥିଲେ ମଧ୍ୟ ଙ୍କାର
କରେ କରବାଣ ଶୋଭଇ ରୁଚିର,

୨୯ । ପାଜ--ଶୂରମାନଙ୍କ ଅଣ୍ଟୁବନ୍ଧ ସଙ୍ଗୀ (**Squire**) ।

୩୦ । ହସ୍ତ୍ୟକର୍ଷଚକ୍ର—ଅଶ୍ୱାରୋହମାନେ ଘୋଡ଼ାକୁ ଦ୍ରୁତବେଗରେ ଚଳାଇବା ପାଇଁ ଯୋତା ଗୋଇଠିରେ ଏକ ଚକ୍ର ବାନ୍ଧିଥାନ୍ତି (**Spur**) ।

ମଧୁ ପିଉଥିଲେ ମଧ୍ୟ, ଶିରସ୍ତ୍ରାଣ
ଗଣ୍ଡ ଚଉଦଦେଶେ ଥାଏ ଶୋଭମାନ ।

୫

ସମସଂଖ୍ୟ ପାତ୍ର ପଦାର୍ଥ ବର୍ମିତ
ଜଗି ବସିଛନ୍ତି ଶୂରଙ୍କ ଇଙ୍ଗିତ;
ନିଦାଘ ତୁରଗ କ୍ଷଣପ୍ରଭା-ଗତ
ସମର ବେଶରେ ଛୁଡ଼ା ହୋଇଛନ୍ତି;
ଅଭେଦ୍ୟ ଶିରସ୍ତ୍ରେ ଏକାଙ୍ଗ ମଣ୍ଡିତ,
ପୃଷ୍ଠାସନ ଅଗ୍ରେ ପରଶୁ ଲମ୍ବିତ;
ପୋଷା ହେଉଛନ୍ତି ଯତନେ ଅବର
ତୁରଗ-ଶାଳାରେ ଶତ ଅଶ୍ୱବର;
ନବର ଉଦରେ ନିୟମ ଏହନ
ହେଉଅଛି ଅନୁ—ଦିବସ ପାଳନ ।

୬

କିପାଁ ଛୁଡ଼ା ହେଷୀ ହମ୍ଭେଷାରେ ?
ଯୋଧବୃନ୍ଦ ଅବା ଜାଗ୍ରତ ନିଦ୍ରାରେ ?
ଜାଗୁଛନ୍ତି କାଳେ ଶ୍ୱାନ ଉଚ୍ଚ-ସ୍ୱନ
ଅବା ଶିଙ୍ଗାନାଦ ଶୁଣିବ ଶ୍ରବଣେ;

୪୩ । ଏକାଙ୍ଗ-ମସ୍ତକ । ୪୪ । ପୃଷ୍ଠାସନ-ଜିନ (Saddle) ।

ଅରିଙ୍କ କେତନ କାଳେ ଦର୍ପଭରେ
ଉମିବ ସାହାଯ୍ୟ ଉଡ଼ିବ ଦୁର୍ଗରେ;
ଚିତ୍ର-ଶୃଙ୍ଗେ କାଳେ ଜଳିବ ଅନଳ
ସମର-ସଙ୍କେତ ହୋଇବ ଉଜ୍ଜ୍ୱଳ ।

୭

ହୋଇଥିଲା ତେଣୁ ଏ ବଧ ପ୍ରଚୁର,
ସାଧ୍ୟ କାର ଦୁର୍ଗେ ତାକୁ ଲଙ୍ଘିବାର !
ଅବନମ ଶୂର ଅଛନ୍ତି ଏଠାରେ,
ମାତ୍ର ଶୂର-ପତି ଆଜ କେଉଁଠାରେ ? (୬୦)
ଉତ୍ତିପୃଷ୍ଠେ ଅହା ! କୃପାଣ ଅଳସେ
ଭଗ୍ନ ଭଲ୍ଲ ପାଶେ ଝୁଲିଛି ବରଷେ;
ଶତ ଶତ ବନ୍ଦୀ ବୋଲିବେ ସଙ୍ଗୀତ
ଭୂତଳେ କେସନ ହେଲେ ସେ ପତିତ;
ସୀମାନ୍ତ ଅଗ୍ରତ ପ୍ରତାପ କାଟରଶି,
ପଳାଇଲେ ଯେବେ ସର୍ବସ୍ୱ ଉପେକ୍ଷି,
ନାଗରିକେ ତୋର, ଚକ୍କିଲ 'ଏଦନ୍' ।
ଦେଖିବାକୁ ଥିଲା ଲଲାଟେ ଦୁର୍ଦ୍ଦିନ !

---

୬୦ । ଶୂର-ପତି-ସାମନ୍ତ-ରାଜ (Lord). ।

୬୨ । [୩୮୫-୪୦୦ ଧାଡ଼ି ନୋଟ ଦେଖ] ଏଦନ୍—ସ୍କଟଲଣ୍ଡର ପ୍ରଧାନ ନଗର ଏଡ଼ିନ୍‌ବରାର ଅପଭ୍ରଂଶ । ଏହିଠାରେ ସର ଜ୍‌ଅଲ୍‌ଟର ସ୍କଟ୍ କାର୍‌ବେଶଙ୍କ ସଙ୍ଗେ ଖଣ୍ଡ ଯୁଦ୍ଧରେ ହତ ହୋଇଥିଲେ ।

ରାଜପଥେ ଖଣ୍ଡ—କୃପାଣ-ବଜ୍ରକେ
ଦେଖାଇଲେ ଯେବେ ଅରାତିଙ୍କ ଆଠ, (୭୯)
ରଣ-ରବ କଲା ବଧିର ଶ୍ରବଣ,
ଭୂତଳେ ଭୂମୀନ୍ଦ୍ର ଲଭିଲେ ଶୟନ ।

୮

ସନ୍ଧି ହୋଇଅଛି ସତ୍ୟ ଏହା ପରେ,
ମାତ୍ର ଜଳେ ଭଗ୍ନ ବହ୍ନି ଅଭ୍ୟନ୍ତରେ;
ଦେବତା ସେବାରେ ଭୁଲେ କେବେ ଚିତ୍ତ,
ହେବ କି ସେ ବହ୍ନି ହୃଦୁଁ ନିର୍ବାପିତ ?
ଏକେ କୁଳ-ଚିର-ପରମ ବଇରୀ,
କରିଅଛି ପୁଣି ଘାତ ସେହି ଅରି,
ହୃଦୟ-ସଙ୍କାଳ, ପ୍ରେମ-ସାର-ଧନ,
କି ମୋହରେ ବୁଡ଼ି ପାସୋରିବ ମନ ? (୮୦)

---

୭୯ । ଯୁଦ୍ଧପରେ ସ୍ଥାଣୁବଂଶୀୟ ଓ କୀରବଂଶୀୟ ମାନଙ୍କ ମଧ୍ୟରେ ସନ୍ଧି ସ୍ଥିର ହୋଇଥିଲା ଯେ ଉଭୟବଂଶର ନେତାମାନେ ପାଳିକରି ପ୍ରତିବର୍ଷ ଥରେ ସ୍ଥାଣ୍ବୀଶ୍ୱରସ୍ଥ ବ୍ରହ୍ମତୀର୍ଥକୁ ଗମନ କରି, ଏପକ୍ଷୀୟ ହତବୀରମାନଙ୍କ ଆତ୍ମାର ସଦ୍ଗତି ନିମିତ୍ତ ପ୍ରାର୍ଥନା କରିବେ ଓ ଉଭୟ ବଂଶ ପରସ୍ପର ସହିତ ମିଳିତ ହୋଇଯିବେ କିନ୍ତୁ ଏହି ସନ୍ଧି କାର୍ଯ୍ୟରେ ପରିଣତ ହୋଇ ନ ଥିଲା ।

ରଖ ଦୂରେ ଧର୍ମ—ଶାସ୍ତ୍ର, ନୀତି କଥା,
ରଖ ଦେଶ-ପ୍ରୀତି ହୃଦ-ଉଦାରତା,
କାହିଁ ହୁଅ ବେନି କୁଳର ବଂଶଜ
ଅନୁତାପେ ଆଜ ତୀର୍ଥ ପରିବ୍ରାଜକ ?
କାଲ୍ ପରି ନିଜ କୃପାଣେ ନିଧନ
ଯାହାଙ୍କ କରୁଛ ଏତେ ସ୍ୱସ୍ତ୍ୟୟନ ?
ରହିବ ଯାବତ 'କାର-'ଆଧିପତ୍ୟ,
ରହିବ 'ସ୍କଟ'ଙ୍କ ଶାସନ ଯାବତ,
ହତ-ସାମନ୍ତଙ୍କ କନ୍ଦଳର ଧୂଳି
ଦହୁଥିବ ଦ୍ୱେଷେ ସ୍ୱଜନଙ୍କ ଧୃତ । (୯୦)

୯

ଶିବିକା-ଶାୟିତ ବୀରେନ୍ଦ୍ର 'ବାଲ୍ଟର'—
ଶବ ପାଶେ ଶୋକେ ହୋଇ ଜରଜର,
ଦେଖେତ ପ୍ରଜାପୁଞ୍ଜ ହେଲେ ନତଶିର,

୮୭—୮୮ । ଯେତେ ଦିନ ପର୍ଯ୍ୟନ୍ତ କାରବଂଶଧର ଓ ସ୍କଟବଂଶଧରମାନେ ଦେଶରେ ରାଜତ୍ୱ କରୁଥିବେ ।

୯୧ । ଶିବିକା—ଶବବାହ ପେଟିକା (Coffin) ।
ବାଲ୍ଟର—ସ୍କଟବଂଶୀୟ ହତ ବୀରବର ୱାଲ୍ଟର୍ (Sir Walter ବା Lord Scott) ।

କେତେ ସୁଲୋଚନା କୁସୁମ ରୁଚିର,
ଅଦ୍ରି କର ଅଶ୍ରୁ—ନୀରେ ଯାନ ପଡ଼େ;
କାହିଁଲେ ଉଦ୍ଧତ ! ତୋହର କୂଳରେ;
ମାନି ହତ କାନ୍ତ ରୁଧିରାଙ୍ଗ ପରେ
ବିଧବା-ରମଣୀ ଲୋତକ ନ ହରେ;
ପୁଷ୍ପାଞ୍ଜଳି କରୁଁ ପଡ଼େ ତାହିଁ ଯାନେ.
ଘୃତ୍ରର ମତ ଧୃତ—ଶୋଧର ଭିଆଣେ; (୧୦୦)
କୋପ-ହୁତାଶନେ ଜଳେ ମର୍ମସ୍ଥଳ,
ଶୁଖେ ହେଲେ ଅଦ୍ରି-ଭ୍ରବାଦ ସକଳ;
ହୃତେ ନଥିଲା ଲୋଚନୁ ଲୋତକ
ଯାବତ ଭୂର୍ମାଦ୍ରି ପୋଗଣ୍ଡ ବାଳକ,
ଧାତ୍ରୀ କୋଳୁଁ ଦନେ ପ୍ରଚଣ୍ଡେ ଗ୍ରାସଇ
" ପିତୃବଧ ଶୋଧ ନାଶେ ମୁଁ ନେବଇଁ ।
ତନୟ ବଚନେ ପୁଲକିତ ତନୁ,
ଅଚାରିତ ଧାରା ବହିଲା ନୟନୁ,
ପଦ୍ମ-ଡ଼ୋକା-ଜଳେ ଉଠନ୍ତେ ଶିଶୁଗଣ୍ଡ,
କାହିଁକ ହୁଅଇ ଚଣ୍ଡୀ ହୃଦ-ଚଣ୍ଡ । (୧୧୦)

---

୧୫ । ଯାନ—୨୧ ଧାଡ଼ି ଲିଖିତ ଶିବିକା ।

୧୬ । ଉଦ୍ଧତ—ଟିକିଅର୍ଥ ନଦୀ ।

୧୦

ମୁକୁଳିତ ରୁକ୍ଷ ନୀଳ କେଶପାଶ,
ମୁକୁଳିତ ଅଙ୍ଗ ଅଯତନ ବାସ,
ତାତ ଶବପାଶେ ଅଧୋମୁଖୀ ଧନୀ,
ବିକଳେ କାନ୍ଦଇ କେତେ କେମନ୍ତି !
ଝୁରୁଛି କେବଳ ପିତୃଶୋକାତୁରା,
ଅତନୁ ପରଶେ ମଧ୍ୟ ସେ ବିଧୁରା;
ଭାସେ କେବେ ପ୍ରେମ-ନୈରାଶ୍ୟ-ସାଗରେ,
କେବେ ଶଙ୍କାକୁଳା ହୁଅଇ ଅନ୍ତରେ;
କା ସାହସେ ଫେଡ଼ି କହିବ ନୂତନା
ଜନନୀଙ୍କୁ ଏବେ ହୃଦୟ-ବେଦନା ? (୧୨୨)
ସମ୍ପି ଥିଲା ଯାଙ୍କୁ ପ୍ରାଣ ବିମ୍ବାଧରୀ,
'ଷ୍ଟାନ୍‌ଷ୍ଟନ' କୁମର ସ୍ୱଜନଙ୍କ ଅରି;
ପ୍ରତିପକ୍ଷ ସଙ୍ଗେ ଯୋଗ ଦେଇ ବଳୀ
ଭିଆରଣି ଥିଲେ ବୃଥା ଘୋର କଳି;
ରଣ ଛଳେ ରାଷ୍ଟ୍ରେ ପଶି ଅକାରଣି
କରିଥିଲେ ବନ୍ଦୀ ନରେଶ ଲୁଣ୍ଠନ ।

---

୧୨୨ । ଷ୍ଟାନ୍‌ଷ୍ଟନ—ଲର୍ଡ ଷ୍ଟାନ୍‌ଷ୍ଟନ ଜଣେ ସାମନ୍ତ ରାଜା ଥିଲେ । ସେ କାରବଂଶୀୟ; ଷ୍ଟୁଅର୍ଟବଂଶଙ୍କ ବିପକ୍ଷରେ ସହାୟତା କରିଥିଲେ ।

ଜାଣିଥିଲା ବାଳା ତଲେ ବଚନାତ
ନୃଚେନ୍ଦ୍ର ହୋଇବାର ମାତୃଦୃଢ଼ଚିତ୍ତ;
ଅର ପୂଜା ପାଣି କରିବା ଗ୍ରହଣ—
ଠାରୁ ସେ ମଣିବେ ଶ୍ରେୟ ତା ମରଣ । (୧୩୦)

୧୧

ଉଚ୍ଚ କୁଳେ ଲଭିଥିଲେ ଦେବୀ ଜନ୍ମ,
ଜନ୍ମଦାତା ଥିଲେ ତାଙ୍କ ବିଷମ;
କରିଥିଲେ ସେହୁ ଅବିଦ୍ୟା ସାଧନ
ଖ୍ୟାତ 'ପାଦୁଆ'ରେ କରି ଅଧ୍ୟୟନ;
ମନ୍ତ୍ରପ୍ରଭାବରେ, ଇଚ୍ଛା-ଅନୁରୂପ
ପାରୁଥିଲେ ଧରି ବୃଥ ବହୁ ରୂପ;
ରବିକରେ ଯେବେ ଗୃଣ୍ଟୁଥାନ୍ତି, ତଳେ
ପଡୁଣି ନ ଥିଲା ଛାୟା କିରି ବଳେ !

୧୨

ତନୁତ୍ୟାଗ ପୂର୍ବେ ଦୀକ୍ଷାଦେଲେ ଗୁଣୀ
ତନୁଜାଙ୍କୁ କଣ୍ଠ ସେ ବିଦ୍ୟାରୁ ପୁଣି; (୧୪୦)

---

୧୩୧ । ଦେବୀ—ବ୍ରାଙ୍କସମ୍ ଦୁର୍ଗର ବିଧବା ରାଣୀ ।

୧୩୪ । ପାଦୁଆ (Padua) ଇଟାଲୀର ଗୋଟିଏ ପ୍ରାଚୀନ ନଗର; ପୂର୍ବେ ଏହା ଭେଳବିଦ୍ୟାର ଗୋଟିଏ କେନ୍ଦ୍ରସ୍ଥଳ ଥିଲା ।

ଯେହ୍ନ ଗୃଣିବଳେ ଅଜ ଅବନତ
ଛାଗ୍ଧାରୁଣୀ ଯେତେ ଗୋଷ୍ଠ ଅଙ୍କାମତ ।
ବସିଛନ୍ତି ଭୀମା ହୋଇ ଏକାସନ
ଏବେ ସୌଧ-ଶିର-କକ୍ଷରେ ବଜନ ;
ସହସା ଶୁଣିଣ ଗମ୍ଭୀର ନିଃସ୍ୱନ
କୁତୂହଳେ ଦେଖି ଡେରନ୍ତି ଶ୍ରବଣ;
ପଲକେ ସେ ନାଦ ନିନାଦିତ କଲେ
ସନ୍ଧ୍ୟ-କମ୍ପିତ ବୃକ୍ଷଲତିକରେ ।
ଅଟଇ କି ଏହା ସଚେତର ରବ
ଅତଡ଼ା ଆଘାତେ ଉର୍ମି କଲରବ ? (୧୫୦)

ଅବା ପ୍ରଭଞ୍ଜନ ବଳେ ଥରହର,
କାନ୍ଦେ ନଦୀତଟେ ତୁଙ୍ଗ ତରୁବର ?
ଅବା ଶୈଳଗର୍ଭୁ ଉଠି ପ୍ରତିଧ୍ୱନି
ମୁଖରିତ କରେ ରୌଦ୍ରଗେ ଅବନୀ ?
କି ଗାବନ୍ତି ଏହା ପ୍ରସର ପ୍ରଖରେ
ଭୂତେଡ଼ି ଦୂର ସୌଧେ କନ୍ଦୁଣସ୍ୱନରେ ?

୧୩

ଚେତେ ଉଠି ସେହି ବସନ୍ତ ନିର୍ଘୋଷେ
ଶ୍ୱାନକୁଳ ତହୁଁ ରାବନ୍ତି ସରୋଷେ;

ଛାଡ଼ି କଉଶିକେ ନିଜ ବାସ ସ୍ଥାନେ
ବୈକୁଣ୍ଠ ଗହ୍ବରେ ଉଡ଼ନ୍ତି ଚୌପାଶେ;
ନଗ୍ରଗାରେ ପାବ ସାମନ୍ତ ସମସ୍ତେ
ଝଡ଼ ଅଇଲଣି ବୋଲି ଏକମତେ,
ଦେଖନ୍ତି ଚକିତେ ଚେନରେ କାହିଁ
ନାରଧର-ସତ୍ତ୍ୱ ପାବେ ମାହ ନାହିଁ ।

୧୪

ଆନ କର୍ଣ୍ଣେ ସିନା ନଦୀଗର୍ଜ୍ଜେ ନାଦେ
ଶୈଳବକ୍ଷ ଭଗ୍ନ ନିର୍ଝରୀ ବିଷାଦେ,
ଅନ୍ୟପାର୍ଶ୍ୱ ସିନା ପ୍ରଭଞ୍ଜନ ବଳେ
ବିପିନରେ କ୍ଷୁବ୍ଧ ପାଦପ ଦୋହଲେ,
ଆନ କର୍ଣ୍ଣ ଯାହା ଗିରି-ଅନୁସ୍ୱନ,
ନଅବା ଝଟିକା—ଅଗମ-ଗର୍ଜ୍ଜନ,
ସେ ସର୍ବର ଥିଲା ଭିନ୍ନ ଭିନ୍ନ ଅର୍ଥ,
ବୁଝିବାକୁ ଏକା ରାଣୀ ସେ ସମର୍ଥ ।

୧୫

କହୁଥିଲା ନଦ ଭୂଧରକୁ ଭାଇ :—
"ଚେଇଁଛ ନା, ଶୋଇ ଗଲଣି ହେ ଭାଇ !"
"ଶୋଇ ନାହିଁ" ଭାଷେ ଉତ୍ତୁଙ୍ଗ ଶୃଙ୍ଗଧର,
"ଶିଖରରେ ମୋର ଖେଳେ ସୁଧାକର;

ଶ୍ୟାମ ଦୂର୍ବାଦଳେ କର ଧରାଧର
ଦୋହାଇ କରମ୍ବରେ ଖେଳନ୍ତି ଅପ୍ସରୀ;
କି ଛନ୍ଦେକେଦେଖ, ପାଦ କେତେ ରଙ୍ଗେ
ନାଚେ ତାଳେ ପଡ଼େ ଗୀତ-ବାଦ୍ୟ ସଙ୍ଗେ !"(୨୮୦)

୧୬

ମହୀଧର ବାଣୀ ଶୁଣି ପ୍ରତ୍ୟୁତ୍ତରେ
ବୋଲେ ବରସୁତ ସକରୁଣସ୍ୱରେ :—
"କଳାକରକରେ ଦେଖ, ବରହ୍ନାଣୀ
ଚିନ୍ତା-ଅବସନ୍ନା 'ବ୍ରାଙ୍କସ'ନନ୍ଦନୀ;
ଅବରୋଧୁଁ ଅଶ୍ରୁ ଭାବନାର ଭାପି,
ଅଛନ୍ତି କଳତି ମୋ ସନ୍ଦର୍ଲରଶି ।
ଜ୍ୟୋତର୍ଲୋକେ ମିତ ! ଜ୍ୟୋତଷ୍କଙ୍କ ଗଣ
ବୁଝିବାକୁ ତୁମ୍ଭ ଅଛଇ ଶକତ;
କହ ଗୁଣି ମୋତେ କେବେ ହେବ ବନ୍ଦ
ପରସ୍ପର ଲାଗି—ଅଛୁ ଯେଉଁ ଦ୍ୱନ୍ଦ ? (୧୯୦)
କି ହୋଇଛୁ ଲେଖା ଲେମା-ଭାଲେ ପୁଣି,
କୋଲଲକ୍ଷ୍ମୀ ହେବ କାହାର ଘରଣୀ ?"

୧୮୩ । କଳାକର—ଚନ୍ଦ୍ର ।
୧୮୪ । ବ୍ରାଙ୍କସନନ୍ଦନୀ—କୁମାରୀ ମାର୍ଗାରେଟ୍ ।

୧୭

ଖଣ୍ଡକାଳ ନର କର ନିରୀକ୍ଷଣ,
ଅଦ୍ରି ପ୍ରତିବାଣୀ କହଇ ଏସନ :—
" ଉଦଧୀ ଲମ୍ବିତ ଧ୍ରୁବମଣ୍ଡଳସ୍ଥ
ଦେଖ, ଜ୍ୟୋତିଷ୍କଙ୍କ ମଠ-ଗଢ଼-ପଥ,
ସୁମେରୁ-ଶିଖର କରେ ପ୍ରଦକ୍ଷିଣ,
ଘୋର ଅନ୍ଧକାରେ ହୋଇ ଅସ୍ତହୀନ;
ଘୂରନ୍ତ ଗଗନେ, ଭ୍ରୂକୁଟି ବଦନେ,
ତମୋବୃତ ମହାଋଷି-ସପ୍ତଜନେ;
ମୃଗଶିରା ଶୁଭ୍ର ରତନଖଚିତ—
ସାରସନା ଶୁହ୍ନଁ, ତିମିରେ ଜଡ଼ିତ;
ବହୁଦୂର ଭେଦ କୁହେଳିକା ସ୍ତର,
ଝଲ୍ଲେଲ ତାରକା କ୍ଷୀଣକଳେବର;
ଗଣନାରେ ନୁହେ ପୂର୍ଣ୍ଣ ବିଶାରଦ,
ମାତ୍ର ଦେଖୁ ନାହିଁ ହୋଇବେ ଶୁଭଦ.

---

୧୯୫ ଓ ୧୯୬ । ଧ୍ରୁବମଣ୍ଡଳସ୍ଥ ଜ୍ୟୋତିଷ୍କ (Little Bear) ଅନ୍ୟନାମ (Arthur) ।

୨୦୦ । ମହାଋଷି-ସପ୍ତଜନେ-ସପ୍ତର୍ଷି-ତାରାଗଣ । ଅନ୍ୟ ନାମ ବୃହତ୍ ଋଷ (Great Bear) ।

ଏହି ସାଜେଯ ତୁହେ, ଯାବତ ଗରବ
ନୋହିବ ନିବେ.., ଧରଣୀଙ୍କ ଗୌରବ;
ଦେଖୁ ନାହିଁ ଶୁଣ, ଯାବତ ପୀରତ
ମନ ଅନୁକ୍ରମେ ନ ହେବ ଗତ ।" (୧୨୦)

୧୮

ନିବର୍ତ୍ତିଲ ବାଣୀ; ଅଦ୍ଭୁତ ଅରବ
କ୍ରମେ କ୍ରମେ ହେଲା ଚୌଦିଗେ ନୀରବ;
ମିଶିଗଲା କାହିଁ ପ୍ରବାହ ବକ୍ଷରେ
କାହିଁ ଅବା ଦୂରେ ପର୍ବତ-କନ୍ଦରେ;
ମାନି ପ୍ରାସାଦର ଚୂଳେ ରହି ରହି,
ଶବ୍ଦ-ଲହରୀ ଘୂର୍ଣ୍ଣି ବୁଲିଲ;
ଘନ ଘନ କେତେ ଭ୍ରମିଲା କକ୍ଷରେ
ବାଜେ ଘର୍ଘର ସ୍ୱନ ଶ୍ରବଣ ବିବରେ ।
ଅନ୍ତିମାନେ ଦେଖି ମହର୍ଷି ବଦନ,
କେତେ ପ୍ରଣାମୀ ଭକ୍ତିରେ ଏସନ :—(୧୨୧)
"ହେବ ସାନୁମାନ ! ତୋ ଶିଖ ନିମିତ୍ତ,
"ଚଲେମେ ବହିବ ସ୍ରୋତ ତୋ ସରିତ,
"ମାନି ଅଭ କରେ ମୋହ ସୁଧା-ପାଣି
ନୋହିବ ଗ୍ରଥିତ ଧ୍ରୁବ ଜାଣ ବାଣୀ !"

୧୯

ପ୍ରକୋଷ୍ଠରୁ ତହୁଁ ଖେଳେ ଅବଶେଷ
ଶେଜେ ହେଲେ ସଖୀ—ଭବନେ ସୁନ୍ଦରୀ;
ଯହିଁ କକ୍ଷଗୁଡ଼ିକେ ଯୋଧବୃନ୍ଦ ମେଳେ
ମହର୍ଷୀ-ନନ୍ଦନ ନାନାରଙ୍ଗେ ଖେଳେ;
ଉଷ୍ଣ-ଭଲ୍ଲ-ଦଣ୍ଡ ହସ୍ତୁ କରି, ପୃଷ୍ଠେ
ବର୍ଗୀ ସାଜି ଭ୍ରମେ କେତେ ଛନ୍ଦେ ହୃଷ୍ଟେ;(୨୩)
କେବେ ଦଉଡ଼ିରେ ତୁରଙ୍ଗ କଳ୍ପିତ,
କେବେ ବା ଲୁଣ୍ଠନେ ହୁଏ ଉତ୍ତେଜିତ ।
ଚୌଦିଗେ ଅଛନ୍ତି ଅଙ୍କିତ ସୈନିକ,
ଶୃଙ୍ଖଳ ସାମନ୍ତ, ସଂଗ୍ରାମେ ଦାମ୍ଭିକ,
ହେଲେହେଁ ହୃଦୟ ପାଷାଣ-ଗଠିତ,
ଦେଖି ଯେହୁ ନୃତ୍ୟ ସର୍ବେ ଲବ୍‌-ଚିତ୍ତ;
କୁମାର ଆକୃତି, ଉତ୍ସାହ, ସାହସ,
ଦେଖି ଉପୁଜଇ ଅନ୍ତରେ ହରଷ;

---

୨୩ ବର୍ଗୀ—ଦସ୍ୟୁ, ଲୁଣ୍ଠନକାରୀ । ଭାରତରେ ମରହଟ୍ଟା ଲୁଣ୍ଠନକାରୀମାନେ ଏହି ନାମରେ ଖ୍ୟାତ ଥିଲେ । ଏଠାରେ ସ୍କଟଲଣ୍ଡ ଓ ଇଂଲଣ୍ଡର ସୀମାନ୍ତ ଲୁଣ୍ଠନକାରୀଙ୍କ ଅର୍ଥରେ ବର୍ଗୀ ଶବ୍ଦ ବ୍ୟବହୃତ ହୋଇଅଛି ।

ଭାଳନ୍ତି ' ନିଶ୍ଚୟ ବଇର-ଦମନ
କରିବ ବଢ଼ିଲେ ଏ କୁଳକେତନ ।'

୧୦

ମୁହୂର୍ତ୍ତେ ତନୟ-ମୁଖ ଦେଖି ଯୋଗୀ
ହୃଦୟରୁ ଗଲେ ଅଭୀଷ୍ଟ ପାସୋରି;
ଅନାୟାସେ ଘମା— ନୟନଯୁଗଳ
ପ୍ରେମ-ମଧୁରସେ ହେଲା ସୁତରଳ;
ଲଭେ ରହି ଭାବ—ଆବେଶରେ ଭୁଲି
ଘୂରଲେ ବଗ୍ରୀ ସ୍ୱଭଦ୍ରେଣୀ ପୂରି;
"ଦଲେଲରେନ" ! ବୋଲି ଜଣଙ୍କୁ ବହ୍ନନ
ଶୂରଦଳ ମଧ୍ୟୁଁ ଡାକିଲେ ତକ୍ଷଣ ।

୧୧

ଥିଲେ ଏହି ଶୂର ବଶାରଦ ରଣେ,
ଭୀମ ପରାକ୍ରମୀ ଅଜେୟ ଲଣ୍ଡନେ;
ଜଣା ଥିଲା ତାଙ୍କୁ କାନ୍ତାର, ଶାଦ୍ୱଳ,
ହିନ୍ଦୁ-ତଟେ ଯେତେ ସିକତିଲ ସ୍ଥଳ;
ରଞ୍ଜୁ ମୁଦ୍ର ବନ ସିକତା-ପ୍ରାନ୍ତରେ
ପାଲୁଥିଲେ ଭ୍ରମି ଅନାୟାସେ ଝରେ;

ଲମ୍ଫ ଦେଇ କେ[illegible] ଉପା[illegible]
ଅର-ଶ୍ୱାନମୃଗ ଆଖନ୍ତି ଏଡ଼ା[illegible]
ଯେତେ ନଦ ନଦୀ ଥିଲା ସେ ଅଞ୍ଚଳେ,
ନାଳିପୃଷ୍ଠେ ପାର ହୁଅନ୍ତି କୁଶଳେ;
ଦବା ମଧ୍ୟେ ଉଠେକ ଅନ୍ତରେ
କାତୀଶି ନ ଥିଲେ ହୁଦେ ବାରବାର; (୧୬୦)
ଘନ ଅନୁକୂଳ, କାଳ କାର୍ଯ୍ୟୋଚିତ,
ଉଷ୍ଣ ପାଟଳ ବା ତାମସ ନଶୀଥ;
ହେମନ୍ତ, ଶିଶିର, ବରଷା, ଗ୍ରୀଷମ
ଥିଲା ଯୋଧ-ପକ୍ଷେ, ସର୍ବେ ଏକ ସମ;
ସୁବିମଳ ପୁଣି ସିଦ୍ଧ-ଅସ୍ତ୍ର-ବେଦ,
ଅଭ୍ୟାସୁ ଭେଦା, ଲକ୍ଷ୍ୟେ ପ୍ରସିଦ୍ଧ;

---

୧୫୨ । ପୂର୍ବେ ସ୍କଟଲଣ୍ଡ ଦେଶରେ ଘାତକ ଶତ୍ରୁମାନଙ୍କୁ ଗୋଡ଼ାଇ ଧରିବା ସକାଶ ଲୋକେ ତାହାଙ୍କ କୁକୁରମାନଙ୍କୁ ଶତ୍ରୁ ପଛରେ ଛାଡ଼ି ଦେଉଥିଲେ । ତାହାଙ୍କ କୁକୁରମାନେ ଘାତକର ପଦଚିହ୍ନ ଅନୁସରଣ କରି ତାହାକୁ ଧରୁଥିଲେ ।

ବହିଷ୍କୃତ ତାଙ୍କୁ କଲେ ପଞ୍ଚ ଥର
ସ୍କଟିଶ-ରାଜ୍ଞୀ ଓ ବ୍ରୀଟନ-ଈଶ୍ୱର ।

୨୨

ଶୁଣ ଚେତିଲେ ଦେବୀ—"ମୂର୍ଖ 'ଦଗ୍ଲେଚରନ' !
ମଙ୍କଟେ ସର୍ବଦା ବଣାସଭାଜନ, (୧୭୦)
ଯାଅ ଶୀଘ୍ର ବାହୁ ଷଡପ୍ରନ୍ତ-ଗତ
ଅସ୍ତ୍ରାଗାରୁ ଯେନ ତୁରଗ ପ୍ରମତ,
ଧୂଳି ନ କରିବ କର୍ଷିବାକୁ ହୟ,
ସ୍ରୋତମାନ ପଥେ ନ ନେବ ଆଶ୍ରୟ.
ଯାବତ ସୁଦୀର୍ଘ 'ତୁଇଦ୍' ପାବନୀ
କୂଳେ ନ ମିଳିବ ଯୋଦ୍ଧକୁଳମଣି !

---

୧୬୭ । ବହିଷ୍କୃତ (Outlaw)—ପୂର୍ବେ ଦୁର୍ଦ୍ଦାନ୍ତ ଅପରାଧୀ ଓ ଦସ୍ୟୁମାନେ ଧରା ନ ପଡ଼ିଲେ ସେମାନଙ୍କୁ ବହିଷ୍କୃତ କରାଯାଉଥିଲା—ଅର୍ଥାତ୍ ତାଙ୍କୁ ଯେ ହତ କରିବ ସେ ପୁରସ୍କାର ପାଇବ ବୋଲି ରାଜା ଘୋଷଣା ପ୍ରଚାର କରୁଥିଲେ ।

୧୬୮ । ତୁଇଦ—ଟ୍ୱୀଡ଼ ନଦୀ (Tweed) ।

ପ୍ରବେଶି ଉତ୍ତରେ 'ମେଲ୍ଲୋଜ' ମଠରେ,
ମୋ ସଙ୍ଗୋଲା ଦେବ ମହନ୍ତଙ୍କୁ ଝଟରେ;
ବୋଲିବ ସେତଙ୍କୁ ଏବେ ଉପସ୍ଥିତ
ହେଲଣି ସମୟ ନିୟତ-ନିର୍ଦ୍ଦିଷ୍ଟ । (୨୮)
ଦେନାଏ କରଣି ନିଶା ଜାଗରଣ
ସମାଧିରୁ ଅଜ ହରିବ ରତନ;
ଏ ଶର୍ବରୀ ସର୍ବ-ଭୂତଳ-ବିଖ୍ୟାତ
ସେଣ୍ଟ-'ମାଇକେଲ'-ରାତ୍ର ବୋଲି ଖ୍ୟାତ;
ତାରାକୁଳ ନଭେ ହେଲେହେଁ ମଳିନ
ସୁଧାଂଶୁ କିରଣେ ନିଶା ତମୋହୀନ;
ଲୋହିତ-ବରଣ ରକ ମହୋଜ୍ଜ୍ୱଳ
କ୍ରୁଶିତେ ସୂଚିବ ସେ ସମାଧିସ୍ଥଳ ।

---

୨୭ । ମେଲ୍ରୋଜ—ଏ ମଠ ବ୍ରାଙ୍କସମ୍ ଦୁର୍ଗଠାରୁ ପ୍ରାୟ ୧୨ ମାଇଲ ଦୂରରେ ଅବସ୍ଥିତ । ଏଠାରେ ମାଇକେଲ ସ୍କଟଙ୍କର ଜାଦୁବିଦ୍ୟା ପୋଥି ପ୍ରୋଥିତ ଥିଲା । ୨ୟ ସର୍ଗ ଦୁଇଧାଡ଼ିର ନୋଟ୍ ଦେଖ ।

୨୮ । ସେଣ୍ଟ-ମାଇକେଲ-ରାତ୍ର—St. Michael's night or Michaelmas—ଖ୍ରୀଷ୍ଟାନମାନଙ୍କ ପର୍ବବିଶେଷ-୨୯ ତାରିଖ ସେପ୍ଟେମ୍ବର ।

୨୩

“ଦେଇବ ଯା ତାପସ ଯତନେ ଅଜୀବ,
ଇନ୍ଦ୍ର ବା ଯୋଗୀଶ ପାଇଁ ନ ଲଭିବ; (୧୨୦)
ସେଥି ଅବା ଲେଖି କବିଏ ଦେଖିବ ଯାହା,
ପ୍ରାର୍ଥୀ ନୋହିବ ଖୋଲିବାକୁ ତାହା;
ଜୀଅର ଦ୍ୱାର ଚରଣେ ପଡ଼ି
କାଳେ ସରିଯିବ, ବାର୍ଥିଠି ଜୀବନ !”

୨୪

ଶେଷ ନ ହେଉଣୁ ସିମନ୍ତିନୀ ବାଣୀ,
ଉତ୍ତରିଲେ ଦର୍ପେ ରୁଦ୍ର-ଅସ୍ତ୍ର-ପାଣି :—
“ଅବଲକ୍ଷା ମୋର ବାଜି ମନୋରଥ,
ଉଦୟୁ ଅଚଳ ଆଦିତ୍ୟଙ୍କ ରଥ,
ଦେଖା ଦେବା ପୂର୍ବୁଁ ପ୍ରତି ଶ୍ରୀଛାମୁରେ
ଲେଉଟିଥିବ ତାହା ପୁଷ୍ପେ ଏହି ପୁରେ (୩୦)
ମହିମା ଦେଖିଣି କିଏ ଜଗତେ ଆନ
ମୋଠାରୁ ବଳିବ ପାରିବ କିଆନ ?

୧୧୭। ଅବଲକ୍ଷା—ସେହି ରଙ୍ଗର ଘୋଡ଼ା—ଯେଉଁ ଘୋଡ଼ା ଦେହ ଧଳା ଓ ତହିଁରେ ଛୋପି ଛୋପି କଳା ଦାଗ ଥାଏ।

ଅବଧାନେ ଘେନ, ଅକ୍ଷର ବା ପଙ୍କ୍ତି
ସୂକ୍ତି ମଧ୍ୟ କେବେ ପଢ଼ି ନାହିଁ, ସତ !
ଶିଶୁଜନନୁଁ ମୁକ୍ତି ଥିଲେ ଲଭିବାର
ନ ଜାଣିବ ପଢ଼ି 'ସ୍ତୁତି' ଅଦ୍ୟ ତାର ।"

୧୫

କାହୁଁ କହୁଁ ଗିରି, ଅଶ୍ୱ ଆରୋହିଲେ,
ନଦ-ନିମ୍ନଦେଶେ କେମିତେ ମିଳିଲେ;
କେମିତେ ଭୂତଳ—ପଦ-ବିଧୂନିତ
ପ୍ରାଚୀର ତୋରଣେ ହେଲେ ଉପନୀତ; (୩୧୦)
କେମିତେ 'ଟ୍ୱିଡ଼' କୂଳ ଅତିକ୍ରମି,
ପଶିଲେ କାନନ—ପଥେ ଚଙ୍କ୍ରମି;
ଶିରପରେ ନତ ତରୁ—ଶାଖାକୁଳ
ଶିରସ୍ତ୍ରାଣେ ବାଜି ହୁଅନ୍ତି ଆକୁଳ;
ଅବଲମ୍ବେ ଲଙ୍ଘି ଘନ ବନଖଣ୍ଡ
ଦେଖିଲେ ଦୂରେ ଗଡ଼ 'ଗୋଲଡିଲାଣ୍ଡ';

୩୦୫—୩୦୬ । ଇଂଲଣ୍ଡରେ ପୂର୍ବକାଳରେ ଯେଉଁମାନେ ଲେଖା ପଢ଼ା ଜାଣୁଥିଲେ, ସେମାନଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତି ମିଳୁଥିଲା । ଦଣ୍ଡାଜ୍ଞାପ୍ରାପ୍ତ ଦଣ୍ଡିତ ବ୍ୟକ୍ତିଙ୍କୁ ସ୍ତୋତ୍ର ('ସ୍ତୁତି'—Psalms) ଗ୍ରନ୍ଥ ପଢ଼ିବାକୁ ଦିଆ ଯାଉଥିଲା ।

୩୧୬ । ଗୋଲଡିଲଣ୍ଡ—Goldiland ଗଡ଼ ।

ବେଡଗ ପାର ହେଲେ କୋଳାହଳମୟ,
ପ୍ରାଚୀନ 'ବ୍ରଥିକ', ଗର୍ଭ ଛିଗୁମୟ;
'ଦ୍ରୁଇଦ'—ପ୍ରେତାମ୍ମା—ବଚରଣ-କୁଟ
ଅଗ୍ରେ 'ମୋଟହିଲ୍' ପ୍ରକଟେ ଅଟୁଟ; (୩୨୦)
କ୍ଷଣକେ ଉଦ୍ୟାନ—ପ୍ରାସାଦ ମାନ
ପଛେ ପଡ଼ି କାହିଁ ହେଲା ଅନ୍ତର୍ଦ୍ଧାନ;
ପ୍ରବେଶି 'ହେଜ୍ଲ୍‌ଡ୍ରୀନ'—ଗଡ଼ରେ ବନ୍ଧନ
ହସ୍ତ ପାର୍ଶ୍ୱେ ଚକ କରିଲେ କମ୍ପନ ।

---

୩୧୮ । ବ୍ରଥିକ—Borthwick; ଟିଭିଅଟ ନଦୀର ଉପଶାଖା ।

୩୧୯ । ଦ୍ରୁଇଦ—ପୂର୍ବେ ବ୍ରିଟେନବାସିମାନେ ପ୍ରତିମାପୂଜକ ଥିଲେ; ସେମାନଙ୍କ ପୁରୋହିତଙ୍କୁ ଦ୍ରୁଇଦ (Druid) ବୋଲା ଯାଉଥିଲା ।

୩୨୦ । ମୋଟହିଲ—Moathill ନାମକ ଗୋଟିଏ ମାଟି ସ୍ତୂପ ।

୩୨୩ । ହେଜ୍ଲ୍‌ଡ୍ରୀନ୍ (Hazeldean)—ଗୋଟିଏ ନିଜ ରାଜାଙ୍କ ଦୁର୍ଗ ।

୩୨୪ । ଚକ—ହସ୍ତକର୍ଷଚକ ବା Spur.

୧୭

ଦ୍ରୁତ-ଅଶ୍ୱ-ବର ଖର ପଦଧ୍ୱନ
ଶୁଣି ବେଗେ ତାଙ୍କ ପ୍ରହରୀ ଉଚ୍ଚୈଃ—
"କିଏ ଏ ନିଶୀଥେ ଧାଏଁ ଏତେ ଦ୍ରୁତ ?
ଛିଡ଼ା ହୁଅ ଧୀରେ, ଗୁପ୍ତ ତସ୍କର !"
"ବ୍ରାହ୍ମଣ ଯୋଧ ମୁଁ" ଗମ୍ଭୀରେ ଉଚ୍ଚାର,
ମିଶି ଦୁର୍ଗ ଭିତ୍ତି ଗଲେ ସେ ବାହାର । ([illegible])
'ଟେମ୍ସ'କୁ ଏବେ ଛାଡ଼ି ବାମେତରେ
ଉଠିଲେ ଉପାନ୍ତୀ-ମୁଣ୍ଡେ ଶୈଳେ ଝଟେ;
ଚୌଦିଗେ ନୀରନ୍ଧ୍ର ଘନ ବନସ୍ଥଳୀ,
ଠାବେ ପଶୁ ନାହିଁ ଆଲୋକର ଝଲି;
ତ୍ରିବଣେ କଳୀ ସେ ବୈର-କଳ-ଗିର,
ହେଲେ ପାର ହେଲେ ସଙ୍କଟରୁ ବୀର;
ଅବତରି ନିମ୍ନେ ସଜଳ ପ୍ରଦେଶେ
ଧରିଲେ ନରେନ୍ଦ୍ର—ମାର୍ଗ ଅବଶେଷେ;
ପ୍ରଶସ୍ତ ସରଣୀ, ସରଳ-ଲମ୍ବିତ,
ସୂଚଇ 'ରୋମ'ର ଗୌରବ ଅତୀତ । (୪୦)

---

୩୭୮ । ନରେନ୍ଦ୍ର ମାର୍ଗ—ରାଜପଥ—ଏହି ରାଜପଥ ଇଂଲଣ୍ଡରେ ରୋମ ଆଧିପତ୍ୟ କାଳରେ ପ୍ରସ୍ତୁତ ହୋଇଥିଲା ।

୨୭

କ୍ଷଣେକ ଶିଥିଳ କଲେ ଦନ୍ତାଳିକା,
ଶ୍ୱାସ ନେଲା କ୍ଷଣେ ବାଜି-କୁଳ-ଟୀକା;
ମିଥ୍ୟାରେ ଝଲକ କୃପାଣ ତୀକ୍ଷଣ
ନେଖିର୍, ଦୃଢ଼ କଲେ ଆସନ ବନ୍ଧନ;
ଝଳା ମାରୁଥିଲା ଶିରସ୍ତ୍ର ମସ୍ତକେ,
ଛନ୍ଦିଲେ ଯତନେ ବନ୍ଦୀ ସଳଖେ ।
ଇନ୍ଦୁକରଧୌତ ଶଇଳ ବନ୍ଧୁର
ଅଗ୍ରେ ଶୋଭେ 'ମିଣ୍ଟୋ' ପେନ୍ସ କୋୟାସ୍ନାପୁର୍,
ନେଠକିଥିଲା ଏଥି ଦିନେ ତୁଙ୍ଗ-ଶିର
'ବାର୍ଣ୍ଣହିଲ୍'ର ଦୁର୍ଗମ ମନ୍ଦିର; (୬·୫୦)

---

୩୪୮ । ମିଣ୍ଟୋ — ସାମନ୍ତ ରାଜା ଲର୍ଡ ମିଣ୍ଟୋଙ୍କ (Minto) ନିବାସ ମିଣ୍ଟୋ ପର୍ବତଶ୍ରେଣୀ ନିକଟରେ ଅବସ୍ଥିତ ।

୩୫୦ । ବାର୍ଣ୍ଣହିଲ୍ — Barnhill ନାମକ ଜଣେ ସୁପ୍ରସିଦ୍ଧ ଦସ୍ୟୁ । ଏହି ଦୁର୍ଭେଦ୍ୟ ମିଣ୍ଟୋ ପର୍ବତଶ୍ରେଣୀର ଉଚ୍ଚ ଦେଶରେ ଏହି ଦସ୍ୟୁ ତାହାର ପ୍ରାସାଦ ନିର୍ମାଣ କରି ନିର୍ବିଘ୍ନରେ ବାସ କରୁଥିଲା । ବର୍ତ୍ତମାନ ଏହି ଗିରିଶ୍ରେଣୀର ଗୋଟିଏ ଉଚ୍ଚ ପାହାଡ଼କୁ ବାର୍ଣ୍ଣହିଲର ପ୍ରାସାଦ ବୋଲି ବୋଲାଯାଏ ।

ପ୍ରିୟା ସଙ୍ଗେ ଶ୍ୟେନ କୌତୁକେ କୁଳାୟୁ
ବାଜେ ଯହିଁ ଶୂନ୍ୟେ, ଦମ୍ଭୀ ମହାକାୟୁ,
ଯୋଜନ ଅନ୍ତରୁ କରୁଥିଲା ଲକ୍ଷ୍ୟ,
ଲକ୍ଷ୍ମଣର ଯୋଗ୍ୟ ଦୁର୍ଭେଦ୍ୟ ଅପକ୍ଷ;
ଦେଖୁଥିଲେ ଏହି ଶିଖରୀ ରୁଚିର
ଦେଶାନ୍ତସ୍ଥ ଶିଙ୍ଗା ଭୀମ-ପ୍ରଭଗିର;
ଏବେ ବହୁକାଳ ବେଣୁ ତାର ବୋଲ,
ଶୁଣି ହେବ ହୃଦ ମୋହରେ ବହ୍ୱଳ;
ଏହି ଶୈଳସ୍ୱାମୀ ଯୋଗ୍ୟ କୁଳଧର
ସଙ୍ଗୀତେ ରଞ୍ଜିବ ନିକୁଞ୍ଜ ଅନ୍ତର; (୩୭୦)
ଶିଖାଇବ ସେହୁ ପ୍ରେମ ମହାବାଣୀ—
'ସର୍ବ ଦମ୍ଭହର ଫୁଲଧନୁପାଣି';
ଭଙ୍ଗି ଅଭିମାନୀ ଲଙ୍ଘି ତା ଶାସନ
ଅନୁତାପେ ସଦା କାଟଇ ଜୀବନ ।

---

୩୬୯ । ଶୈଳସ୍ୱାମୀ ଯୋଗ୍ୟ କୁଳଧର—ମିଣ୍ଟୋ ବଂଶର ଜନୈକ ବଂଶଧର ସର ଇଲିଅଟ ଜଣେ ସଙ୍ଗୀତ ରଚୟିତା ଥିଲେ । ଏହି ଗଳ୍ପ ଯେଉଁ ସମୟର ଘଟନାକୁ ଲକ୍ଷ୍ୟକରି ଲିଖିତ ହୋଇଅଛି, ସର ଇଲିଅଟ ତତ୍‌ପରବର୍ତ୍ତୀ କାଳରେ ଜନ୍ମଗ୍ରହଣ କରିଥିଲେ ଓ ପ୍ରେମସଙ୍ଗୀତ ରଚନା କରିଥିଲେ ।

୨୮

ଅବରୋଧେ ଯୋଧ ବାହାର୍ଦ୍ଦି ଯେତେକ
ମିଳାଇଲ୍ ଶୋଭାର୍ଣ୍ଣୀ 'ରଡେଲ୍' କଟକେ.
ନାହିଁ କୋପେ ଛାଡ଼ ଶିଳାପରିରମ୍ଭ.
ଖର 'ଏଲୀ' କରେ ଭୀଷଣ ଆରବ;
ନାଚେ ଉଠାଇଆ ଫେନିଳ ତରଙ୍ଗ
ଯେସନେ ଚିନା-ହସ୍ତୁ କେଶର ସୁରଙ୍ଗ; (ଗଜ୍ଜନେ)
ବୃଥା ଛବଳାର ଭ୍ରୂକୁଟି ପଙ୍କତ,
କିଏ ରୋଧି ପାରେ 'ଦଲୋରେନ' ଗତ ?

୨୯

ଧଡ଼ସି ପଡ଼ଲେ ସ୍ରୋତରେ ନିର୍ଭୀକ
ବୁଡ଼ିଗଲା ଉତ୍ସେ ଆସନର ଶିଙ୍ଘ;
ସାଦ୍‌ସମ ବାଜି ସର୍ବାଙ୍ଗ ମଣ୍ଡିତ.
ଗ୍ରୀବା ଅର୍ଦ୍ଧ ହେଲା ଜଳରେ ପ୍ଲାବିତ;
ନହଡ଼ ଶୀକରେ ହେଲା ଶୀଘ୍ର ସିକ୍ତ
ପକ୍ଷଗୁଚ୍ଛ ଶୁର— ଶିରସ୍ତ୍ରାଣଚ୍ଛିତ;

---

୩୬୭ । ରଡେଲ୍—Riddel ନାମକ ସାମନ୍ତଙ୍କ ରାଜଧାନୀ ।

୩୬୮ । ଏଲୀ (Aill)—ଟିଭିଅଟ ନଦୀର ଅନ୍ୟ ଗୋଟିଏ ଉପଶାଖା ।

ନିଶୀଥେ ଏ ଜଳ ବହ୍ନି ଗରୁଆର
କିଏ କେବେ ଖର—ସ୍ରୋତ ହୁଏ ପାର !(୩୯୩)
ମାତ୍ର ଶୁଭଙ୍କର ଶ୍ରୀଚରଣୀ ବଳେ
ପ୍ରତ୍ୟେକ ବେନି ଧଇଲେ କୂଳକୋ ।

୩୦

ସମ୍ମୁଖ ପଡ଼ିଲା 'ବୋଡନ' ପ୍ରାନ୍ତର,
ହେଲା ଯୋଧ ହୃଦ, ଶୋକେ ଜରଜର;
'କାର'ଙ୍କ ସଙ୍ଗତେ କଲେ ଅଦେୟ ରଣ
ସ୍ୱପକ୍ଷୀଯେ ଯହିଁ, ଏହି ସେ ପ୍ରାଙ୍ଗଣ;

୩୯୩ । ବୋଦନ ପ୍ରାନ୍ତର—**Bowden Moor.**

୩୯୪—୪୦୦ । ସାମନ୍ତ ଲର୍ଡ ଡ଼ଗଲସ ଯୁବକନୃପତି ପଞ୍ଚମ ଜେମସଙ୍କ ଅଭିଭାବକ ଓ ରକ୍ଷକସ୍ୱରୂପ କାର୍ଯ୍ୟ କରୁଥିଲେ । ୧୫୨୬ ସାଲରେ ସ୍କଟଲଣ୍ଡର କିଶୋର ନୃପତି ପଞ୍ଚମ ଜେମସ୍ ଡ଼ଗଲସଙ୍କ (**Lord Douglas**) ତତ୍ତ୍ୱାବଧାନରୁ ତାହାଙ୍କୁ ଉଦ୍ଧାର କରିବା ସକାଶେ (**Sir Walter Scott**) ଙ୍କୁ ଅନୁରୋଧ କରିବାରୁ ସେ ହଠାତ୍ ଏକ ସହସ୍ର ଅଶ୍ୱାରୋହୀ ସୈନ୍ୟଙ୍କୁ ନେଇ ଡ଼ଗଲସଙ୍କୁ ବୋଦନ ପ୍ରାନ୍ତର ଠାରେ ଆକ୍ରମଣ କଲେ । ଡ଼ଗଲସ ସଙ୍କଟ ଅବସ୍ଥାରେ ପଡ଼ି 'ହୋମ' ଓ 'କାର' ବଂଶର ନିଜ-ଭୂମୀନ୍ଦ୍ରମାନଙ୍କ ସାହାଯ୍ୟରେ ସର୍ ଉଅଲ୍ଟର ସ୍କଟଙ୍କୁ ପରାସ୍ତ

ଅପଟେନ୍ସ ନିରେଖି ସ୍କଟଙ୍କ-କୌଶଳ,
ମିଳିଗଲେ ଦୁଯବେ ମିତ୍ର ଭିନ୍ନ ଦଳ,
ସ୍କଟସେନାଚକ୍ରେ ଲୋହିତ-ବର୍ତ୍ତୀ
ହେଲା ଖଣ୍ଡିକେ ତ ଏହି ରଣାଙ୍ଗନ ! (୩୧)
ଆଉଟେଙ୍କ ଦେଖିଲେ ଭୂପତି-କିଶୋର
ମିଳିତ ସେନାଙ୍କ ଆକ୍ରମଣ ଘୋର;
ରଣଭଗ୍ନ ସ୍କଟ— ଆଉଙ୍କ ଦୁର୍ଦ୍ଦଶା
ଦେଖି ତେଜିଲେ ସେ ଜୟର ଭରସା;

କଲେ; ସ୍କଟଙ୍କର ଅନେକ ସେନା ନିହତହେଲେ ଓ ଅବଶିଷ୍ଟ ସୈନ୍ୟଗଣ ପରାସ୍ତ ହୋଇ ରଣଭଙ୍ଗ ଦେଇ ପଳାଇଲେ । କାରବଂଶୀୟ ଅଧିପତି ସେମାନଙ୍କ ପଶ୍ଚାଦ୍ଧାବନ କଲାବେଳେ ସ୍କଟଙ୍କର ଜଣେ ସୈନିକଦ୍ୱାରା ବକ୍ଷସ୍ଥଳରେ ଆହତ ହୋଇ ମୃତ୍ୟୁମୁଖରେ ପତିତ ହେଲେ । ସେହି ଦିନଠାରୁ ସ୍କଟବଂଶ ଓ କାରବଂଶ ମଧ୍ୟରେ ବିବାଦର ସୂତ୍ରପାତ ହେଲା ଓ ସେହି ବିବାଦର ବିଷମୟ ଫଳସ୍ୱରୂପ ପରେ ଓ୍ୱାଲ୍‌ଟର ସ୍କଟ ୧୫୫୨ ସାଲରେ ଏଡ଼ିନବରା ନଗରର ରାଜପଥରେ କାର-ବଂଶୀୟଙ୍କଦ୍ୱାରା ନିହତ ହେଲେ । ସ୍କଟଙ୍କ ହତ୍ୟା ୭୦—୭୨ ପାଡ଼ିରେ ବର୍ଣ୍ଣିତ ହୋଇଅଛି ।

୩୧ । ଭୂପତି କିଶୋର—ରାଜା ପଞ୍ଚମ ଜେମ୍‌ସ ।

ଯାର 'ହୁମ' ମିଶି 'ଦଗଲସ' ସଙ୍ଗେ
କାଟିଲେ ପଛର ପଳାତକ ବଙ୍ଗେ;
ଆନନ୍ଦେ ପଦାତି ଅଶୀଲି ଭୂତଳେ
ଯାର 'ସେଫାଦ'ଙ୍କୁ ବାନ୍ଧି ବସିଥିଲେ;
ହା ହା ରବେ ହେଲା କମ୍ପିତ ଗଗନ;
କ୍ଷେତ୍ରେ ବାପଶ୍ୱାସେ କା ଘୋର ଦସ୍ଥ ସେଣ । (୦୦୨)

୩୧

ଅସୀରେ କମ୍ପିଣ ଝଞ୍ଜାକୁ ହଜର
ଯାର ହେଲେ ଯୋଧ ଯୁଡ଼ୀତ ପ୍ରାନ୍ତର
ଅଗ୍ରେ ରଣବାଳ ତଳେ ପୁରାତନ
'ମେଲ୍ରୋଜ' ଶୋଭଇ ପାଣ୍ଡୁର ବରଣ;
ଅଭ୍ରଭେଦୀ ତୁଙ୍ଗ ବିଶାଳ ଦେଉଳ
ଡିଭି ଯେତେହେ ଶୈଳ ଜଳ-ଗୁଳ୍ମାକୁଳ;
ଆନନ୍ଦେ ପ୍ରକ୍ଷାଳି ପାଦ ଶୋଭିଛିନା
ଯାଏ ପୂତ-ନୀରା 'ଟୁଇଡ଼' ତଟିନୀ ।

---

୩୧ । ହୁମ—Home ବଂଶର ସାମନ୍ତ ଧର ।
ଦଗଲସ—Lord Douglas.
୩୦୮ । ସେଫୋର୍ଡ—କାର (Kerr) ବଂଶୀୟ ସାମନ୍ତ ।
୪୦୪ । ମେଲ୍ରୋଜ—ମେଲ୍ରୋଜ ମଠର ମନ୍ଦିର ।

ଅର୍ଦ୍ଧ ଯାମେ ଶୂର ଛାଡ଼ିଲେ ନଗର,
ଏବେ ଯାମିନୀର ଦ୍ୱିତୀୟ ପ୍ରହର; (୪୧୦)
ନିଶୀଥ-ଅରେତ ହେଉଛୁ ମନ୍ଦିରେ,
ଉଚ୍ଛୁଳଇ ଧ୍ୱନି ଚପଳ ସମୀରେ;
ଉଚ୍ଛୁଳଇ ଯେହ୍ନେ ସମୀର-ସର୍ଜନ
ବାୟୁ-ପତି ବୀଣା ଦବ୍ୟ ମନ୍ଦ୍ରସ୍ୱନ;
ପହୁଞ୍ଚିଲେ ଯେବେ ଶୂର, କୋଳାହଳ
ହୋଇଥିଲା ମଠେ ସର୍ବବ ନିଷ୍ଫଳ;
ଅଶ୍ୱଶାଳେ ବାନ୍ଧି ଯତନେ ତୁରଗ
ପଶିଲେ ନିଭୃତ ମନ୍ଦିରେ ଶୁଭଗ ।



ନୀରବାଲ୍ଲ ବୀଣା ; ଉଗ୍ର ଘଟନା
ସଙ୍ଗେ ବୀଣା-ପତି ଉଲ୍ଲାସ ଭଜନା; (୪୨୦)
ଅବସନ୍ନ ଚିତ୍ତେ ଜନତାକୁ ନତ
କରି ଗୃହାନ୍ତେ ସେ ଶ୍ରୋତାକୁଳ ପ୍ରତ;

୪୧୪ । ବାୟୁପତି—ଇଓଲସ୍ (Aeolus) ଗ୍ରୀକ
ପୁରାଣୋକ୍ତ ବାୟୁଦେବତା; କଥିତ ଅଛି ତାଙ୍କ ବୀଣାକୁ କେହି
ବଜାନ୍ତି ନ ଥିଲା; ତାହା ବାୟୁଦ୍ୱାରା ବାଦିତ ହେଉଥିଲା ।

ଚଳେ ବର୍ଣ୍ଣି ନେବି ନୟନୁଁ ନନ୍ଦନେ,
ପ୍ରତେ ନାହିଁ ପ୍ରୀତ ହେଲେ ସଜ୍ଜନେ;
ନାହିଁ ଲେଶ କର ହୃଦୟେ ଭରସା
ପଞ୍ଚେପଦେ ଆଜ ଲଭିବେ ପ୍ରଶଂସା;
ଅଛନ୍ତିଲେ ଯେବେ ନିଜ ପୁରବୃତ୍ତ
ହେଉଥିଲେ ପୂର୍ବେ ଯେସନ ଅଦ୍ଭୁତ ।
ଚାଳଣି ବୟସ, ଭ୍ରମଣେ ନାୟତ
ଚିତ ବୀଣାପେଜ, ହସ୍ତ ଅକେତ;
ପ୍ରୀତ ହୋଇଥିଲେ ଗୀତେ ଦେବୀ ପୁଣି
କେମାବୃନ୍ଦ, ଅଜ ସଦୃଶ ତରୁଣୀ;
ଜଣା ଜଣ ହୋଇ ଗୁଣବାଦ ଭାଷି
ଯୌବନ୍ଦଷ କବିଙ୍କୁ ଦେଲେ ମତ୍ତ କାଶୀ;
ଅଳି କଲେ ଗ୍ରାମ ଗୀତ-ଅବଶିଷ୍ଟ
ସ୍ରୋତେ ବନ୍ଦୀଙ୍କ କଣ୍ଠରୁ ସୁମିଷ୍ଟ;
ହରିଷିଲେ ଏବେ 'ସଙ୍ଗୀତ—ରଞ୍ଜନ'
କରିବାକୁ ପୁଣି ବୀଣାତାରେ ସ୍ୱନ;
ଯେଣେ କାଳ ପରେ ଶ୍ରାନ୍ତ କର ଦୂର
ଚାହିଁଲେ ଏସନ କବି-କୁଳ-ଶୂର :—

ଦ୍ୱିତୀୟ ସର୍ଗ ।

ବିଷୟ :—

ମେଲ୍‌ରୋଜ୍ ମଠରେ ବୃଦ୍ଧ ମହନ୍ତ ସାମନ୍ତ-ପ୍ରଧାନ ଡେଲୋରେନ୍‌ଙ୍କୁ ଯାଦୁକର-ମାଇକେଲ୍ ସ୍କଟଙ୍କ ସମାଧି-ମନ୍ଦିର ଅଭିମୁଖେ ନେଇଗଲେ । ବିମଳ ଉଜ୍ଜ୍ୱଳ ଚନ୍ଦ୍ରିକା ବହିଃ ବାତା-ୟନ-ପଥ ପ୍ଲାବିତ କରି ମନ୍ଦିରାଭ୍ୟନ୍ତର ସମୁଜ୍ଜ୍ୱଳ କରୁଅଛି ମାଇକେଲ୍ ଋଷିଙ୍କ ସ୍ତୁତିକ-ଚର୍ଚ୍ଚିତ ପ୍ରତିମୂର୍ତ୍ତିର ଲୋହିତବର୍ଣ୍ଣ ତେଜରେ ଚନ୍ଦ୍ରିକା ପ୍ରତିଫଳିତ ହେଉଅଛି । ତହିଁରୁ ଏକ ରୁଧିରାଭ ଦୀର୍ଘ ନମ୍ରତନ୍ତୁରେ ପଡ଼ି ମାଇକେଲ୍ ସ୍କଟଙ୍କ ସମାଧି-ମୁଖାବରଣ-ଶିଳା ଚିହ୍ନାଇ ଦେଉଅଛି । ନିଶୀଥ ଅତୀତ; ମନ୍ଦିରର ଘଣ୍ଟାରେ ଯେପରି ଗୋଟାଏ ବାଜିଲା, ସାମନ୍ତ ଗୋଟିଏ ଲୌହ ଶଲାକାଦ୍ୱାରା ଅବଶେଷେ ଶିଳା ଅପସାରିତ କଲେ । ତତ୍‌କ୍ଷଣାତ୍ ନିମ୍ନଦେଶରୁ ଗୋଟିଏ ଅଲୌକିକ ପ୍ରଭା ସ୍ଫୁରି ଉଠିଲା ଏବଂ ବିଷଣ୍ଣ ମଠାଧ୍ୟକ୍ଷ ଓ କବଚାବୃତ ଡେଲୋରେନ୍ ବିସ୍ମୟ-ବିମୂଢ଼ ହୋଇ ଦେଖିଲେ ବୃଦ୍ଧ ମାୟାବୀର ତନ୍ତ୍ର-ଗ୍ରନ୍ଥ ବାମକରରେ ଧାରଣ କରି ସଦ୍ୟ-ମୃତ ପରି ଶାୟିତ; ତାଙ୍କର ମୃତ-ଶଯ୍ୟା ହସ୍ତରୁ ଡେଲୋରେନ୍ ନୈପୁଣ୍ୟ-କମ୍ପିତ ଅନ୍ତରରେ ଗ୍ରନ୍ଥଟି କାଢ଼ିନେଲେ ।

ବେଳେ ଶବ, ମୁଖବିକୃତ କଲେବର ବୋଧ ହେଲା । ଶିଳା-ଖଣ୍ଡ ପୂର୍ବସ୍ଥାନରେ ନିପତିତ ହେଲା ଏବଂ ମନ୍ତ୍ରାଧ୍ୟକ୍ଷ ଓ ସାମନ୍ତ ଦଲୋରେନ୍ ଅପସର ପଡ଼ିଲେ ।

ବର୍ତ୍ତମାନ ଚନ୍ଦ୍ର ଅସ୍ତମିତ । ରଜନୀ ଗାଢ଼ ଅନ୍ଧକାରରେ ପରିପୂର୍ଣ୍ଣ । ଭୟବିହ୍ୱଳ ଓ ଆଶଙ୍କାକୁଳ ହୋଇ ଦୁହେଁ ବିକମ୍ପିତ ପଦବିକ୍ଷେପରେ ଅଳିନ୍ଦ ମଧ୍ୟଦେଇ ଯେତେ ଆସିବାବେଳେ ସହସା ଶୂନ୍ୟରୁ ଅଦ୍ଭୁତ ବିକଟ ଚିତ୍କାର ଓ ବିଳାପନାଦସହ ଶ୍ରୋତାସନମଞ୍ଚ ଉପରୁ ଏକ ଭୌତିକ ହର୍ଷଧ୍ୱନି ଶ୍ରୁତିଗୋଚର ହେଲା । ସାଧୁ ନିଜ କକ୍ଷକୁ ପ୍ରତ୍ୟାବୃତ୍ତ ହୋଇ ପରଦିନ ମଧ୍ୟାହ୍ନରେ ମୃତ ଅବସ୍ଥାରେ ଥିବାର ଦେଖାଗଲେ । ଦଲୋରେନ୍ ମନ୍ତ୍ର-ପୁସ୍ତିକା ବକ୍ଷୋଦେଶରେ ଦୃଢ଼ରୂପେ ଧାରଣପୂର୍ବକ ଲୁପ୍ତ ସାହସର ପୁନରୁଦ୍ଧାର ନିମିତ୍ତ ଯଥାସାଧ୍ୟ ଯତ୍ନ କରି ବ୍ରାଙ୍କସ ଦୁର୍ଗାଭିମୁଖରେ ପ୍ରସ୍ଥାନ କଲେ ।

ଉଷାଗମରେ ବ୍ରାଙ୍କସ ଦୁର୍ଗେଶନନ୍ଦିନୀ ମାର୍ଗାରେଟ୍ ପ୍ରଫୁଲ୍ଲଭାବରେ ଦୁର୍ଗରୁ ନିଷ୍କ୍ରାନ୍ତ ହୋଇ ଗଡ଼ ଉପକଣ୍ଠସ୍ଥ ବହୁର ନିକୁଞ୍ଜରେ ପ୍ରିୟତମ ଯୁବରାଜ କ୍ରାନ୍‌ସ୍ତନଙ୍କ ସହିତ ମିଳିତ ହେଲେ । ପ୍ରଣୟି-ଯୁଗଳ ପ୍ରେମାଳାପରେ ନିମଗ୍ନ ଥିବାକାଳରେ ଯୁବରାଜଙ୍କର ପ୍ରିୟ ପିଶାଚଭୃତ୍ୟ କୌଣସି ଅନାହୂତ ବ୍ୟକ୍ତିର ନିକଟାଗମନ ସଙ୍କେତ କଲା । ଭୀତ

ବନ୍ଧୁଳା ରାଜକେମା ଭରତପଦରେ ଦୁର୍ଗଅଡ଼କୁ ପଳାୟନ
କଲେ ଓ ସାମନ୍ତ ଅଶ୍ୱ-ପୃଷ୍ଠରେ ବନ୍ଧୁର-ନକୁଞ୍ଜ ମଧ୍ୟରେ
ଅଦୃଶ୍ୟ ହୋଇଗଲେ ।

୧

ଦେଖିବାକୁ ଯେବେ ବଳିଥାଏ ମତ
ଗୃହୁ 'ମେଲରୋଜ' ଅଟ୍ଟାଳିକାପନ୍ତ,
ଯିବ ନିଶାଗମେ ଚନ୍ଦ୍ରମା ଅଲସେ
ହସୁଥିବ ଯେବେ ପାରଦ-ନଭସେ ।
ଖର ପ୍ରଭାକର କଷ୍ଟୁର ସନ୍ଧାନ
ଦେଖାଏ ସିନା ତା ଭଗ୍ନ ଅଙ୍ଗମାନ,

---

୨ । ମେଲ୍ରୋଜ—ଟୁଇଡ (Tweed) ନଦୀ ତଟସ୍ଥ
ଗୋଟିଏ ପ୍ରାଚୀନ ନଗର । ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗରେ
ସୁବିଖ୍ୟାତ ସ୍କଟଲଣ୍ଡର ଅଧିପତି ପ୍ରଥମ ଡେଭିଡ (David)
ଏଠାରେ ସୁବିଶାଳ ମଠ ପ୍ରତିଷ୍ଠିତ କରିଥିଲେ । ଏ ମନ୍ଦିରର
ଅଦ୍ଭୁତ ଶିଳ୍ପକଳା ଅଦ୍ୟାପି ଅକ୍ଷୁଣ୍ଣଭାବରେ ବିଦ୍ୟମାନ । ବର୍ତ୍ତ-
ମାନ ମଧ୍ୟ ଏହାର ଅସଂଖ୍ୟ କୁଡ଼୍ୟମାନଙ୍କରେ ଦେବ ଋଷିଙ୍କର
ତତ୍କାଳୀନ ଶିଳାବିଗ୍ରହ ସବୁ ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ
ମନ୍ଦିର ଅଥବା ଶ୍ରୀ ଶଙ୍ଖକ୍ଷେତ୍ରର କୋଣାର୍କ ମନ୍ଦିରସ୍ଥ ବିଗ୍ରହମାନଙ୍କ
ପରି ଦୂରାଗତ ଭବୁକମାନଙ୍କୁ ମୋହିତ କରେ ।

ମାଘ ରଜନୀରେ ଝିଲ୍ଲଣି ଭଗନ
ଅହା ! କମନୀୟ କଞ୍ଚୁଳଚରଣୀ;
ଝଂଟକର ଭକ୍ତି-ଅଶ୍ରୁ-ସମୁଦ୍ଭୂତ
ବାତାୟନ-ବାର, ଖଣ୍ଡ-ରଜତ;
ଶୀତାଂଶୁ ଚଞ୍ଚଳ ମୟୂଖର ଜାଳ
ରଙ୍ଗେ ଝଂଟେ ବଡ଼-ଦେଉଳର ଭାଲ,
ଦନ୍ତ୍ରଦନ୍ତେ କେନ୍ଦୁ, ତନ୍ଦୁକ ଅମର
ଦଶେ ଯେତେକ ଗଢ଼ା ସ୍ତମ୍ଭ-କଳେବର;
ଶିଳ୍ପ-ପ୍ରତିକାୟ କାରୁ-କାର୍ଯ୍ୟ ତଟେ
ଉଜ୍ଜ୍ୱଳ-କୌମୁଦୀ-ଉଲ୍ଲାସ ପ୍ରକଟେ;
ଶାସ୍ତ୍ରୋଦ୍ଧୃତ ନାନା ଗୀତାବଳୀ ତଳେ
ଭକ୍ତି-ପୂତ-ରବେ ଅନ୍ତର ଉଜାଳେ;
ସମାଧି ଚୌପାଶେ କୌଶିକୀର ରବ
ସଙ୍ଗେ ମିଶେ ପୁଣି 'ଭୁଦ୍ଦୁ' ଅରବ ।
ଯିବ ଏହିବେଳେ ଜୀର୍ଣ୍ଣ-ସୌଧ-ବନେ,
ଦେଖିବ 'ଦେଉଦ୍ଦେ' କୀରତ ବଜାନେ;

ବସନ୍ତ-ସୁନ୍ଦର ଏ ଛବି ସମାନ
କାହିଁଛି ଭୂତଳେ କହ ପୁଣି ଆନ

୧୩ । ତନ୍ଦୁକ—କେନ୍ଦୁ ।
୨୧ । ସୌଧ-ବନ—ସୌଧରାଶି ।

୨

ମାତ୍ର ନ ରହିଲେ 'ଫଲେତେନ' ବୀର
ଦେଖିବାକୁ ଥରେ ଏ ରୁଚି ରୁଚିର,
ଅଟେ ଯନ୍ତ୍ର-ବ୍ରତ କର୍ତ୍ତବ୍ୟ-ପାଳନ,
ବୃଥା 'ମେଲ୍‌ରୋଜ' ! ତୋ ଛବି ମୋହନ
ମନ୍ତ୍ରକେ ଖରେ ଖରଖଣ୍ଡ ହସ୍ତେ
ପହୁଞ୍ଚିଲେ ବଳୀ ତୋରଣ ପୁରତେ; (୩୦)
ରୁଦ୍ଧ ଦେଖି ଅଗ୍ରେ ସୁଡ଼ଙ୍ଗ-ଦୁଆର,
ଅସି-ମୁଷ୍ଟି ତହିଁ କଲେ ସେ ପ୍ରହାର;
ଶୁଣି ପ୍ରତିହାରୀ ଘନ ଉଗ୍ର-ସ୍ୱନ
ବେଗେ ଅସି ଦ୍ୱାରେ ପୁଚ୍ଛଇ ଏସନ :—
"କିଏ ହେ ! ଏ ଭଳି ମାରୁଥାଅ ଆସ୍ତେ
କିଶା ଅର୍ଦ୍ଧଭାଗେ ତୋରଣ-କବାଟେ ?"
"ବ୍ରାନ୍‌କସ ପ୍ରଣିଧି ! "ସମ୍ଭାଷନ୍ତେ ମୋଧ
ଫେଇଲା ସମ୍ମୁଖେ ଦ୍ୱାରସ୍ଥ ଅବରୋଧ;

---

୨୨ । କର୍ତ୍ତବ୍ୟ-ପାଳନ—ବ୍ରାନ୍‌କସ୍ ରାଣୀଙ୍କ ଆଦେଶ ପାଳନ । ୧ମ ସର୍ଗ ଦେଖ ।

୩୧ । ସୁଡ଼ଙ୍ଗ—ଦୁଆର—ବୃହତ୍ ତୋରଣ ଦ୍ୱାରମଧ୍ୟସ୍ଥ ସାଧାରଣ ଗମନାଗମନ କ୍ଷୁଦ୍ର ପ୍ରବେଶଦ୍ୱାର ।

ଜାଣିଥିଲା ମଠ ପକ୍ଷେ ଦୁର୍ଗେଶ୍ୱରେ
ହେଉଥିଲେ ଛୁଡ଼ା ସନ୍ତତ ସମରେ;
ଭୂମି ଗ୍ରାମ ଅଦ୍ଧ ସେବାତେଲ ଖଞ୍ଜି
ପରଲୋକେ ଶାନ୍ତି ଆଶାନ୍ତେ ଅରଜି ।

୩

କହିଲେ ନିର୍ଭୀକ ଅସିବା କାରଣ;
ଅବନତ-ଶିର ଦୁଆରୀ ତକ୍ଷଣ,
ହସ୍ତରେ ଦଣ୍ଡ ଘେନି ଶୂନ୍ୟ-ପଦେ
କଢ଼ାଇଲା ପଥ ପୁରର ନିଶବଦେ ।
ବୀର-ଦମ୍ଭ-ପଦ-ବିକ୍ଷେପ କମ୍ପିତ
ହେଲା ଦେଉଦରେ ମନ୍ଦିର ଗୁମ୍ଫିତ;
ଝିମିଟେ ବେନିଏ ପହୁଞ୍ଚିଲେ ଯାଇ
ଅପଦେ ନିମଗ୍ନ ଯହିଁ ମଠ-ସାଇଁ ।
ନୁଆଁଇ ମହୁଡ଼ ଭୃଙ୍ଗ-ପକ୍ଷ-ଗୁଚ୍ଛ
ପ୍ରବେଶିଲେ ବୀର କୁଟିରେ ଅନୁଚ୍ଛ;

---

୩୯ । ଦୁର୍ଗେଶ୍ୱରେ—ତାଙ୍କସର ପୂର୍ବ ଦୁର୍ଗପତିମାନେ ।

୪୨ । ଦମ୍ଭ-ପଦ-ବିକ୍ଷେପ—(Measured steps)
ସାମନ୍ତ ଜଣେ ପ୍ରସିଦ୍ଧ ସୈନିକ ।

ଯତିଙ୍କୁ ଦେଖି ସେ ବଦନେ ଏସନ,
କଣ୍ଠରୁ ଟେକି ଓଷ୍ଠ-ଅବରଣ :—

୪

"ସଙ୍ଖୋଳା ତୁମ୍ଭଙ୍କୁ ଦେବାପାଇଁ ଜ୍ଞାନ !
ପେଷିଛନ୍ତି ମୋତେ 'ବ୍ରାଙ୍କସ' କଲ୍ୟାଣୀ,
ଅଜ୍ଞ ହୋଇଛନ୍ତି ନିଯୁତ-ଅଯୁତ
ମୁହୂର୍ତ୍ତ ସମ୍ମୁଖେ ଏବେ ଉପାଗତ;
ବେଳ ତେଣୁ କର ନିଶା ଜାଗରଣ
ସମାଧିରୁ ଆଜ ଲଭିବୁଁ ରତନ ।" (୬୦)
ଏହା ଶୁଣି ମୁନି କୃଶାଙ୍ଗ ଚକିତ
ଅଜିନ ଆସନେ କଲେ ଉପବେଶିତ;
ଶତ ଶିଶିରର ପାତନେ ଧବଳ
ହୋଇଥିଲା କେଶ ଲମ୍ବ ଶ୍ମଶ୍ରୁଦଳ ।

---

୫୯ । ଓଷ୍ଠ—ଅବରଣ—ଇଉରୋପରେ ଭଦ୍ରମହିଳାମାନେ ପୂର୍ବେ ମୁଖଆବରଣ ଦିଅନ୍ତୁଥିଲେ । କଥୋପକଥନ ଓ ପାନାହାରର ସୁବିଧା ନିମିତ୍ତ ଏହାର ନିମ୍ନଭାଗରେ କ୍ଷୁଦ୍ର ଅବରଣ ରହୁଥାଏ ।

୬୦ । ସମାଧିରତନ--ବ୍ରାଙ୍କସ ପୂର୍ବେ ବଂଶର ମାଇକେଲଙ୍କ ସମାଧିସ୍ଥ ମନ୍ତ୍ରଗ୍ରନ୍ଥ—ଯାହାପାଇଁ ସେଣ୍ଟ ଯାମନ୍ତ୍ରଙ୍କୁ ପଠାଇଥିଲେ ।

୫

ଏକଦୃଷ୍ଟେ ନେତ୍ର ବିସ୍ତାରିତ କରି
କହିଲେ ବସୁଦେୟ ବୀରଙ୍କୁ ଏପରି :—
"ଜାଣିବାକୁ ଯାହା ଦମ୍ଭ ତୁମ୍ଭ ମନେ,
ସ୍ୱର୍ଗ ମର୍ତ୍ତ୍ୟ ଜେତା ଯୋଦ୍ଧାନ୍ତି ପ୍ରଚ୍ଛନ୍ନେ:
ବକ୍ଷ-ଆବରଣ ଲୌହ-ଉରସ୍ତ୍ରାଣ,
ଲୋମ-ଅଙ୍ଗରକ୍ଷା ଦେଖ, ପରିଧାନ ! (୭୯)
ତ୍ରିବର୍ଷ ବସ୍ତ୍ରର କଣ୍ଟକ ଆଘାତ
ସହୁ କରିଲଇଁ କୃଚ୍ଛ୍ର ଦନ୍ତପାତ;
ଅନାରତେ ମୋର ଜାନୁନ୍ୟାସେ ଯଥୁ
ହୋଇଛନ୍ତି କଠିଣ ଏହି ଶିଳାଚୟ;
ତେବେହେଁ ନୋହିଲା ଦୁରିତ ଖଣ୍ଡନ,
ନିଷିଦ୍ଧ ଜାଣିଲେ କାହିଁ ନିସ୍ତରଣ ?
ପୂର୍ଣ୍ଣ ତପ-ସ୍ଫୂର୍ତ୍ତି, ଚିର-ପ୍ରାୟଶ୍ଚିତ୍ତ
କରିବାକୁ ବହି ! ବଳାନ୍ତି କି ଚିତ୍ତ ?
କରି ମଧ୍ୟ ସବୁ ଅନ୍ତିମକୁ ତର
ରହିଥିବ ବୀର ! ହୃଦେ ନିରନ୍ତର; (୮୦)

---

୭୧ । କୃଚ୍ଛ୍ର—ପ୍ରାୟଶ୍ଚିତ୍ତ ।
୭୨ । ନିଷିଦ୍ଧ—ଯାଦୁବିଦ୍ୟା (ତନ୍ତ୍ରସେବା) ।

ସେଥିପାଇଁ ଯେବେ ନ ଥାଅ ଚିନ୍ତିତ,
ଆମ୍ଭ ଦୁଃସାହସୀ ଶୂର ! ମୋ ସହିତ ।"

୬

ଶୁଣି ସୁବରଙ୍କୁ ବାକ୍ୟ ଅବସର
ଦେଇ ବୀରେନ୍ଦ୍ର ବହିଲେ ଉତ୍ତର :—
"ଜ୍ଞାନ ସାଧନ ନୁହେ ମୋର କର୍ମ,
ଧନକିଙ୍କୁ ପଦେ ନ ଜାଣେ ଅଧମ;
ସ୍ତୁତି ପାଠ କିବା ଉତ୍ସବ ସକାଶ
ନ ଥାଏ ମୋହର ତିଳେ ଅବକାଶ,
ଜାଣି ମାତ୍ର ଜାଣେ 'ଜୟ ଜଗଦମ୍ବେ !'
ଅରିବର୍ଗ ଭେଦ କରନ୍ତେ ଯେବେ ଦମ୍ଭେ; (୧୦)
ଆନ କାହିଁ ସ୍ପୃହା ନାହିଁ ପିତୃବର !
ପ୍ରମାଦ ମୋ କାର୍ଯ୍ୟ ସଦା ଶୀଘ୍ର କର !"

୭

ଚିନ୍ତାମଗ୍ନ-ତପୀ ଦର୍ପିବାଣୀ ଶୁଣି
ଚାହିଁଲେ ଯୋଧଙ୍କୁ ଶୂନ୍ୟମନେ ପୁଣି;
କୈଶୋରେ ଯୁଝିଣ ଦେଶଦେଶାନ୍ତରେ
ଲଭିଥିଲେ ଖ୍ୟାତି ବହୁତ ସମରେ;
ଯୁବାକାଳ କଥା ପଡ଼ିଗଲା ମନେ,
ଆହା ! କି ଗରବେ ଧାଉଁଥିଲେ ରଣେ !

ତହୁଁ ସୈନିକଙ୍କୁ ଘେନି ଶ୍ଳଥ-ପଦେ
ଆଶ୍ରମକୁ ଗଲେ ସୌଧରାଜି ମଧ୍ୟେ ।(୧୦୧)
ନିବେଶପରେ ଶୋଭେ ଶିଳ୍ପୀ ପୁରାଣ
ସମ୍ମାତଲେ ମୃତ ଶାଶ୍ୱତ-ଶୟାନ ।

୮

ମୁକ୍ତାଫଲଗାଞ୍ଥୀ ହେମବନ୍ଦୁ ଝଲେ
ଲତିକାରେ ପୁଣି ପ୍ରସୂନର ଦଳେ;
ଯେତେବଧ ଲତା ପ୍ରସୂନ ଉଦ୍ୟାନେ
ସର୍ବେ କାରୁକାର୍ଯ୍ୟ ଗଠିତ ଶିଳ୍ପରେ;
ବନ୍ଧୁପତ୍ରୀ ଶଶୀ କର ନିସ୍ପନ୍ଦନ
ଗୃହଁଲେ କୌତୁକେ ନକ୍ଷେ ତପୋଧନ;
ଉଡୁଥିଲେ ରଙ୍ଗେ ହୋଇ ମାଳମାଳ
ନୀବୀତୀ-ଅମ୍ବରେ ଅସଂଖ୍ୟ ଚିହ୍ନ; (୧୦୨)
କୁଙ୍କୁମକୁ ବଳି ଝଳି ମନୋରମ —
ଦେଖିଥିଲେ ସିଦ୍ଧ ଦୃଶ୍ୟ ଏହା ସମ,

---

୧୦୧ । ମୃତ—ଖ୍ରୀଷ୍ଟଧର୍ମାବଲମ୍ବିମାନଙ୍କର ସମାଧି ସେମାନଙ୍କ ଉପାସନାମନ୍ଦିର ବେଢ଼ାରେ ହୋଇଥାଏ ।

ପୂର୍ବକାଳେ ଥରେ କେଷ୍ଟିଲ ନଗରେ,
ଯୂଥେ ଯୂଥେ ଯୁବା କୃତ୍ରିମ ସମରେ
ଚକ୍ରରେ ବୁଲାଇ ତୁରଗ ଚଞ୍ଚଳ
ଫିଙ୍ଗୁଥିଲେ ଯେବେ ଭଲ୍ଲାସ୍ତ୍ର କୁଶଳ;
ଲୁଟିଲେ ତାପସ ଅଳୀକ-ଉଚ୍ଛ୍ୱାସ
ନୃତ୍ୟ ଯା ଅବନୀ ଉଜଳେ ଆକାଶ,
ହେଉଥିଲା କେତେ ଉତ୍ତରୀଣା-ମୂଳ
ଭୂତପ୍ରେତବୃନ୍ଦେ ବସନ-ସଙ୍କୁଳ । (୧୨୦)

୯

ଫେଡ଼ି ସୂଡ଼ଙ୍ଗର ଆୟସ-ଅର୍ଗଳ
ପ୍ରବେଶିଲେ ବଡ଼ ଦେଉଳେ ପୁଗଳ;
ଉଭା ବେନି ପାଶେ ଧାଡ଼ି ଧାଡ଼ି ସ୍ତମ୍ଭ,
କାର କାୟ ଭଙ୍ଗ,କାର ଅବା ଖର୍ବ;
କୋଦଣ୍ଡ-ଆକାରେ ଶିରୁ ବଲମ୍ବିତ
ଦୀର୍ଘ ଛଦ, ନମ୍ର ତମିର-ଜଡ଼ିତ;

---

୧୧୩ । କେଷ୍ଟିଲ—ସ୍ପେନ ଦେଶର ସ୍ୱନାମପ୍ରସିଦ୍ଧ ନଗର; କେଷ୍ଟିଲର ଯୋଦ୍ଧାମାନେ ବର୍ଚ୍ଛା କ୍ଷେପଣରେ ସିଦ୍ଧହସ୍ତ ଥିଲେ

ଅଳିନ୍ଦର ପାର୍ଶ୍ୱ ଖିଲାଣ ଯୁଗଳ
ଡୋହାରେ କୁଞ୍ଚିତ କମ-କଳେବର;
କାହିଁ ଚତୁର୍ଦ୍ଦଳ-ପଦ୍ମ-ପ୍ରସ୍ଫୁଟିତ
ପ୍ରାନ୍ତ ମଧ୍ୟଭାଗ ପ୍ରସ୍ତରଗଠିତ; (୧୫୦)
କାହିଁ ବା ଗଢ଼ା ସେ କୀଳକ-ଉପଳ
ଯେତେକ ତନାଗୋଟି ପୁଞ୍ଜିତ କମଳ;
ଦୁଇ ପାଶେ ପୁଣି ଖିଲାଣ-ଅସନ
କେଠାଳ ଗିଳେନ୍ତ ଦଶର ଭୀଷଣ;
ତଳେ ଅବଲମ୍ବ-ସ୍ତମ୍ଭ ସୁନ୍ଦହାତ
ସୂକ୍ଷ୍ମ ଦନ୍ତକୁଟେ ଶରୀର ଗୁଞ୍ଛିତ;
ନବୀନ ପ୍ରାନ୍ତେ ସ୍ତମ୍ଭପୀଠେ ବା ଶୀର୍ଷରେ
ସୂକ୍ଷ୍ମ କାରୁକାର୍ଯ୍ୟ ଶୋଭେ ଚୌଦିଗରେ;
ମନେ ଆସେ ଯେହ୍ନେ ହୋଇଛନ୍ତି ଛୁଡ଼ା
ଫୁଲ୍‌ହାରେ ଛନ୍ଦା ଭଲ୍ଲୀ'ଶ୍ରୁର ବଡ଼ା । (୧୫୧)

---

୧୨୯ । ଚତୁର୍ଦ୍ଦଳପଦ୍ମ— ଚାରି ପାଖୁଡ଼ାର ପଦ୍ମ ।

୧୩୦ । ମଧ୍ୟଭାଗ ପ୍ରସ୍ତର— ଖିଲାଣର କିଳନ-ପ୍ରସ୍ତର (Key-stone) ।

୧୩୧ । ଖିଲାଣ-ଅସନ— Base of an arch.

୨୦

ବରାଜକର ଅତୀତ୍ର ପୂଜା-ବେଦ ପୂତ,
ବେଦୀ ମଧ୍ୟେ ଜାତିତ ପୋହଳେ ପଦ୍ଧତ,
ପ୍ରଭୁ-ଭକ୍ତି-କୁଳ-ଚିହ୍ନ ସୁଲକ୍ଷିତ
ଜୀର୍ଣ୍ଣ ଢାଲ ପୁଣି କେତୁ ଅଙ୍କିତ
ଜାଦ୍ଦ୍ଧଅଛ ଏଥି ଅକାଳେ ଶୟନ
ପ୍ରଭୁ 'ଅଚବର୍ଣ୍ଣ' ! କିବା ଘୋର ରଣ;
କାଲେ ଆହା ! ଆଜ ମଳିନ ପ୍ରଦୀପ
ସମାଧିରେ ଭୂମ୍ଭ ସୈନିକ-ଅଧିପ !
ଶୋଇଅଛ ପୁଣି ଏହି ବେଦୀତଳେ
ବୀର 'ଲଯଡେଲ' ! ନାହାଁ ଭୂତଳେ; (୨୫୦)

---

୧୪୪ । ଜୀର୍ଣ୍ଣ ଢାଲ ଇତ୍ୟାଦି—ମେନ୍ଲ୍ରଜ ମଠର ପୂଜା-ବେଦୀ ନିକଟରେ ସୁପ୍ରତିଷ୍ଠିତ ଓ ଗୌରବାନ୍ୱିତ ବ୍ୟକ୍ତିମାନଙ୍କର ସମାଧି ଅଛି ଓ ସ୍ୱଜାତୀୟ କୁଳର ମର୍ଯ୍ୟାଦା ନିଦର୍ଶନାଙ୍କିତ ଢାଲ ଓ ପତାକା ପ୍ରଭୃତିଦ୍ୱାର ପ୍ରତ୍ୟେକ ସମାଧିସ୍ଥ ବ୍ୟକ୍ତି ଚିହ୍ନିତ ହୁଅନ୍ତି ।

୧୪୭ । ଅଚବର୍ଣ୍ଣ—ସ୍କଟଲଣ୍ଡର ଜଣେ ସୁପ୍ରସିଦ୍ଧ ସାମନ୍ତ ଯୋଦ୍ଧା ।

୧୪୮ । ପ୍ରଦୀପ—ସୁପ୍ରସିଦ୍ଧ ବ୍ୟକ୍ତିଙ୍କର ସମାଧିଗୃହରେ ପ୍ରଦୀପ ଜଳିବାର ପ୍ରଥା ଅଛି ।

୧୫୦ । ଲଯଡେଲ—ଉକ୍ତ ଦେଶର ଯୋଦ୍ଧା ।

ଶୁଷ୍କ ସନମାନ ! କି ତୁଚ୍ଛ ଆଶୟ !
ତାର ପ୍ରତି ଏତେ ଦଶା ବିପର୍ଯ୍ୟୟ !

୯୧

ପ୍ରାଚୀ ନଭେ ବସି କୁମୁଦ-ଦୟିତ
ବର୍ଷନ୍ତି ସୁଧା-ଧାର ଅଗଣିତ,
ଖେଳଇ କୌମୁଦୀ-ହିଲ୍ଲୋଳ କୌତୁକେ
ଚଉକାଠ ଗୃହୁ ବାତାୟନ ମୁତ୍ରେଣୀ,
ଗର୍ଭ ଭେଦ ଥୋକେ ଗଣି-ବଣା-କର
ଆଲୋଡ଼ନ୍ତି ରଙ୍ଗେ ସଉଧ-ଅନ୍ତର;
ସୂକ୍ଷ୍ମ ଶିଳାଦଣ୍ଡେ ବୋଷ ବେଷ୍ଟିତ,
ଶିଳା-ଲତା-ପତ୍ରେ ମସ୍ତକ ଚୁମ୍ବିତ. (୮୬।)
ପ୍ରତୀତ ହେଉନ୍ତି କୌତୁକୀ ଅପସ୍ରୀ
ବାଳ-ତରୁ-ବାର-ଶିରେ କି ବଲ୍ଲରୀ,
ବାନ୍ଧି ନାନା ଛନ୍ଦେ, ଛୁଇଁ ଦେଲା ରଙ୍ଗେ
ଯାଦୁକର-ଦଣ୍ଡ ସମସ୍ତଙ୍କ ଅଙ୍ଗେ—
ତେଜି ତେଣୁ କି ସେ ପୂର୍ବ ଅପଧନ
ପରିଣତ ହେଲେ ପାଷାଣେ ଏସନ ?
ଲତା ଛନ୍ଦ ମଧ୍ୟେ ସୃଷ୍ଟିକି ଖଚିତ,
କେତେ ସିଦ୍ଧ-ରୂପ ତହିଁ ସୁବଳିତ;

ମଧ୍ୟେ ବସିଛନ୍ତି ମୁନ୍ତି ଦାନବାର,
କରେ ଶୋଭେ ରକ୍ତ ପ୍ରେତଧ୍ୱଂସକାରୀ; (୧୭୦)
ଚୁମ୍ବି ଶଶିକର ପବିତ୍ର ବଦନ,
ଛାୟା ପଡ଼େ ତଳେ ଅରୁଣ-ବରଣ ।

୧୨

ସମାଧି-ମନ୍ଦିର ମଣି-ଶିଳାସନେ
ବସିଲେ ବେଣ୍ଟିଏ କ୍ଷଣେ ଏ ବଜନେ;
ମର୍ତ୍ତ୍ୟଲୀଳା ତେଜି ଆହା ! ଶିଳା ତଳେ
ଶୋଇଥିଲେ ଜଣେ ନୃପତି ନିଷ୍ଠେ ।
ଯାମନ୍ତ୍ରଙ୍କୁ ଏବେ ବୃଦ୍ଧ ତପୋଧନ
ଗମ୍ଭୀରେ ଭାଷନ୍ତି ବଚନ ଏସନ :—
“ଦାରୁଣ ଶୋକରେ ଚିର ଅଭିଭୂତ
ନଥିଲେଁ ନିଷ୍ଟେ ଜାଣ ଅର୍ଦ୍ଧସୁତ ! (୧୮୦)

---

୧୬୯ । ମୁନ୍ତି ଦାନବାର-ମହର୍ଷ ମାଇକେଲ ଖ୍ରୀଷ୍ଟ ପ୍ରଭୁବରେ ପ୍ରେତମାନଙ୍କୁ ଦମନ କରିଥିଲେ ।

ସୁଦର୍ଶନ-ବାନା ତଳେ କେତେ ରଣେ
କୈଶୋରେ ଯୁଝିଲ ବର୍ବର-ଭୁବନେ;
ମାନ ସବସ୍ୱପ୍ନେ ଅଜ ଅସ୍ତ୍ରଧର !
ଦେଖେ ଏ ନୟନ ଶସ୍ତ୍ରାଦ ଭୂମର;
ଚିରସଞ୍ଚିତ ଅଯୂଥ-ଶିଞ୍ଜିତ
କରୁଅଛୁ ଅଜ ଶୃତ ଅଚମ୍ବିତ ।

୧୩

"ଦେଝ ହେଲ ମୋର ନୟତ-ନାଦେଶେ,
ଗୁଣୀ 'ମାଇକେଲ' ସହ ସେହି ଦେଶେ;
ଜନ୍ମି ନାହିଁ ଜଣେ ମାନ୍ତ୍ରୀକର ଅନ
ମରଲୋକେ ହେବ ତାହାଙ୍କ ସମାନ, (୧୯୦)

---

୧୮୧ । ସୁଦର୍ଶନବାନା- ଇଉରୋପର ଖ୍ରୀଷ୍ଟଧର୍ମାବଲମ୍ବି-ମାନେ ମୁସଲମାନମାନଙ୍କ ହସ୍ତରୁ ସେମାନଙ୍କର ପବିତ୍ର କ୍ଷେତ୍ର Jerusalem ଉଦ୍ଧାର କରିବା ନିମନ୍ତେ ବହୁବର୍ଷବ୍ୟାପୀ ଧର୍ମ-ଯୁଦ୍ଧରେ ଲିପ୍ତ ହୋଇଥିଲେ । ଏହି ଦଳର ପତାକା ଚକ୍ର Cross) ଦ୍ୱାରା ଲାଞ୍ଛିତ ହେଉଥିଲା ।

୧୮୮ । ଗୁଣୀ ମାଇକେଲ—ସୁପ୍ରସିଦ୍ଧ ଯାଦୁକର ମାଇକେଲ ସ୍କଟ ବ୍ରାଙ୍କସର ପୂର୍ବ ବଂଶଧର । ପ୍ରୋକ୍ତ ଦାନବାର ମହର୍ଷି ମାଇକେଲ ପୃଥକ୍ ।

ଯାଉଥିଲେ ବଦ୍ୟା ମହାଭଟ୍ଟଙ୍କର
ନଭସ୍ତଳେ ଥିଲେ ସର୍ବେ ବଚସ୍କର,
ଅଧ୍ୟୟନକାଳୁଁ ଅପୂର୍ବ ପ୍ରଜ୍ଞାନ
ହୃଦେରେ ଲଭିଣ ଥିଲେ ପ୍ରଜ୍ଞାବାନ,
ଘୁରାଉଣଥିଲେ ଦଣ୍ଡ ଶିଷ୍ୟାଳୟେ
ବାଜୁଥିଲା ଘଣ୍ଟା ଦୂର ଦେବାଳୟେ;
ଅସାମାନ୍ୟ ସେହି ଶକ୍ତିରୁ କମ୍ପିତ
ଦେଇ ମୋଡ଼ି କଲେ ଭୌତିକେ ପୀଡ଼ିତ,
ଦ୍ୱିଧା ଏହି ଗିରି ଯାହା ଉଚ୍ଚାରଣେ
ସେହି ପଦ ଅଛି ଏବେ ମଧ୍ୟ ମନେ, (୨୦୦)

---

୧୯୮ । ଭୌତିକେ—ଡେମୁ ବଦ୍ୟାରେ ।

୧୯୯ । ଏହି ଗିରି-ମେଲ୍ରୋଜ ନିକଟସ୍ଥ ଅଇଲଡ଼େନ ଗିରି । ପୂର୍ବେ ଏହାର ଗୋଟିଏ ଶିଖର ଥିଲା । କଥିତ ଅଛି ଯେ ଯାଦୁକର ମାଇକେଲ ସ୍କଟ ଗୋଟିଏ ପ୍ରେତକୁ ଦମନ କରିବା ନିମିତ୍ତ ବହୁ ଆୟାସ ସ୍ୱୀକାର କରିଥିଲେ । ସେ ପ୍ରେତ ସର୍ବଦା ନୂତନ କାର୍ଯ୍ୟ ସମାଧା କରିବାପାଇଁ ଆଜ୍ଞା ଅପେକ୍ଷା କରୁଥାଏ । ବିରକ୍ତ ହୋଇ ମାଷ୍ଟ୍ରକର ଦିନେ ତାକୁ ଏହି ଅଇଲଡେନ ଗିରି ତିନିଭାଗ କରିବାକୁ ଆଦେଶ ଦେଇଥିଲେ । ସେ ଉକ୍ତ କାର୍ଯ୍ୟ ରାତିମଧ୍ୟରେ ସମାଧା କରି ପୁନଶ୍ଚ ନୂତନ ଆଦେଶ ପ୍ରାର୍ଥନା କରନ୍ତେ ଗୁଣୀ ଟୁଇଡ ନଦୀରେ ଶିଳାସେତୁ ବାନ୍ଧିବାର ଆଦେଶ

ଅସ୍ତ୍ର ମଧ୍ୟ ମନେ ଯାହା ବଳେ ଯୋଗ୍ୟ !
ପଡ଼ିଲା, 'ଭୂଇଦ' ଗର୍ଭେ ଶିଳାଚକ୍ର ।
ମାତ୍ର ଅତିଜୀବ ପୁତ୍ରୀଙ୍କ ପାତକ
ଉଠାଇଲେ ସେହି ମନ୍ତ୍ର ଜ୍ୟୋତିଷୀଙ୍କ;
ଗୁରୁଶିଷ୍ୟଙ୍କୁ ମନେ ହେଲନି ଦୁଃଖିତ
ତେଣୁ ଏବେ ତହିଁଗୁଡ଼ି ପ୍ରାୟଶ୍ଚିତ୍ତ ।

୧୪

"ଅନନ୍ତରେ ଦେଖିଲେ ଗୁରୁବର ତମୋର,
ସାଧି ଭୀମ-ବିଦ୍ୟା କଲେ ପାପଦୋଷ,
ମିଶିବାକୁ ତାଙ୍କ ପାଶେ ଉର୍ବୀ ଯାଇ
ସଙ୍କେତ କରିଲେ ଦନେ ମୋତେ ସାଇଁ; (୨୧୮)
ଦେବାଗ୍ରେ ସ୍ମୃ ଥିଲ କାହିଁ 'ସ୍ନେହ' ଦେଖେ
ପଡ଼ୁନିଲ ଶପଥପାଶେ ଦେବାଶୀଷେ;

ଦେଲେ । ତାହା ମଧ୍ୟ ପ୍ରେତ ଏକସ୍ୱରରେ ଶେଷ କଲା । ଅତଃପର ବିରକ୍ତ ହୋଇ ସମୁଦ୍ରବାଲିରେ ଜୋଡ଼ିଏ ରଜ୍ଜୁ ପ୍ରସ୍ତୁତ କରିବାକୁ ଆଜ୍ଞା ଦେଲେ । ପ୍ରେତ ଏହା ନ ପାରି ଦେହତ୍ୟାଗ କଲା ଓ ସେହି ଦେବସନ୍ତ ପ୍ରଭୁଙ୍କର ବଶୀଭୂତ ହେଲା ।

କହିବାର ନୁହେ ମୃତ୍ୟୁମୁଖେ ଯାହା
କହିଲେ ବଖାଣି ଗୁଣି-ଗଣ-ନାହା,
କ୍ଷଣେ ସ୍ତୂପାକାରେ ସମାଧି ଉପରେ
ପଡ଼ିବ ଦେଉଳ, ଯଦ ମୂର୍ଖେ ଧରେ ।

୧୫

"ନିୟମ କରିଲ ଦେବ ମହାପୋଥି
ତାଙ୍କ ଶବ ସଙ୍ଗେ ମହୀଗର୍ଭେ ପୋତ;
ପରେ ନ ଜାଣିବେ ତା ପ୍ରୋଥିତ ସ୍ଥାନ,
ବର୍ଣ୍ଣେ ନ ପଡ଼ିବ ଲକ୍ଷଣ-ସନ୍ଧାନ,
କହିବ କାହିଁ କେବଣ ପ୍ରକାରେ
ନହିବ ପୁସ୍ତିକା ଯେଉଁ ଗୁପ୍ତଠାରେ;
ଉତ୍ତରେ 'ବ୍ରାଙ୍କସ' ଛାମୁ କେହି ଯଦ
ଲୋଡ଼ିବେ, ଦେବ ତା ଅଣି ମୁଁ ସପଦ;
ମାତ୍ର ଏତମାତ୍ର ଗ୍ରନ୍ଥ ପ୍ରୟୋଜନ ,
ହେବ ଗୂଢ଼ସ୍ଥାନେ ପୁଣି ସଙ୍ଗୋପନ ।
ଋଷି-'ମାଇକେଲ'-ଆଶାରେ ନିର୍ଜ୍ଜନେ
ପୋତିଲି ତାଙ୍କୁ ଏ ସମାଧି-ପ୍ରାଙ୍ଗଣେ;

୨୨୩ । ଉତ୍ତରେ—ଭବଷ୍ୟତରେ ।

ନିଶୀଥରୁ ହେଲାଥାଏ ମାତ୍ର ହୋର୍,
ଜ୍ୟୋତ୍ସ୍ନା-ଧୌତ-ନଭ ଦିଶୁଥାଏ ଘୋର୍,(୨୨୯)
ମେଘରଙ୍କର ଅଙ୍କିତ କର
ଊର୍ଦ୍ଧ୍ୱେ ଭେଦ କାଚ ରଙ୍ଗ କଳେବର,
କରୁଥାଏ ଯେବେ ପ୍ରାଙ୍ଗଣ ରଞ୍ଜିତ,
ସେ ଚରମ-ଶଯ୍ୟା କଲି ମୁଁ ଶୋଧିତ;
ଯେଣୁ ଜୈବଗୁରୁ ଚକ୍ର-ଛାୟା ତଥି
ପଡ଼ି ଘଉଡ଼ିବ ପ୍ରେତାଦି ଦୁର୍ମତି ।

୧୭

"କି ଶଙ୍କାସଙ୍କୁଳ ସହସା ରଜନୀ
ହୋଇଗଲା ଯେବେ, ଶୂରଶିରୋମଣି,
ସେ ମହାଚେତାଙ୍କୁ ଶୋକାକୁଳ ମନେ
ଶୁଆଇଣି ଦେଲି ଅନ୍ତିମ ଶୟନେ ! (୨୩୦)
ଅଦ୍ଭୁତ ଆରବେ କାହିଁ ସେ ମୁହୂର୍ତ୍ତେ
ହେଲା ଏହି ସୌଧ-ପଙ୍କଜ ଉଦରେ,

୨୨୯ । ହୋର୍—୨॥ ଦଣ୍ଡ, ଏକ ଘଣ୍ଟା (hour) ।

୨୩୦ । ଜୈବଗୁରୁ-ମହର୍ଷି · ମାଇକେଲ, ଯାହାଙ୍କ ପ୍ରତିମୂର୍ତ୍ତି ଊର୍ଦ୍ଧ୍ୱରେ ବାତାୟନ ଫଟିକରେ ଚିତ୍ରିତ ଥିଲା । ହାତରେ ପୁଣି ଗୋଟିଏ Red Cross ଧରିଥିଲେ ।

ଯେନୀ ପ୍ରଭଞ୍ଜନେ କମ୍ପିଲି ଅଧୀରେ
ଜାହ୍ନୁ ଧ୍ୱଜରେଳ ଯେତେକ ମନ୍ଦିରେ !”
କହୁଛନ୍ତି ବସି ବଣୀ ଏହାଙ୍କୁ
ବାହାଙ୍କୁ ଚିତ୍ତ ଘଟଣା କହିବି,
ଭାବେନ୍ତ୍ରୁ ବାଜି ମନ୍ଦେଶ୍ୱା, ପ୍ରଗ୍ନବେର
କାଲି ମଧ୍ୟାହ୍ନୁ ଉହାରଓ ଅତୀତ ।
‘ଦାଲ୍ଲେରେନ’ ଭେଣ୍ଟୁ ନୀତୀଙ୍କ ଜାଣେ
ଗୁଟିଲ ନାହିଁ ଅସୁ ଅବଜ୍ଞାଟଶ ଜଣେ,
ଚଣ୍ଡୁଆନ୍ତି ଯାଙ୍କୁ ରାଜୁଏ ଦୁର୍ବର୍ଷି,
ଭର୍ତ୍ତୃ ଯାଙ୍କ ପାଶ୍ୱ ନ କରନ୍ତ ହୂର୍ଷୀ,
ଘଣ୍ଟାଚରେ ଏବେ ହେଲେ ସେ ଦୀକ୍ଷିତ,
ଘିଟରେଦେଶ—ଟକେଶ ହେଲେ ଠାକୁରିତା ।

୧୭

“ଦାଶିନେଣି ହେଭ !” ସହିଦ ତୋଷାଙ୍କୁ
କହିଲେ ଚଢ଼ୁରେ ଏକାତ୍ରେ ଆସାଙ୍କୁ,
“ଦେଖ ! ଅତ୍ରେ ତେଜି ଦେହ୍ରେ-ରଞ୍ଜିତ
ସୁରେ ଯହିଁ ଗୁଣ୍ଡି-ପୁଙ୍ଗବ ଶୋଭିତ;
ଜଲେ ଉର୍ଦ୍ଧୀ ଓଠେ ଅଭ୍ରୁ ଭଙ୍ଗିତ
ଦାୟ, ଯା ତୋଷିବାରେ ପିଶୋର ନଠ...:

ଜଳିବ ତା ଶିଖା ଅଜସ୍ର-ଅକ୍ଷୟ,
ଯାବତ ନୋହିବ ଖେଚର ପ୍ରଳୟ ।"
ଏହା କହି ମୁନି ପାଦଗୁଚ୍ଛର ପାଇଁ
ଗଲେ ଯହିଁ ପଡ଼ିଥିଲା ଚନ୍ଦ୍ର-ଛାଇ;
ଦେଖାଇଲେ ସୁଦୀର୍ଘ ଗୁମ୍ଫ କନ୍ଦସ୍ଥଳ
ଧରିଲେକି ବଳୀ ଲୌହର ଅର୍ଗଳ;
ଇଙ୍ଗିତ କରିଲେ ଏବେ ଯୋଗିବର
ଛାଡ଼ିବାକୁ ତଳୁ ପ୍ରଶସ୍ତ ପ୍ରସ୍ତର ।

୧୮

ନିକ୍ଷେପିତ ହ୍ରଦେ ତଡ଼ା ଯେସନ ରୋଷ
ଦୃଷ୍ଟାଙ୍କ ଝଙ୍କିଲେ ସମାଧିର ରୋଷ,
ବାତାଧାରୀ ପ୍ରାଣୀ ସ୍ୱେଦ ଦରଦର
ଗଳିଲାରୁ ଭାଙ୍ଗି, ଉଙ୍କିଲା ପ୍ରସ୍ତର;
ଥିଲା ଟୋଳି ଅଙ୍ଗେ ଅପ୍ରତିମ ବଳ
ଠେଲେ ସେ ଅନ୍ତର ବିପୁଳ ଉପଳ;
ଆହା ! କି ଅପୂର୍ବ ପ୍ରଦୀପ-ଉଲ୍ଲାସ
ଉକୁଳି ଗର୍ଭରୁ ଫୁଟିଲା ରତ୍ନଭାସ;
ନାଶିଲା କି ତଥି ଅନ୍ତରେ, ପ୍ରକାଶି
ଦେଖାଇଲା ତହିଁ ଆଲୋକ-ହସିବା !

ଝଟେଛ ଫୁଟି ଧୂମ୍ର-ପ୍ରବାହ ଚମକେ
ବଡ଼ ଦେଉଳର ଉତ୍ତୁଙ୍ଗ ମସ୍ତକେ.
ଲଙ୍ଘି ତୋରଣ୍ଟିନେ ପ୍ରାସାଦ-ଅନ୍ତର
ଝଳେ ଦୂରେ ଛଦ୍ମ-ନମ୍ର-କଳେବର;
ଅଦୃଷ୍ଟ-ପୂର୍ବ ଏ ଦୃଶ୍ୟ ଅନୁପମ
ଛାଇଁ ଛାୟା-ପ୍ରଭୁ ଦବ୍ୟ ରଶ୍ମି ସମ ।
ଝଲସଇ ବୃଦ୍ଧ ଶୋକଶୀର୍ଣ୍ଣ ମୁଖେ,
ଝଲସଇ ତାଙ୍କ ସନ୍ନ୍ୟାସ-ଅଂଶୁକେ;
କାଞ୍ଚି ଭୂ-ଲୁଣ୍ଠ ସୈନିକ ବର୍ମରେ
ଖେଳେ କଉତୁକେ ତେଜ ତଂତେରେ;
ଊର୍ଦ୍ଧ୍ୱେ ଉଠି ପୁଣି ଚୁମ୍ବଇ ହେଳେ
ଚିରସ୍ଥିର ଚୂଡ଼ା ପବନେ ଚପଳ ।

୧୯

ଏବେ ସମସ୍ତରେ କାଳ-ପରାଜିତ
କୌସ୍ତୁଭକ ମହାନିଦ୍ରାରେ ଶାୟିତ;
ହୋଇ ନାହିଁ ତନୁ ଥିଲେ ମ୍ରିୟମାଣ,
ଛାଡ଼ିଅଛୁ ସତ ଦେହେ ପିଣ୍ଡ ପ୍ରାଣ;

---

୨୮୪ । ଛାୟା-ପ୍ରଭୁ—ସୂର୍ଯ୍ୟ ।

୨୮୬ । ଅଂଶୁକ—ଖ୍ରୀଷ୍ଟ ପୁରୋହିତମାନଙ୍କର ମସ୍ତକାବରଣ ଉତ୍ତରୀୟ ବସ୍ତ୍ର ।

୨୯୨ । କୌସ୍ତୁଭକ—ଯାଦୁକର ।

ଶ୍ୱେତ-ଶ୍ମଶ୍ରୁ-ବକ୍ଷ ରଜତ-ରଞ୍ଜିତ,
ସପ୍ତତ ବରଷ ସହିଥିବ ଶୀତ;
ତୀର୍ଥପର୍ଯ୍ୟଟକ-ଦୀର୍ଘ-ପ୍ରାବରଣ
କରଇ ବପୁଙ୍କ ସମଗ୍ର ବେଷ୍ଟନ;
ଜନ୍ମ-କାର୍ଯ୍ୟେ କଟିବନ୍ଧ ଅଳଂକୃତ,
ଯିହୁଦୀ ଯା କ୍ଷେତ୍ରବାସୀ ପ୍ରତ୍ୟାବୃତ୍ତ; (୩.୦୦)
ଧରିଛନ୍ତି ମାୟାପୋଥି ସର୍ବ କରେ,
ଅମଳ-ଶ୍ୱେତକ-ରକ୍ଷ ସର୍ବ୍ୟତରେ ।
ଥୁଆ ହୋଇଅଛି ଜାନୁ ସନ୍ନିକଟେ
ପାଦ, ଜ୍ୟୋତିଃପୁଞ୍ଜ ଯହିଁରୁ ପ୍ରକଟେ;
ସମୁଜ୍ଜଳ ଦୃଷ୍ଟି, ପ୍ରତାପ-ଦ୍ୟୋତକ,
ଅରାତି ଯା ଦେଖି ପ୍ରେତ ଭୟାନକ;
ଶାନ୍ତ ବଦନଶ୍ରୀ, ବକ୍ଷୋଭ-ରହିତ,
ସ୍ୱରଇ କଳୁଷ ହୋଇଛି ଖଣ୍ଡିତ ।

୨୦

ଏକତେଥର ଅଶ୍ୱ ଗୁଳଥିଲେ ରଣେ
'ଧାଲ୍ଟରେନ' ବଳୀ ରକ୍ତାକ୍ତ ପ୍ରାଙ୍ଗଣେ; (୩.୦୧)

୩.୦୦ । କ୍ଷେତ୍ରବାସୀ—ଖ୍ରୀଷ୍ଟିୟାନ୍‌ମାନଙ୍କର ପବିତ୍ର-କ୍ଷେତ୍ର (Jerusalem)ରୁ ପ୍ରତ୍ୟାବୃତ୍ତ ।

୩.୦୧ । ଶ୍ୱେତକ—ଚୁନା ।

କହିଥିଲେ ଯତ ଶତ୍ରୁ ଅଶ୍ରାବ୍ୟ ଭାଷା
ଦେଖିଥିଲେ ଯେତେ ଭୀମ ଯୁଦ୍ଧ-ସ୍ଥଳୀ;
କୋହିଥିଲେ ଯେତେ ବାଧୁକ ଜଳଧି,
ଅନୁତପ୍ତ-ବହ୍ନି ଅବା ହେ ଭ୍ରୂକୁଟି,
ପାଶୋରି ପ୍ରକାର ଏବେ ଅନୁଭୂତି,
କାଯରେ ଅନ୍ତର ଦୁଃଖର ବିଭୂତି;
ଧୂଳିରେ ମସ୍ତକ, ନହେ ଶ୍ୱାସ ଘନ
ଦେଖି ଏ ବଚିତ୍ର ସମାଧି-ସ୍ୱପନ !
ଜାଗ୍ରତ ହେଲେ ସେ ଦିନେ ବିଷ୍ଣୁ-ଚରଣ,
ହୃଦାଉଲେ ଯତେ ଭକ୍ତ ଅପାର; (୩୨୦)
କି ବୋଲି ଦେଖିବେ ଏବେ ଧୈର୍ଯ୍ୟ ଧରି
ଦେଖୁଥିଲେ ଯାଙ୍କୁ ଯୋଦ୍ଧା ଯେପରି !
ବିପକ୍ଷରେ ତେଣୁ ଘୂର୍ଣ୍ଣିଲ ବଦନ
କରିଲେ ଉତ୍ସର୍ଗ ସ୍ମୃତି-ଚିହ୍ନାରଣ ।

୨୧

ହାଗ ହେଲି ଯାହା ଜପ, ଜପ-ବ୍ରତ,
ବାଲ୍ମିକେ ବାରେଶଙ୍କୁ ବୋଇଲେ ଏମନ୍ତ :—

---

୩୧୪ । ଅନୁତପ୍ତ—ଅନୁତାପ ।
୩୨୨ । କୋହିରେ—ମନ୍ତ୍ର ଗୁଣିନାଇଲେଲ୍ କ୍ଷୋଦର
ରାଜ୍ୟ ନଥିଲେ ।
୩୨୫ । ଜନ୍ତ୍ର—ମନ୍ତ୍ର ।

"ବହୁତ ଆଶା କରିଥିଲି ପ୍ରସାଦ,
ହୋଇଥିଲେ ଘଟିବ ବିଷମ ପ୍ରମାଦ;
ଅଳକେ ଚୌଦିଗେ ଛେଦ-ସମ୍ବନ୍ଧୀ
ସମାଧି ବାନ୍ଧିଦାଚେ ଦୁଷ୍ଟ ହୋଇଛନ୍ତି ।" ([illegible])
ମୁଣ୍ଡ କରୁ ଟେକି ଥୋଇ ଜଳ କରେ
ଘେନାଇଲି ଶୂନ୍ୟରୁ ଅଗ୍ନି କି ଅମ୍ବରେ;
ନୈମିଷ ଅରଣ୍ୟେ, ନୈମି-ଅମ୍ବରଗେ,
ହୋଇଥିଲା ରମ୍ଭା ରଚିତ ଯତନେ;
ଲୋମକର୍ଷଣେ ଯାର ଦେଖିଲେ ଭ୍ରୁକୁଟି
ତ୍ରାସେ ବଦନ ବାହାରେ ଫୁଟି;
ଶୋଣିତ ବୁଲ୍‌ସେ କାବା, ଅଦ୍ଭୁତ,
ହୋଇଥାନ୍ତି ସେହି ଭ୍ରାନ୍ତି ସମ୍ଭୂତ ।

୧୧

ପୁଣି ଗର୍ଭଗୃହ ହେଉଛି ଅଦ୍ଭୁତ
ପୂର୍ଣ୍ଣିମାର ନିଶା ହେଲା ତମୋବୃତ; (ଅ. ୨୧)
ଫୁଟିଥିଲେ ତଳେ ତାରକା-ଶୀର୍ଷଦେଶ
ନ ଥିଲେ ନକ୍ଷତ୍ର ନଭେ ସବୁଶେଷ ।
ନେଉଥିବାବେଳେ ବିବେକ-ବିଭ୍ରାନ୍ତ
ନିନାଦିଥିଲେ ମୁନି, ଅନ୍ତର 'ସମ୍ଭ୍ରାନ୍ତ';

ଭସ୍ମ-ଭାରାକ୍ରାନ୍ତ ଅଧୀର ଚରଣେ
ପହଞ୍ଚିଲେ ଦୁହେଁ ମୁକ୍ତିଙ୍କ ତୋରଣେ ।
କମ୍ପଦାତ୍ରୀ କହେ, ଅଳିନ୍ଦର ତଳ
ଧରନ୍ତେ ବେଢ଼ିଏ, ଅଦ୍ଭୁତ-ପ୍ରବଳ
ଶୂନ୍ୟ-କୋଳାହଳ-ଧ୍ୱନିରେ ହଠାତ
କାହିଁ ହେଲା ଉଠିଲି ସହସା କମ୍ପିତ;
ଅଜ୍ଞାନ-ମନ୍ଦିର ଶୋଭାସନ-ମଞ୍ଚ,
ଭିତ୍ତି ଅଧ୍ୟାଏ ସୋପାନେ ସୁସଞ୍ଚ,
କମ୍ପିଲା କରୁଣ ନିଶ୍ୱାସ-ଉଚ୍ଛ୍ୱାସେ,
ପୁଣି ଜଗତର ଭୀମ ଅଟ୍ଟହାସେ;
ଅମାନୁଷିକ ସେ ଭୈରବ ରବ,
କରୁଥିଲେ ପ୍ରେତ ରୌଦ୍ରରେ ତାଣ୍ଡବ,
ହେଲା ବୋଲି ମହାମନ୍ତ୍ର ପ୍ରକାଶିତ,
ଯାର ବଳେ ଥିଲେ ସରବେ ଶଙ୍କିତ ।
କାହିଁ କହିବଇଁ ମିଥ୍ୟା, ଅବା, ସତ୍ୟ ?
ବୋଇଲି ଯେସନ ହୋଇଥିଲା ବ୍ୟକ୍ତ ।

୨୬

"କି ଦେଖୁଛ ବଳି ! ସଅଳ ପ୍ରସ୍ଥାନ
କର" ବୋଲି ଯୋଗୀ ହେଲେ ଅବଧାନ,

---

୬୫୧ । ଶୋଭାସନ ମଞ୍ଚ —Gallery.

"ଘଟେ ଯେମନ୍ତ ଖଣ୍ଡିବେ ଦୁର୍ଗତି !
ହେଲେ ଯେବେ ମୃତ୍ୟୁ-ତଳପେ ଶାୟିତ—
ଅହୋ ! କି କୁକର୍ମ କଲୁଁ ବେନି ଅଜ,
ନାଶି ବନ୍ଧୁ ହନ୍, ମୁକ୍ତ ବନ୍ଧୁରାଜ !"
ଏହା କହି କଷ୍ଟେ ପ୍ରବେଶି ବହନ
ଏକାଗ୍ରେ, ଉନ୍ନିଦ୍ରେ, କରିଲେ ଭଜନ;
ଧୂପ-ଘଣ୍ଟା ଯେବେ ବାଜିଲା ପରତେ,
ନଥିଲେ ମହାତ୍ମା ଆଉ ପୁଣି କାୟେ;
ନେତ୍ର-ଅଶ୍ରୁଝରେ ହୋଇ ଯୋଡ଼କର
ଚହିଁଥିଲା ତାଙ୍କ ଶୂନ୍ୟ-କଳେବର ।

୨୪

ତେଣେ ମଠ ତେଜି ନିଶ୍ଚିନ୍ତ-ନିଶ୍ୱାସ
ନିଶାନ୍ତ ସମୀରେ ନେଲେ ମହେଶ୍ୱାସ;
ନିତ୍ୟାନ୍ତ-ସମାଧି-ସମାଜ ଧୂସର
ନିର୍ଘଣ୍ଟରୁ ଅଶ୍ରୁ ଧରିଲା ଅନ୍ତର;
ଚଅର କରିବେ ଛାଡି ଶୂରୋତ୍ତମ
ନିଛିଲେକ, ମାନ ହେଲେ ଭଗ୍ନୋଦ୍ୟମ !
ଶିଳା ବୋଝ ସମ ମାୟାଗ୍ରନ୍ଥ ଦୂର
ମାଡ଼ୁଥାଏ ଉରସ୍ଥାଣି ଉଳୁ ଉର ।

ଶଙ୍ଖ-ପିନାକ-ତ୍ରିଶୂଳ-ଗଣ୍ଡି-ଧ୍ୱଜ
ଅଙ୍କିତ ବାହେ ଯେତେକ ଜଳ-ଯାନ-ଦଳ;
ମହାଆହ୍ଲାଦରେ ତେଣୁ ଜଗାଇଣ
ଦେଖିଲେ ପାର୍ବତୀ-ପତି ମହାଭୀତ;
ଡାକିଲେ ସବେଗେ ଦେଖି ଆକ୍ରମିଆ
“ତାର ନାରାୟଣୀ, ଭକ୍ତ-ଶୁଭଦା ମା !”

୧୪

‘ଡାଇଭିଂ’ ଶିଖିଲେ ଅତୀବ-ବିଚକ୍ଷଣ
ଶିଖିଲେଣି ଏବେ ବାଳକ-ତରୁଣ;
କରିଲେଣି ପୁଣି ସମୁଦ୍ର ଭିତର
ଶ୍ରୀକରେ ବାଳାର୍କ, ଶୋଭିଲେଣି ଅପାର;
ନବ-ରବି-କରେ ଅଟେ ସେ ଦୀପିତ
ସେଠେ ଦୁର୍ଗ, ପୁଣି ‘ବ୍ରାଜସ’-ସହିତ;
ବନବିହଙ୍ଗମ କୂଜନ ମୋହନ
କରେ ସୁମନସ ସଂଯୁକ୍ତ ଜଗତ;

---

୩୧୭ । ଡାଇଭିଙ୍ଗ—ଗୋତା ଓ ପହଁରା, ଶିଖନ୍ତି ବିଦ୍ୟାଳୟର ପର୍ବତ ଦିଶା ଶିକ୍ଷା ।

୩୨୨ । ବ୍ରାଜସଯନ୍ତ—ଡଙ୍ଗା ନଦୀ ।

ଅପରାଜିତାର ପିକା ମୂର୍ତ୍ତିରେ
ମନ୍ତ୍ରେ ଖଣ୍ଡାଟିକି ଓ ବାଳି, ଡଙ୍କ,
ଅନ୍ଦରେ-ବିନ୍ଦୁରେ କାଳିକା-କାମିନୀ,
ସ୍ଥଅଟନ ମେଲାଏ ଶୂନ୍ୟ ଅନ୍ତରୀକ୍ଷ;
କିଣି ମାଳିକୁ କଙ୍କିଣୀ-ଭ୍ରମଣୀ,
ଅପରାଜିତାକୁ ବାଳି ଉଦାସିନୀ, (୨୦୦)
କଳିନ୍ଦୁ-ଚନ୍ଦ୍ରକ୍ର ଘଟର ପରିହରି
ନେଇ 'ବ୍ରାଙ୍କସ'-ବାଳୀକୁ ନେଇଯାଏ ।

୨୬

କାହିଁ ଏତେ ଗୁଚ୍ଛେ ଆଜି କେମାନଙ୍କ
ତଟି ତରସରେ ପିନ୍ଧେ ରୋଳ ଧନୀ ?
ଅଟା ଛଟକ ଯେତେବ ଖାରିତା କୁନ୍ତଳେ
ପକର କରେ ଶିରୁ କଳିକା ଟାଣିଲ ?
କାହିଁ ଅବା ଗୁ ମ୍ବ ଚୋପାଟିକ ଓଢ଼ିଣୀ
ରହି ରହି ପୂର୍ଣ୍ଣ ପଛକୁ ଅନାଏ ?

---

୩୯୯ । କାଳନା—କଦଳ—ବିନ୍ୟ ଗୋଲପ ।

୪୦୦ । ଅପରାଜିତା—ମୂଳକାବ୍ୟରେ violet ବ୍ୟବହୃତ ହୋଇଅଛି ।

୪୦୧ । ବାଳୀ-କୁଟିଳଗ୍ରୀଷ୍ମ-କେମା ମାର୍ଗରେତ୍ ।

କିମ୍ବା ଚେତନ୍ତରୁ ତାହାର, କୁମାରୀ,
ପ୍ରବୋଧର ତାକୁ ପୁଷ୍ଟେ କର ମାଦ ? (୬୧୨)
ନଘର ସୁଙ୍ଗ ନକ୍ଷତେ ତରୁଣୀ,
ତେବେ ମଧ୍ୟ କମ୍ପା ଦ୍ୱାସ୍ଥ-ଦେଶେ ରୁନ୍ଦ ?

୨୭

ପକାଉଛୁ ଭୀରୁ ଶଙ୍କିତରେ ପଦ,
ଶୁଣିବେ ଜନନୀ କାନେ ସେ ଶବ୍ଦ;
ତୋଷେ ଲଜ୍ଜାଙ୍ଗୀ ଶ୍ଳାନ-ମୂଢ଼-ଚିତ୍ତ,
କରବ କାଳେ ସେ ଦୁର୍ଗ ଜାଗରିତ;
ପଢ଼ିଥିଲୁ ଦେଇ ଦ୍ୱାସ୍ଥ ମାତା-ଅଙ୍କେ,
ତେଣୁ ଶିଙ୍ଗା ତାର ଅଜ ନ ଚମକେ;
'ଜ୍ଞାନ୍ସ୍ତନ'ଙ୍କ ଦେଠ ଗଡ଼ ଉପକଣ୍ଠେ
ହେବ ବୋଲ ଧାଏଁ ସିହାଣୀ ଉକ୍ରଣ୍ଠେ । (୬୨୦)

୨୮

ସମବେତ ଏବେ ଯୁଗଳ କୁଣ୍ଡଳେ
ଶ୍ୟାମଳ ବବୁର-ଶାଖାକୁଳ-ତଳେ;

---

୪୨୨ । ବବୁର—ମୂଳ କାବ୍ୟରେ hawthorn ବ୍ୟବହୃତ ହୋଇଅଛି । କଣ୍ଟା ପୁଷ୍ପ ବୋଲି ଅନୁବାଦରେ ବବୁର ଲେଖା ଯାଇଅଛି ।

ଅହା ! ଏହା ତୁଲ୍ ଅତୁଳ ମିଳନ
କାହିଁ ଫୁଲବାଣ କରେ ସଘଟନ !
ସୁତନୁ ରମଣୀ, ପ୍ରାଂଶୁ ଅବୟବ,
ସଙ୍ଗେ ମିଶେ ପ୍ରୌଢ଼-ଯୌବନ-ବୈଭବ;
ରଣେ ରିପୁ-ପୀଡ଼, ପାରଦ୍ଧ-ବିକ୍ରମ,
ବିଳାସ-ଭବନେ ବିନୋଦୀ ଉତ୍ତମ ।
ପ୍ରେମ ସୀତ୍କାର ପୁଣି ଅହ୍ଲାଦସି-
ସ୍ମିତ-ଅସ୍ୟ କହେ ନ କହିଲ ପଦ,
ଅହା ! କି କପୋଳ-ମନ୍ଦାକ୍ଷ-ରଙ୍ଗିମା,
ନଶୀଶ-ଲପନୀ ଅଳସ ଚଳନା !
ଚଞ୍ଚି ବକ୍ଷରେ ବକ୍ଷୋଜ-ବିଳାସ
ପ୍ରକାଶଇ ଯେବେ ଦଇ-ପ୍ରେମୋଚ୍ଛ୍ୱାସ,
ଅଳକ-ଉହାଡ଼େ ଅପାଙ୍ଗ ଗୃହାଣି
ନା କହି କହଇ ମନ-ମୌନ-ବାଣୀ,
କହ, ସେ ସୁଷମା-ଅତୁଳା-ପିତୁଳା
କାହିଁ ପୁଣି ବାଳା ସଙ୍ଗେ ହେବ ତୁଳା ?

୨୯

ସ୍ଥବିରର ଗୀତ ହେଉଛି ପ୍ରତ୍ୟୟ
ସୁନ୍ଦରୀଏ ! ଏବେ ଶୁଣିଛ ନିଶ୍ଚୟ;

---

୫୮୯ । ମନ୍ଦାକ୍ଷରଙ୍ଗିମା—ଲଜ୍ଜାରାଗ (blush) ।

ହେବ କି ଗୋପାଳନ୍କୁ କୁଟିଳ-କୁନ୍ତଳ,
ଟେରକାଣି ଗ୍ରୀବା, ତୁଷାର-ଧବଳ;
କମ୍ପାଇବ ଅଙ୍ଗ, ହୁଙ୍କାରି ମଦନ;
ଆନ୍ଦୋଳନ୍ତ ଯର୍ଦ୍ଦ ଶୁଣିବ ସ୍ୱପନେ,
ନିକୁଞ୍ଜ-ନିକୁଞ୍ଜେ ପ୍ରେମ-ଆର୍ଦ୍ର—ବାଂଶୀ
ଜଳମ୍ବ୍ରୀଥିଲେ ଯେତେ ଧୂଳି ପ୍ରାଣୀ;
ଶୁଣିବ କାଯର ବାଞ୍ଛା-ଉଚ୍ଛ୍ୱାସେ
ଛୁଞ୍ଚି-କଣ୍ଠ-ଚୁଚ୍ଚା ଯୁବତୀନ୍ ପାଶେ,
ଜଳ୍ପୁଥିଲେ ହୃଦ-ପ୍ରଣୟ ଖବର,
ଅଭେଦ, ଅଟଳ ସେ ପ୍ରୀତି ଯୋଗେ—
ରହୁ ସେ ଅକ୍ଷୟ, ଭାଗ୍ୟେ ଯେସନେ,
ଦେବେ ମୁଦେ ଗାବ ସ୍ୱଜାବ-ଚରଣେ;
ଶୁଣିବ କେସନ ହେଟକ ବ୍ରୀଡ଼ା ବୋଳ
ଅଳକ୍ତକ-ରାଗ ଚୁମ୍ବୁଣୀ କପୋଳେ;
ମୁହୂର୍ତ୍ତିକେ ପୁଣି ନତ-ମୁଖୀ ରହି,
ହୁଏ ଯେତେ ସର ଭାବେ ଉଚ୍ଛୁଦିତ;
ଥରେ ଅଙ୍ଗୀକାର, ଥରେ ଅସ୍ୱୀକାର,
ପ୍ରକାଶେ ଯେତେ ବାମା-ବ୍ରଜ-ଘାଟେ;
ଯାତ୍ରୀଜନେ ପୁଣି ଭାଷେ ଧୂକୁମାରୀ,
ଅମରଣେ ସେହୁ ରହିବ କୁମାରୀ;

ଯାଉ ସେ ଅଲୋକା ଛାର ନାରୀ-ପ୍ରାଣୀ,
ଚିହ୍ନନ୍ତି ବେଦ-କ୍ଷୁଣ୍ଣ ଦ୍ୱନ୍ଦ୍ୱ ସମାଧାନ;
ଲକ୍ଷ୍ମୀ ନୁହାର ବୋଲି 'କାନସ୍ତ୍ରୀ' କହିଛି
ନ ହୋଇବ ଅନେ ହୃଦ-ସମର୍ପିତ ।

୩୦

ବୃଥା ମହିଳାଏ ! ଲାଲସା ତୁମ୍ଭର,
ନାହିଁ ବପଞ୍ଜୀରେ ମୋର ପୂର୍ବ ସ୍ୱର,
ଯାଚି ଯେଉଁ ଅଛୁ ଗଞ୍ଜନା ଅବୋଧ,
ରଖିବାକୁ କାହିଁ ଶକ୍ୟ ଅନୁରୋଧ;
ପଳିତ ମସ୍ତକ, ସର୍ବାଙ୍ଗ ଶିଥିଳ,
ସଙ୍କୁଚିତ ଚିତ୍ତ, ମାନସ ଅଚଳ,
ଏ ବୈରସ୍ୟେ କହ, ଅଟେ କି ଉଚିତ
ବୋଲିବି ମୁଁ ପ୍ରେମ-ସୁଧା-ପୂର ଗୀତ ?

୩୧

ଶୈବାଳ-ଭୂଷିତ-ନମ୍ର-ଅପଘନ
ଯୋଗେ ସୁରଦାରୁ ଦୂରେ ପୁରାତନ;
ଓହ୍ଲା ତରୁମୂଳେ ଯେଉଁ ଅଶ୍ୱବର
କିଶୋରଙ୍କ ଭୃତ୍ୟ ଦର୍ପ-କଳେବର,

---

୬୬୭ । ମୁହ୍ୟୁଛି ହୋଇ—ଅତିଶୟ ମୁଗ୍ଧ ହୋଇ ।

ପଞ୍ଚ-ଗୁଚ୍ଛ-ଶୀର୍ଷ ଶୁଭ୍ର ଶିରସ୍ତ୍ରାଣ
ଅଙ୍ଗେ ପ୍ରଭୁ ବର୍ଚ୍ଛା କରେ ଶୋଭମାନ;

ନୋହିଥିଲା ଜନ୍ମ ଦୈତ୍ୟ ଭବ-ତଳେ
ବୋଲି ଜନ-ଶ୍ରୁତି ଥିଲା ସେ ଅଞ୍ଚଳେ; (୪୮)

ହୋଇଥିଲା ସୃଷ୍ଟି ଦୂରଦୂରାନ୍ତରେ
କେତେମତେ ଗଳ୍ପ ବାମନ ନାମରେ;
କହୁଥିଲେ ଥୋକେ ଅଖେଟ-ଉତ୍ସାହେ
ଘୋର ମହାବନେ ପଶି ପୂର୍ବରୁ,

ତୁରଙ୍ଗମ ପୃଷ୍ଠେ ଧଡନେ ଅତର୍କିତେ
ବିକୃତ ଶବଦ ଶୁଣିଲେ ଚକିତେ;
ସୁରେନ୍ଦ୍ରଦେବେ ଯେବେ ଡେରିଲେ ଶ୍ରବଣ,
'ଭୁଷ୍ଟ ! ଭୁଷ୍ଟ ! ଭୁଷ୍ଟ !' ତିନ ଦୀର୍ଘ ଧ୍ୱନି
ପଶିଲା ଶ୍ରୁତିରେ; କାହୁଁ ତ ନମେନ୍ତେ
ପଡ଼ିଲା ଏ ଦୈତ୍ୟ ଛାମୁ ଜାନୁଦେଶେ; (୫୦)

ତିନି ଦଶ ତିନି ପାଦରୁ ସେ ଟିକେ
ମାତ୍ର କଣ୍ଠି-ନିଠା ମଧ୍ୟୁଁ ଅସିଥିଲା;

ଚର୍ମ୍ମା-ଚଟୁ ଗେଳେ କାନ୍ଦି କି ଉଡ଼ିଗଲେ
ପଞ୍ଚେ ଯେତେକ, ହେଲା ଶୂନ୍ୟରୁ ପତନ,
ଅଣପା ଅକାର, ବିକଟ ବଦନ,
ଦିଶୁଥାଏ ପାଣ୍ଡ-ମର୍କଟ ଯେସନ;
ଦେଖି ସେ ବସ୍ତୁ-ଅବାନ୍ଧ ଘଟନା
ହେଲେ ଯୁବରାଜ ଏତେଶୀ ଅନ୍ୟମନ,
ପିଶାଚଙ୍କୁ ପଛେ ପକାଇବାପାଇଁ
ଅଷ୍ଟ-ଅର୍ଦ୍ଧ-କୋଶ ଧାଇଁଲେକ ଧାଇଁ; ([illegible]
ମାତ୍ର କୋଶାର୍ଦ୍ଧେ ସେ ଧାଇଁଲେ ଦୋହେଁକେ.
ଅର୍ଦ୍ଧ ଯୁଗ ଲଙ୍ଘେ ବାମନ ପଲକେ;
ଅଇଲେ ଗଡ଼କୁ ଯେତେବ ପ୍ରଭୁ ଶେଷେ,
ଦେଖନ୍ତି ପିଶାଚ ଜମ୍ଭ ଦ୍ୱାରଦେଶେ

୩୨

ପରିଚୟ କରେ ଅଭ୍ୟନ୍ତ ହ୍ରାସେ.
ଦାସପଟେ ଛାମୁ ଦେଲେ ତାକୁ [illegible]
ଅତି ସ୍ୱଳ୍ପାହାରୀ, ଭୂପ ସ୍ୱଳ୍ପତର,
ଉଦରଙ୍କ ପେଟେ ରହିଲ ଅନ୍ତର;

---

୨୧୩ । ଚର୍ମ୍ମା-ଚଟୁ—Bat.

୨୦୨ । ଯୁଣ-ଯୋଜନ-୪ କୋଶ ।

ଜନ୍ମାନ୍ତ ହୋଇ ସେ ପ୍ରେତ ଅହରହ
'କ୍ରୁ ! କ୍ରୁଷ୍ଣ ! କୃଷ୍ଣ !' କରେ ଧ୍ୱନିମୟ, (୬୨୦)
ସେତେନ ହୃତାଶନ, ଧୂର୍ତ୍ତ, ସୂଚଅଳ,
ସନ୍ଧିରେ ଥାଏ ଅନ୍ତରେ କୁଶଳ;
କୃଷ୍ଣ ହୋଇଥିଲେ କାର୍ଯ୍ୟ ଦେଖି ଅତି
ବାମନ ଉପରେ ଯୁବା ଦୁର୍ଗ-ପତି;
ପଡ଼ିଥାନ୍ତେ ଯେବେ ଶତ୍ରୁଙ୍କ କବଳେ,
ଉଦ୍ଧାରଣ ଥିଲା ବେତାଲ କୌଶଳେ;
ରଚିଥିଲା ଦେଶେ କଥା ବିସ୍ତାରିତ,
ବାଟେ ବାଟେ ପଢ଼ୁଥାଏ ତା ଚରିତ ।

୬୩

ଘଟେ ଘଟେ ବୋଲିବ ସୁଲୋଚନେ ! ଜୟ,
କେବଳ ନୁହେଁ ପୁରାଣ ଘଟଣାଟି ସତ୍ୟ; (୬୨୦)
ଯେବେ ବାମନକୁ ଯେଉଁଣ ଗହଣେ
ବାନ୍ଧିଲେ ପ୍ରଭୁ ତାରିଣୀ-ଦର୍ଶନେ,
ଅର୍ଘ୍ୟ ମାନସିକ ଦେବେ ପୂଜା ଅଧ
ମାଆଙ୍କ ତଡ଼ାରେ ତର୍ପଣ ସମ୍ବାଦ;
ତେଣୁ ଏ ଉଦନ୍ତ 'ତ୍ରାକୟ'-ଜେମିଣୀ
ଜାତ କଲେ ଆଜି ନାଁ ଖାରବେଣୀ;

ଦିନ-ଗତ-ରାତି ସହିତ ଅଚିରେ
ମୁକ୍ତ ହେଲେ ଏହି ନିର୍ଝରିଣୀ ତୀରେ:
ଅସିଥିଲେ ଏଥି ଶୂର 'ଦାଗଦେବେନ',
ରଣସିଂହ ପୁଣି ଚଣ୍ଡ 'ଟେଲଟେସନ'; (୮୯)
ଉର୍ଦ୍ଧ୍ୱେ ନଦୀତୀରେ ନୃପଶ୍ରେଷ୍ଠ ରଣଜାଣି,
ଚମକଇ ପୁଣି ଦୀର୍ଘ ଛେଲଗ୍ରାନ,
ପଡ଼ିବେ ମୁଠାରେ ଯବଷ୍ଟ 'କାନ୍ତ୍ରନ',
ହିର-ମନୋରଥ ହେବ ସମ୍ପୂରଣ,
ଖେଳେ ସୈନିକଙ୍କ ବଦନେ ଉତ୍ସାହ,
ଉଗେଇ ଉଠଇ ଉଲ୍ଲାସ-ପ୍ରବାହ;
ଉଦେ ହେବା ଆଗୁଁ କାବ୍ୟ-ତାରା ନଭେ
ଦେବୀପୀଠ ଯାଇ ଘୋଷିଲେ ସରବେ;
ମାନ କି ଦୁର୍ଦ୍ଦୈବ ! ଭୌମିକ-କୁମର
କାହିଁ ହୋଇଥିଲେ ହେ ତହୁଁ ଅନ୍ତର । (୯୦)

---

*୩୦ । ଟେଲ୍‌ସେନ—ବ୍ରାଙ୍କସର ଅନ୍ୟତର ବୀର ।

*୩୧ । ଉର୍ଦ୍ଧ୍ୱ—ଅର୍ଥାତ୍ ଯେଉଁ ରାଜବାଟିରେ ବନ୍ଦୀ
ଥାନ କରୁଅଛନ୍ତି, ତାହାର ଉର୍ଦ୍ଧ୍ୱ ନଦୀକୂଳରେ ।

*୩୨ । ଛେଲ—ବର୍ଚ୍ଛା ।

*୩୩ । ଉଦ୍‌ଗେଇ—କ୍ରୋଧରେ ସ୍ଫୀତ ।

*୩୪ । ଭୌମିକ—ଭୂମୀଶ ।

ଚୋପେ ମନୋମଧ୍ୟେ ସୈନିକ-ସଙ୍ଗତ
ଚୋଡ଼ିଦେଲେ ପୂତ-ଦେବୀଙ୍କ-ବସ୍ତ୍ର,
ଅକାରଣେ ପଛେ ଗାଳି ଡିଙ୍ଗରଙ୍କୁ
ଦେଇ ଫେରିଗଲେ ଆପଣା ଗଡ଼କୁ ।

୩୪

ଏବେ ସେହି ଖର୍ବ, ଧର ଅଶ୍ୱବଳ
ଝାଙ୍କି ଉପବନେ ପଲ୍ଲବ-ସୁନ୍ଦର ;
ସହସା ଚମକି ହେଲେ ବାଜି କର୍ଣ୍ଣ
ଶୁଣି ବନପଥେ ଦୂର-ଖର-ସ୍ୱନ,
ଶୂନ୍ୟେ ଟେକି ଝୀଣ ଦୀର୍ଘ ବାହୁ, ପ୍ରେତ
ଝାଉଁଗଛଙ୍କୁ ଦିଏ ତକ୍ଷଣ ସଙ୍କେତ ; (୨୭୦)
ନାହିଁ ଡର ଏବେ ଧେନୁବ ମେଲାଣି,
ପଳାଏ ତରୁଣୀ ଲଙ୍ଘି ଅରଣ୍ୟାନୀ,
ପଳାଏ ଯେସନ କପୋତୀ ଭୀତରେ
ଚଞ୍ଚୁ ଟେକାଇଁ, ଶବ୍ଦ ପଡ଼ିଲେ ଶ୍ରୁତରେ !
କିନ୍ତୁ ଧରିବ ଭୃତ୍ୟ [illegible],
ଅବ୍ରୋହଣୀ ପରେ ରଖେ ଅନ୍ୟ ପାଣି,

---

୨୯୩ । ଡିଙ୍ଗର—ଦାସ ।
୨୯୫ । ଅଶ୍ୱରଶ୍ମି—ଲଗାମ ।
୨୯୬ । ଅବ୍ରୋହଣୀ—ରେକାବ ।

୨ ସର୍ଗ ।

କେତେ ହୋଇ [illegible]
କଣ୍ଟକେ ଚନ୍ଦ୍ର ଭୂଷିତ ମସ୍ତ [illegible]
ରସିକାର ଭାବ ବୁଝି ମନେ [illegible]
ମୂଳଯାତ୍ରା ସୁଧା ପୂର୍ବଦିଗେ [illegible] ।



ଗାଇଁ ଗାଉଁ କବି ବାଣୀ ପାର୍ଶ୍ୱକୃତ
ଜେଣୀ ପଡ଼ି ଛନ୍ଦି, ଶୁଭିଲା ସଙ୍ଗୀତ,
ତେଙ୍ଗ କଣ୍ଠଙ୍କେ ଅମି ଅବହିତ
ଛାମୁଲେଖକ ଦେବା ପାର୍ଶ୍ୱେ ଉପନୀତ;
ଶୃଙ୍ଗବଳ ସୁଧା ପୂର୍ଣ୍ଣ ଚେଟକୀ,
ଦେଲା ତାଙ୍କ କରେ ବାଳିକା ଝିଟୀନୀ;
ନେବା ଦ୍ରାକ୍ଷାରସ ପୂର୍ଣ୍ଣକରି ହେଲି
ବାନ୍ଧିଦେଲେ ଗଡ଼ି ପ୍ରାଚୀନ ତିମ୍ବୁନ୍ତ
ଟକା ମଧୁକୋଷ ରାଜିତି, କଣ୍ଠ
ଦେଲେ ମଦେଶୀଙ୍କ ଅନେକ ଆଁଛି; ([illegible]
ଅଳିଗିଲେ ପୁଣି ଶ୍ରାବକବୃନ୍ଦଙ୍କୁ
ଅନେକ ଗୃହାନ୍ତ ସଙ୍ଗୀଏ ବୃନ୍ଦଙ୍କୁ.
ଦେବଗତିଭିତ୍ତି ସିନ୍ଧୁ ବନ୍ଧୁଙ୍କ
ଦାନ କଲେ ତାଙ୍କୁ ଟାଣିକା ସୁନ୍ଦରୀ;

ଅଧିଷ୍ଠିତ ଏବେ ହାଜିନ୍ତ୍ର ସୁମତ
ହସ୍ତି ତି-ବାହାଣି ହୁଡିଙ୍କ ପ୍ରତି,
[illegible] ଦେବି [illegible]
[illegible] ଅଧିଷ୍ଠିତ ସଙ୍ଗୀତ ଏହା :—

———

ତୃତୀୟ ସର୍ଗ ।

ଧ୍ୟେୟ :—

ଯୁବରାଜ କ୍ୱାନ୍‌ଷ୍ଟନ୍ ଖର୍ବ ପିଶାଚ-ଭୃତ୍ୟର ତୀବ୍ର ଚିତ୍କାରରେ ସତର୍କ ହୋଇ ଦେଖିଲେ ଜନୈକ ସଶସ୍ତ୍ର ଶୂର ଶୈଳରୁ ଅବତରଣ କରୁଅଛନ୍ତି; ଏହି ଶୂର ସାମନ୍ତ ଦାଲ୍‌ଟେରେନ୍ । ସେ ମେଲ୍‌ରୋଜ୍ ମଠରୁ ପ୍ରତ୍ୟାବର୍ତ୍ତନ କରୁଥିଲେ ଏବଂ ଅକସ୍ମାତ୍ ବିପକ୍ଷପକ୍ଷୀୟ କୁମାର କ୍ୱାନ୍‌ଷ୍ଟନଙ୍କୁ ସ୍ୱୀୟ ଦୁର୍ଗ-ଉପକଣ୍ଠରେ ଦେଖିଲେ । ଅନ୍ତର୍ଜାତୀୟ ବିଦ୍ୱେଷାନଳରେ ପ୍ରଜ୍ୱଳିତ ହୋଇ ବୀରପରାକ୍ରମୀ ଉଭୟ ବୀର ସ୍ୱ ସ୍ୱ ବର୍ଚ୍ଛା-ଲକ୍ଷ୍ୟ ସ୍ଥିର କରି ବାଜିପୃଷ୍ଠରେ ପରସ୍ପରଙ୍କୁ ଆକ୍ରମଣ କଲେ । ଦ୍ୱନ୍ଦ୍ୱ ଯୁଦ୍ଧରେ ଦାଲ୍‌ଟେରେନ୍-ସାମନ୍ତ ଗୁରୁ ଆଘାତ ପ୍ରାପ୍ତ ହୋଇ ଭୂତଳଶାୟୀ ହେଲେ । ସ୍ୱକୀୟ ଦୁର୍ଗ-ଉପକଣ୍ଠରେ ଅତି ଅବସ୍ଥାନ କରିବା ବିପଜ୍ଜନକ ମଣି, ପ୍ରଭୁ କ୍ୱାନ୍‌ଷ୍ଟନ୍ ଭୂପତିତ ଶୂରଙ୍କ ଶୁଶ୍ରୂଷା ସକାଶେ ଭୃତ୍ୟକୁ ଆଦେଶ କଲେ ଏବଂ ଅଶ୍ୱକୁ କଶାଘାତ କରି ଦ୍ରୁତବେଗରେ ସେଠାରୁ ପ୍ରସ୍ଥାନ କଲେ । ଖର୍ବ-ଭୃତ୍ୟ ଶୂରଙ୍କ ଉରସ୍ତ୍ରାଣ ଫେଡ଼ିଦେନ୍ତେ, ସୁରକ୍ଷିତ ଚିହ୍ନ-ଚିହ୍ନଟି ଅବଲୋକନ କଲା ।

ପିଶାଚ ତହିଁ ସେ ପୁସ୍ତିକା-ଅଙ୍ଗରେ ଶୂରଙ୍କ ଛିନ୍ନାଙ୍ଗର ଶୋଣିତ ବୋଳି, ତାହାର ଦୃଢ଼ ଅପୂର୍ବ-ବନ୍ଧନ ମୋଚନ କଲା । ଦୈତ୍ୟ ପୁସ୍ତିକାର ଆଦ୍ୟ ମନ୍ତ୍ର ପାଠ କରି ଦ୍ୱିତୀୟ ମନ୍ତ୍ର ପାଠ କରିବା ପୂର୍ବରୁ କୌଣସି ଅଦୃଶ୍ୟ ହସ୍ତର ଚପେଟା-ଘାତରେ ଭୂପତିତ ହେଲା । ସଂଜ୍ଞା ଲାଭକରି ପିଶାଚ ଆପଣା ପ୍ରାବରଣ ମଧ୍ୟରେ ପୁସ୍ତିକା ଗୋପନକରି ଆହତ ଶୂରଙ୍କୁ ଅଶ୍ୱପୃଷ୍ଠରେ ରାକ୍ଷସ ଦୁର୍ଗକୁ ଘେନିଗଲା । ଦୈତ୍ୟ ପୁସ୍ତିକାରୁ ଯେଉଁ ମନ୍ତ୍ର ପାଠକରିଥିଲା ତାହାର ବଳରେ ପଥିକ ପ୍ରହରୀବର୍ଗଙ୍କ ଚକ୍ଷୁ ବନ୍ଧନ କଲା । ତେଣୁ ସେମାନେ ଶୂନ୍ୟ ତୃଣ-ପୂର୍ଣ୍ଣ ଗୋଟିଏ ଶକଟ ସମ୍ମୁଖରେ ଯାଉଥିବାର କେବଳ ଦେଖିଲେ । ଦୈତ୍ୟ ସୌଧକକ୍ଷରେ ସ୍ଥିତ ମହର୍ଷିଙ୍କ ନିଭୃତ କକ୍ଷ ନିକଟକୁ ସଂଜ୍ଞାଶୂନ୍ୟ ଶୂରଙ୍କୁ ଘେନି-ଯାଇ ଦେହଳୀ ସମ୍ମୁଖରେ ପିଙ୍ଗିଦେଲା । ଦୁର୍ଗରୁ ପ୍ରତ୍ୟାବର୍ତ୍ତନ ସମୟରେ ପ୍ରାଙ୍ଗଣରେ ରାକ୍ଷସର ଶିଶୁ-ପୁତ୍ରକୁ କ୍ରୀଡ଼ାରତ-ଥିବାର ଦେଖି, ଖର୍ବ କ୍ରୀଡ଼ାସଙ୍ଗୀବେଶ ଧାରଣ କଲା ଓ କୁମା-ରଙ୍କୁ ଛଳାଇ ଅରଣ୍ୟକୁ ଘେନିଗଲା । ସମ୍ମୁଖରେ କୌଣସି ଗିରିନଦୀ ପଡ଼ନ୍ତେ ସ୍ରୋତଜଳ ଦେଖି ପିଶାଚର ଛଦ୍ମ ବେଶ ତୁଟିଯିବାରୁ ସେ ପୁନର୍ବାର ଖର୍ବରୂପ ଧାରଣ କରି 'ଭୃଷ୍ଟ, ଭୃଷ୍ଟ, ଭୃଷ୍ଟ !' ଏହା ଉଚ୍ଚୈଃସ୍ୱରରେ ଉଚ୍ଚାରଣ କରି ଲମ୍ଫ ପ୍ରଦାନ ପୂର୍ବକ ଅରଣ୍ୟ ମଧ୍ୟକୁ ପଳାଇଗଲା । ଭୟାକୁଳ ବାଳକ

ଉଆସକୁ ନେଇଥିବା ପାଇଁ ବେଷ୍ଟିତ ହୁଅନ୍ତେ, ନିଜେ ଅନଶନରେ ପଞ୍ଚତ୍ୱ ହେଲା । ଅବଶେଷରେ ସେ ଦଶଟି ସୀମାନ୍ତ ଇଂରାଜ ଧାନୁଷ୍କଙ୍କ ହସ୍ତରେ ନିପତିତ ହୁଅନ୍ତେ ସେମାନେ ଶିଶୁକୁ ବ୍ରାଙ୍କସ—ପୁନରାଜ ଟୋଲି ଚିହ୍ନିପାରି ଆପଣା ଦମୁପତି ପ୍ରଭୁ 'ଦେବୀର'ଙ୍କ ନିକଟକୁ ଘେନିଗଲେ । ଇତ୍ୟବସରରେ ଖର୍ବ ବ୍ରାଙ୍କସ ନଗରକୁ ନେଉଛି ଯାଇ କୁମାରର ଅଙ୍ଗୁତ ଧାରଣା କରି ନାନାରୂପ ଅନର୍ଥ ଘଟାଇଲା । ଦୁର୍ଗବାସୀ ବାଳକର ଅଦ୍ଭୁତ ଅଚରଣବୈପରୀତ୍ୟ ଦେଖି ବିସ୍ମିତ ହେଲେ; ମାତ୍ର ମହର୍ଷି ଅଦ୍ଭୁତ ଧନେଶ୍ୱରେନଙ୍କ ଶୁଶ୍ରୂଷାରେ ଏତେ ବ୍ୟସ୍ତ ଥିଲେ ଯେ ବାଳକର ପରିବର୍ତ୍ତନ ଲକ୍ଷ୍ୟ କରିବାକୁ ତାହାଙ୍କର ଅବସର ଅବସର ନ ଥିଲା ।

କିନ୍ତୁ ଦିବସ ସାୟଂକାଳରେ ହଠାତ୍ ପଶ୍ଚିମ ସୀମାନ୍ତ ଶୈଳଚୂଡ଼ାରେ ସମରଜ୍ଞାପକ ଅଗ୍ନି ପ୍ରଜ୍ୱଳିତ ହେଲା । ଏଥିରୁ [illegible] ସେ ଇଂରାଜ [illegible] ସୀମାନ୍ତ-ପ୍ରଦେଶ ଅତିକ୍ରମ କରିଅଛନ୍ତି । ବ୍ରାଙ୍କସ ଦୁର୍ଗର ସାଦରମ୍ୟ ଶାନ୍ତିପର୍ଯ୍ୟବେକ୍ଷଣ ଓ ପାରମିତ୍ରବର୍ଗଙ୍କୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଦ୍ରୁତବେଗରେ ବହିର୍ଗତ ହେଲେ । ସଙ୍କେତାଗ୍ନି କ୍ରମଶଃ ଶୈଳରୁ ଶୈଳାନ୍ତରରେ ପ୍ରଜ୍ୱଳିତ ହୋଇ ସ୍କଟଲଣ୍ଡର

ପ୍ରାଣୀନିଗଣ୍ଠି ହସ୍ତରେ ଦେଦୀପ୍ୟମାନ ହେଲା। ଅନୁରୋ ଜ୍ୟୋତି ମେଘଙ୍କ ପ୍ରତପ୍ତ ସମରବହ୍ନି ଦେଖି ସୀମା ପ୍ରତ୍ୟାଗତଙ୍କୁ ଅନ୍ତରେ ହେବାପାଇଁ ବାହାରିଙ୍କୁ ଅପେକ୍ଷା ହେଲେ। ବ୍ରାହ୍ମଣ ଦୂର୍ବାସା ଅସନ୍ନ—ଆହ୍ଵାନ ନିମିତ୍ତ ହେଲା ଆଯୋଜିତ କରି ବୈଶ୍ୟ ପତ୍ନୀମାନେ ଅଙ୍କୋରିତ ଦେବିନୀ ଯାପନ କଲେ।

୧

ସତେ ବୋଇଲ କି ଗଳିତ ଶରୀର,
ରକ୍ତାପଦହୀନ ଆଜ ମୋ ରୁଧିର,
ସତେ ବୋଇଲ କି କଣ୍ଠରେ ବବଶ,
ଗଳନ୍ତି ହୃଦୟୁ ହର ପୂର୍ବ-ରସ,
ସତେ ବୋଇଲ କି ନୁହେ ମୋ ଉଚିତ
ଗାଇବଇଁ ପ୍ରେମ-ମୋହନ-ଚରିତ ?
କେମନ୍ତେ ତେଜି ସେ ବନ୍ଦୀ-ପ୍ରିୟତମ—
ପ୍ରସଙ୍ଗ ହେବ ମୁଁ ସେ କୁଳେ ଅଧମ,
କେମନ୍ତେ ଅନ୍ତର ସରସ ନ କର
ହଠି ରହିବ ମୁଁ ପ୍ରେମ ନାମ ଧରି ? (୧୦)

୨

ପ୍ରେମ କରେ ନର ତ୍ରିଜଗମୁରଲୀରେ,
ଚଢ଼ାଏ ଶୂଳକୁ ସମର-ବାଜରେ;
ପ୍ରେମ ଯହିଁ ହୁଏ ରସିକ ମୃତବେଶ,
ପ୍ରେମ-ହଲ୍ଲୀଷକେ ଉମେ ପଲ୍ଲି ଦେଶ,
ପ୍ରେମ ରାଜପଣ ସର୍ବସ ଭୁବନେ,
କୁଞ୍ଜେ, ସ୍କନ୍ଧାବାରେ, ରାଜନିକେତନେ;
ପ୍ରେମ-ମୋହନରେ ମର୍ତ୍ତ୍ୟେ ସର୍ବେ ନରେ,
ଅମରେ ପୁଣି ଯାବତ ଅମରେ,
ପ୍ରେମ ଅଟେ ପୂତ ବଇକୁଣ୍ଠ-ଧାମ,
ପୂତ-ବଇକୁଣ୍ଠ ପ୍ରେମ ଅନ୍ୟ ନାମ । (୨୦)

୩

ସେହି ପ୍ରେମେ ଭୂତ-ହୃଦୟ କାନନେ
ଗମନ୍ତି 'କାନ୍ସନ' ଉଦାସୀନମନେ;
ପଛନ୍ତି ଶୁଣି ସେ ନୃତ୍ୟ ତାଙ୍କ ସ୍ୱର
ପିନ୍ଧିଲେ ତାଙ୍କ ଶିରେ ଫଲ୍ଗୁ,

୧୪ । ହଲ୍ଲୀଷକ—ମଣ୍ଡଳାକାରରେ ଯୁବକ ଓ ଯୁବତୀମାନଙ୍କର ନୃତ୍ୟ । ଏହା ଉତ୍କଳର ଅଦ୍ଧସଭ୍ୟଜାତିମାନଙ୍କ ମଧ୍ୟରେ ବର୍ତ୍ତମାନ ମଧ୍ୟ ପ୍ରଚଳିତ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହାର ନୃତ୍ୟ ସ୍ୱାଧାରଣତଃ ଦେଖାଯାଏ ।

ପିନ୍ଧିଛନ୍ତି କି, ନା, ଶିରସ୍ତ୍ର ମସ୍ତକେ,
ଦେଖିଲେ ପ୍ରଚଣ୍ଡଗଡରେ ସଙ୍କଟେ
ବର୍ମଥାସ୍ର ଯାଦ ଅସୁଛନ୍ତି ଜଣେ
ଶୈଳ ଅନ୍ତରାଳୁ ଦ୍ରୁମାକୀର୍ଣ୍ଣ ବନେ;
ତୁରଙ୍ଗୀ ତୁରଙ୍ଗ ସ୍ୱେଦ-କଳଙ୍କିତ,
ଅବାଲଖା ଅଙ୍ଗ କର୍ଦ୍ଦମ-ଚିତ୍ରିତ; (୩୦)
ଛୁଟା ପଡ଼ି ବର୍ମ ଲୋହିତ-ବର୍ଣ୍ଣ,
ନାଚେ ପୁଣି ଯାଦ ଶ୍ରାନ୍ତ, ଅବସନ୍ନ ।
ଧାଇଁ ଥିବେ କଣାଯାକ ଯୋଧବର—
'ଧଳେସ୍ୱରେନ' ସେହୁ—ନୁହନ୍ତି ଅପର !

୪

ମାତ୍ର ନ ରହିଲା ଭଲେ ତାଙ୍କ ଶ୍ରାନ୍ତି,
ନିରେଖିଲେ ଯେବେ ଅତ୍ରେତ ଅନ୍ତି—
ଦୁର୍ଗାଦ୍ରି-କଣ୍ଠ-ଶୃଙ୍ଗ-ପାଶେ
(ପ୍ରଭାକର କରେ କି ଶୋଭାର ଲାସ୍ୟ !)
—ଜଳିଯାଏ ତନୁ ବନ୍ଧ-ବୈର-ଦ୍ୱେଷେ.
ଉଡ଼ୁଥିବ ଶୂନ୍ୟେ ନିଜ ମୁଷ୍ଟିରେ ଯେ, (୪୦)

---

୩୭ । ଚାନ୍ଦ୍ରବଂଶୀୟ ରାଜାମାନଙ୍କର ଶିରସ୍ତ୍ରାଣ ମଧ୍ୟରେ ଯାଦବର ପ୍ରତିକୃତି ରହୁଥିଲା । ଏହା ଯେ ବଂଶର ଲାଞ୍ଛନ

ଜଇ ସ୍ୱଳ୍ପ-ଲକ୍ଷ୍ୟ ପୂର୍ଣ୍ଣିତ୍ର, କପାଳି
ଅସିଥିଲେ ତଥି 'ହାନେସ୍ତନ'ର ପାଇଁ ?
ସମ ପ୍ରତି-ଦ୍ରୁତ୍ପ, ହାମର୍ଷ ବଚନ,
ସୂଚଇ ଅନେକ-ଦ୍ୱନ୍ଦ୍ୱର ଲକ୍ଷଣ;
ତୁରଗ ପର୍ଯ୍ୟନ୍ତ ପ୍ରତିଦ୍ୱନ୍ଦ୍ୱ କରି
ଜାଣି ପାର ଅରି ଏକ ଅନେକରି.
ଘରିଯାନ୍ତି ଛାଡ଼ି ଦୂର୍ବା-ଘୋଷାନଳ
ସ୍ୱାମୀଙ୍କୁ ଦେବାକୁ ଅସ୍ତ୍ର-କ୍ରୀଡ଼ା-ଛଳ ।

୫

ଚକ୍ଷୁରେ ବୁଲାଇ ଗୃହସ୍ଥ ସନ୍ଧର
ଝୁଙ୍କି ଆସନରେ ବସିଲେ କୁମର. (୫୦)
ଖୋଲି ଶ୍ୱାସ ଫେରି ସ୍ମରିଲେ ଜେମାଙ୍କୁ,
ପ୍ରଣମିଲେ ମନେ କୁଳଦେବତାଙ୍କୁ;
ଉଗ୍ର 'ଦରୋଗେରନ' ବାନ୍ଧିବା ବାହୁ
ଯାହା ନ ଭୋଗନ୍ତି ବାହୁଜ—ବଳାନ୍ତ,
ସ୍ଥିର କରି ଲକ୍ଷ୍ୟ, ଅବନତ ଶିର,
ଚକ୍ର କର୍ଣ୍ଣ ଅର୍ଦ୍ଧ ଛାଡ଼ିଲେ ପ୍ରହାର;
ବାରିଦେ ବାରିଧି ଭୀମ ସଙ୍ଘର୍ଷଣ—
ପ୍ରାଚ୍ୟେ ହେଲା ବେଳ ଯୋଧଙ୍କ ମିଳନ ।

---

୪୯ । ଗୃହସ୍ଥ-ଦେହଳି । ୫୦ । ଅଙ୍ଗ—ଦୋହଳି ।

୭

ଖୁରେ [illegible]
ଗୋଇଠେଲି ଟ୍ରମ୍ଭୁ ପର୍ଯ୍ୟାଣ ତଳେରେ,
ତୁରଙ୍ଗମପୃଷ୍ଠୁ ଭେଟର [illegible],
ବୁଝି ହୋଇ ବାଟେ ଉଡ଼ିଲା [illegible];
କି ନିବାଡ଼ ଦାରୁ, ବଳୀ-ଭଲ୍ଲୀ-ଦାନ୍ତ,
ଯେ ସ୍ଥୁଦ୍ରଗ୍ରୈଷ୍ଠରେ ହେଲା ଖଣ୍ଡ ଖଣ୍ଡ ।
ଖରେ ଉଠେବସି, ଛାମୁ, କୁନ୍ତେ ଅରି—
କବଚ ଫୋଡ଼ନ୍ତି କୌନ୍ତେୟ ଯେପରି;
ବାନ୍ଧି ଚର୍ମ, ବର୍ମ, ଗୁରୁ ଛାଡ଼-ଛନ୍ଦ,
ଭାଜିଲ ସେ କୁନ୍ତ ଚିର ବନ୍ଧ-ମଧ୍ୟ;
ତେବେ ବସିଥାନ୍ତି ହୋଇ ଦୃଢ଼ାସନ
ବାନ୍ଧୀ 'ଦାକ୍ଷେଟରେଜ' ଅଙ୍ଗ-ଭୂଷଣ;
ନ ସମ୍ଭାଳି ପାରି ସଘାତ ବିକ୍ରମ,
ଆରେଶୁଣିପଡ଼ିଲ ଶ୍ରାନ୍ତ ତୁରଙ୍ଗମ,
ଦାଉବେ ଛିଣ୍ଡିଲା ପର୍ଯ୍ୟାଣ-ବନ୍ଧନ,
ଅଶ୍ୱ ଘେନି ତଳେ ପଡ଼ିଲେ ତକ୍ଷଣି ।

---

୬୨ । ପର୍ଯ୍ୟାଣ—ଅଶ୍ୱପୃଷ୍ଠ (Saddle) ଆସନ ।
୬୩ । ନିବାଡ଼—ଦୃଢ଼ ।

ନ ଦେଖିଲେ ଏହା ସଧର୍ମ-ଧମକ
ଖୋଜି ଘୁରୁ ଥାଏ କୁମର ମୟୂକ,
ଅଗ୍ରେ ତଦବସ୍ଥ ଧାଆନ୍ତି ପ୍ରଖରେ,
ନ ହଲଟେ ଦୃଷ୍ଟି ଅରନ୍ତୁ ଉପରେ ।

୭

ଅକର୍ଷି କବିକ ଫେରାନ୍ତେ ତୁରଙ୍ଗ
ଦେଖିଲେ ଧୀରେନ୍ଦ୍ର, ସାମନ୍ତ ଦୁର୍ଭଗ (୮୦)
ସମର-ଶାୟିତ, ସ୍ତବ୍ଧ ଅଚେତନ,
ଉଦ୍ଧମିତ ନମ୍ରେ ଅବନୀ ଯେସନ;
ଆଜ୍ଞା ହେଲେ ପ୍ରଭୁ ଦାସଙ୍କୁ ତୁରିତ
ରୋଧିବାକୁ ଶୂର କ୍ଷତର ଶୋଣିତ;
ଭାଷନ୍ତି :—"ଯାବତ ନ ଆସେ ଚେତନ,
ରହି ବୀରଙ୍କୁ ତୁ କର ଶୁଶ୍ରୂଷଣ,
ସାନ୍ତ୍ୱମାନେ ତାଙ୍କୁ ସମଭିବ୍ୟାହାରେ
ନେଇନା ଛାଡିବୁ ତୁ ତାଙ୍କ ହର-ଦ୍ୱାରେ ।"

---

୭୮ । ଅରନ୍ତୁ—ଶତ୍ରୁ ।
୭୯ । କବିକ—ରଶ୍ମି, ଲଗାମ (Reins)।
୮୮ । ହରି-ଦ୍ୱାର—ସିଂହଦ୍ୱାର ।

କ୍ଷୁବ୍ଧ ହୋଇଥିଲା ନୃମଣିଙ୍କ ହୃଦ,
ପ୍ରତିଯୋଗୀ ଯେଣୁ ରମଣୀ-ସୁହୃଦ; (୯୦)
ପଦ୍‌ବ୍ରଜରେ ଶକ ଅବହେଳେ ଗର୍ବ,
ଏତେହୋଇ ବୋଲନ୍ତି ପୁଣି ଜେମା-ଧବ :—
"ଅଙ୍ଗୀକେ ପାଳନ୍ତୁ ସମୂହ ଆଦେଶ,
ସେବା ବନ୍ଦୀଙ୍କୁ କରନ୍ତୁ ବିଶେଷ,
ସ୍ତ୍ରୀ ରହିବାର ଶତ୍ରୁ ଦୁର୍ଗ-ତଳେ
ନୁହଇ ଉଚିତ, ଯାଏଁ ମୁଁ ସହଳେ,
ହାଣିମୁଣ୍ଡେ ଇଷ୍ଟ ସୁହୃଦ୍‌ବାକୁ ବାରେ
ନ ଦେବେ ଲଭିଲେ ଅବଏ ମୁଠାରେ ।"

୮

ଛାଡ଼ିଲେକ ତହୁଁ ହେମ୍ରଷୀ ବହୁ ଧ୍ୱାସେ,
ରହିଲା ବାହନ ସାମନ୍ତ ସକାଶେ; (୧୦୦)
ଅଙ୍କା ପାଳିବାକୁ ନୁହେ ସେ ବାମୁନ୍ତା
ମାତ୍ର ସେନା-କାର୍ଯ୍ୟେ ନ ଲଭଇ ସୁଖ,
ଶୂର-ଉରିଚ୍ଛଦ ପିନ୍ଧାନ୍ତେ ଅଦ୍ଭୁତ
ମହାଗ୍ରନ୍ଥ ଦେଖେ ଅଗ୍ର ବୈତାସୁତ;

---

୯୦ । ରମଣୀ-ସୁହୃଦ—ଅହତ ଧଳେଲରେନ ଜେମା ମାର୍ଗା-ରେଟର ମାତାଙ୍କ ପକ୍ଷୀୟ ସାମନ୍ତ ।

୯୨ । ଜେମା-ଧବ-ଜେମାକାନ୍ତ ଅର୍ଥାତ୍ ଲାଚ୍ଚନ ।

ବନ୍ଧୁ ମଣ୍ଡଳ, ଅଗ୍ରର୍ଜୀଙ୍କ ଭଳି
ଗୁଞ୍ଜି ଥିଲେ ବକ୍ଷେ ଯୋଥି କିଅଁ ବଳୀ:
କିଏ କରେ ସେବା, କିଏ ଦେଖେ ଛିଦ୍ର;
ନ ଭେଦିଲେ ଏହି ରହସ୍ୟ ଗୁପତ !

୯

ଛତଜେ ପୁତ୍ତଳିକା କର କବଳିତ
ଫେର ଦେଖିବାକୁ ହୁଅଇ ହୃଦୟ; (୧୧୮)
ଗ୍ରନ୍ଥର ଅପୂପ କାଳିଚୀ, ବନ୍ଧନ,
ନ ମାନନ୍ତି ଦୁଷ୍ଟ ବୋଲ ବହୁଜଣେ,
ଫେଡ଼ ଯେବେ ଏକ ଅକ୍ଷରକୁ ଧରେ,
ମୃଦ ଯାଏ ଅଦ୍ୟ କାଳିଣି ପ୍ରଚାରେ;
କାହୁଁ ହେବେ ସେହୁ ମ୍ଳେଚ୍ଛବର୍ଣ୍ଣୋଦ୍ଧୃତ,
ପଢ଼ ନାହିଁ ଶ୍ରୋତେ ଚିହ୍ନି-କର୍ଣ୍ଣି ମୃତ ?
ଅନନ୍ୟଉପାୟ ଧୂର୍ତ୍ତ, ଯୋଥି ଅଙ୍ଗେ
ବୋଲିଲ ବହଳ ଛତ୍ରେ ସୁରଙ୍ଗେ;
ତନ୍ଧାତ୍ର ଫିଟିଲ ସନ୍ଦର୍ଭ ସଂପୁଟେ,
ଆଦ୍ୟ ଚରଣଟି ପଢ଼ିଲ ଜନ୍ମୁପୁଙ୍ଗେ; (୧୧୯)

---

୧୧୮ । ଛତଜ-ରୁଧିର ।
୧୧୯ । ସନ୍ଦର୍ଭ-ଗ୍ରନ୍ଥ ।

ମନ୍ତ୍ର ମନ୍ତ୍ରଟିଏ ଲେଖା ଥିଲା ତହିଁ,
ଅନ୍ତର୍ହିତ ହେଲା ସେ ସହଜରେ ଅତ;
କାଟିଅଛି ଛୋଟ, କାହୁଁ ତା ବହୁତ,
ଲକ୍ଷ୍ମୀ-ବନ୍ଧନ-ଶକ୍ତି ଅଦ୍ଭୁତ;
ଦୃଷ୍ଟିକି ଘଟାଏ କେତେ ରୂପାନ୍ତର,
ଗୀତିବେନ୍ଦ୍ର-ବିଗ୍ରହ ଧରେ ଯୋଷାବର,
ଦେଖିଲେ ଦର୍ପଣ କାଷ୍ଠ-ଲୂତା-ଜାଲମାନ
ସାକ୍ଷାତ ଦେଖନ୍ତେ ସେ ଦ୍ୱାର-ଅପିଧାନ,
ଲାଙ୍ଗଳି-ଖୋଳପା ଦର୍ଶାଇ ବୋଇଲା
ମଲମ୍ବାରେ ତନୁ ବିଚିତ୍ର-ଚିହ୍ନିତ,
ଉଟଜର ଅଙ୍ଗ ବଦଳେ କ୍ଷଣକେ
ରାଜଭବନର ବଡ଼ିମା ଚମକେ,
ଦିଶଇ ଯୁବକ ସୁନ୍ଦରର ପ୍ରାୟ
ସ୍ଥବିର ଘେନଇ ଯୁବକର କାୟ;
ଗାରେଡ଼ିର ବଳେ ଘଟେ ଅଲୌକିକ,
ଅବାସ୍ତବ ସର୍ବ, ବିତଥ, ଅଳୀକ।

୧୨୭। ଲୂତା-ଜାଲ-ବୁଢ଼ୀଆଣୀ ବସା।
୧୨୮। ଦ୍ୱାର-ଅପିଧାନ-ପରଦା।
୧୨୯। ଲାଙ୍ଗଳି-ନଡ଼ିଆ।
୧୩୧। ଉଟଜ-କୁଡ଼ିଆ। ୧୩୨। ଗାରେଡ଼ି-ମାୟାବିଦ୍ୟା।

୧୦

ପଢ଼ିବାକୁ ମନ୍ତ୍ର ଆରମ୍ଭନ୍ତେ ଅନ,
ଚଣ୍ଡ ତଳାଘାତ ଗଣ୍ଡେ ଲଭେ ଦାନ;
ଲମ୍ବ ହୋଇ ଠୁଣ୍ଟା ପ୍ରଚଣ୍ଡ ପ୍ରହାରେ
'ଧଲେରେନ' ପାଶେ ପଡ଼ିଲ ଧଡ଼ରେ;।

ଶଙ୍କିତ ହୃଦୟ, ଉଠି ବସି ଗୃଣ୍ଡ
ଝାଡ଼ି ହୁଏ ମୁଣ୍ଡ କଠୋର, ପ୍ରକାଣ୍ଡ ।
କୁନ୍ଥାଇ କହଇ ପଦଟିଏ ଶ୍ଳୋକ :—
" ବଡ଼େ ଅଘାତଲ ହୋଇ ବୁଢ଼ାଲୋକ !"

ପୁଣି ତନୋହଲ ମନ୍ଦର ହେମନ୍ତ
କୁତୂହଳୀ ହୋଇ ପଢ଼ିବ ସେ ତନ୍ତ୍ର ;
ଆର୍ଯ୍ୟଶୋଣିତରେ ହେଲେହେଁ ଜର୍ଜର,
କାଳି ଗଲେ ଖିଲ୍ ସର୍ବେ ଦୃଢ଼ତର;
ରୁଷ୍ଟ ମନେ ଦୁଷ୍ଟ ନିଜ ପ୍ରାବରଣ
ମଧ୍ୟେ ମହାପୋଥି କରିଲ ଗୋପନ;
କୌତୁକେ ପୁଚ୍ଛିବ, ଏଡ଼େ ଝୁନା ଖର୍ବ—
ଗଣ୍ଡେ ବସାଇଲା କିଏ ସେ ଭୈରବ;

୧୩୮ । ତଳାଘାତ-ଚପେଟାଘାତ ।

କାହୁଁ ଜାଣିବଇଁ—ଲଢୁଇ କି ଫଳ ?
କେ ମିଛ ଭଣ୍ଡି କାହିଁକି କୁଶଳ ?
ଅନୁମାନେ ଅଟେ, ସେ ଶୁଦ୍ଧା ପର୍ଯ୍ୟନ୍ତ
ମାରଣୀ ନ ଥିବେ ଜୀବନ୍ତ ପୁରୁଷ ।

୧୧

ତ୍ରସ୍ତ ଅଙ୍ଗ ଏବେ ହେଜଇ ବାହନ,
ମାଟିରେ ଲାଗେ ଅନାକୁଳ ମନ,
ଠେକି ଉଲ୍ଲୁ ମୃତ-କାଲ୍ଟ କଳେବର
ଶ୍ରାନ୍ତ ହସ୍ତୋପର ଲଦାଇ ସତ୍ବର,
ଦାଣ୍ଡେ ଦାଣ୍ଡେ ନାନା ଥାନା ଅନାୟାସେ
ଲଙ୍ଘି ଉପନୀତ 'ବ୍ରାଙ୍କସ' ହିଅସେ;
ଛୁଡ଼ା ହୋଇଥାନ୍ତି ପୁରପାଳଦଳ,
ନ ବୁଝିଲେ କେହି ହୃଦର କୌଶଳ;
ପରେ ଯେବେ ହେଲା କଥା ଆନ୍ଦୋଳନ,
ନିୟମ କଲେ ଦୌବାରିକଗଣ,
ଖଣ୍ଡିଏ ମାତର ଶୁଷ୍କ-ତୃଣ-ଗାଡ଼ି
ବାଢରେକ, ଆନ ନ ଥିଲେକ ଛାଡ଼ି ।
ନେଲା ଯୋଧତନୁ ତହୁଁ କି ଛଳକେ
ଯୌଧ-ଶିର ରାଣୀ କକ୍ଷର ସମକ୍ଷେ,

ଶାମ୍ବରୀ-ମାୟାରେ ଯାବତ ଅରିନ୍ଦ
ନବାଡ଼ିବ ବୋଲି ବାଙ୍ଗରା ଅଭୀଷ୍ଟ,
ଶଚୀଙ୍କ ଉଲଟେ ରଘୁକୁ ଯତନେ
ପଠାଇ ଦେବ ମନୋହର ମଦନ,
ମାଦି ଦୁହିତର-ସୁନ୍ଦର-କାନ୍ତି.
ପଶି ନ ପାରିଲ ଦ୍ୱାରେ ଚନ୍ଦ୍ର-ରଶ୍ମି;
ପ୍ରତିହତ-ଚେଷ୍ଟ, କୁପିତ, ପ୍ରଣୟରେ
କରୁଛି ଦଅଇ ବୋଲଇ ଉଦାସରେ;
ଫିର ବେଗେ ଯୋଧ-ହିତ-ପ୍ରତୀକାରୁ
ପ୍ରବିଲା ରୁଧିର ଗୁରୁ-ଯତନରୁ ।

୧୨

ଏବେ ନେଉଟନ୍ତେ ଦେଖିଲା ଦୁର୍ମତି
ପ୍ରାଙ୍ଗଣେ ଖେଳଇ ମହାମୀନକେତ;
ବାଳଚନ୍ଦ୍ରାଯୁ ଦେଖି ହେଲା ମତି.
ଛଳି ଯେବେ ଥିବ ତାଙ୍କୁ ମହାରଣୀ;
ମନେ ସଦା ରୁଚି, ମନରେ ପ୍ରବୃତ୍ତି,
ହିତ ସାଧନେ ତା ନ ବନେ ପ୍ରକୃତି,

---

୧୭୧ । ଶାମ୍ବରୀ—ଇନ୍ଦ୍ରଜାଲ ।
୧୭୨ । ପ୍ରଙ୍ଗଣ—ଅଙ୍ଗ ।

କ୍ରୀଡ଼ାକାମ୍ୟପ୍ରଦେଶେ ନେଲ୍ ତେଣୁ ରଙ୍ଗେ
ଶିଶୁ ବେଶଧରି କୁମରଙ୍କୁ ସଙ୍ଗେ;
ଦେଖନ୍ତି ପରୀକ୍ଷା-ସେତୁ-ରକ୍ଷୀଦଳ,
ଦାରମ୍ୟ ପଥେ ଧାଆନ୍ତି ଯୁଗଳ । (୧୯୦)

୧୩

କେତେ ଠାଇଁ ଖଳ, କନ୍ଦର୍ପ ବିଷମ,
ଘେନି ଅର୍ଭକଙ୍କୁ କଲା ଅତିକ୍ରମ !
ଦାରବେ ପଡ଼ିଲା ପଥେ କଲ୍ଲୋଳିନୀ
ସ୍ୱଚ୍ଛ-ନୀର ସୃଜୁ ଗିରି-ତରଙ୍ଗିଣୀ,
ଚଳ-ଜଳ-ଦୁର୍ଗେ ଛୁଟେ ଯାଦୁଗଣ,
ଧରଇ ପିଶାଚ ଅଦ୍ଭୁତ-ରୂପ ପୁଣ ।
ସହଜେ ତ ଖର୍ବ ଖଣ୍ଡ-ପରାକ୍ରମ,
ଧୂକେ ଡରୁଥାଏ ରାଣୀଙ୍କୁ ବିଷମ,
ନୋହିଥିଲେ ଲାଗିଥାନ୍ତା କଳଙ୍କରେ
ଲେଉଟିଲା କୁମର ଅବଯୁବ ସୁଙ୍ଗେ, (୨୦୦)
ଅବା ଅତି ମୁଦେ କୁଶ କରଜରେ
ଟିପି ଦେଇଥାନ୍ତା ତଣ୍ଟି ଅରଣ୍ୟରେ;

୧୯୦ । ଦାରମ୍ୟ—କୁନ୍ଦନ୍ତର ।
୧୯୨ । ଅର୍ଭକ—ଶିଶୁ ।

ବକଚବଦନେ ଖାଲ୍ ଶଙ୍କାନ୍ୱିତ
କରି, ଦେଖୁ ହେଲା ସେଥୁ ଅନ୍ତର୍ହିତ;
ଯିବା ବେଳେ 'ଭୃଷ୍ଟ ! ଭୃଷ୍ଟ !' ସେ ଉଚ୍ଚାର
ଚିଲ୍ଲାଚକୁ ହେଲାକ ଅମ୍ବୁବେଗ ପାର ।

୧୮

ସହସା ମିତକୁ ଦେଖି ବବର୍ତ୍ତିତ
ହେଲା ରାଜ୍ଞୀ-ଗୃହ-ଚିତ୍ର ବଯୋଚିତ;
ପୁଣି ଯେବେ ଖର୍ବ ଅଶିବ-ବଦନ
ଅଟ୍ଟହାସେ କଲା ତନ "ଭୃଷ୍ଟ" ସ୍ୱନ, (୨୧୦)
ଉଚ୍ଚ ହେଲା ଶିଶୁ ଅତର—ନିଷ୍ଫଳ,
ବନହସ୍ତେ ଯେହ୍ନେ ବକଚ କମଳ;
ଉତସ୍ତବ୍ଧ ହୋଇ ବେପମାନ ପାଦେ
ଦସ୍ୱାନ୍ତେ ସଙ୍କଟେ ସରଣୀ ପ୍ରାସାଦେ,
ଶଙ୍କେ ମନେ ମନେ, ଯେଉଁ ଗୁଳ୍ମ ପୁଣି
ହାଣ୍ଡୁଛି ଗେଡ଼ା ତା ଦୃଷ୍ଟି ଶିରହ୍ଣି,

---

୨୦୭ । ଚଲ୍ଲକେ-ତିଁଅକେ ।
୨୦୮ । ଗୃହ—କୁମର ।
୨୧୦ ମେଳ-ଉେଗ ୍ପ ।

ଚନ୍ଦ୍ରାହୀନ ହୋଇ ସାଧୁପେ ଏପନ
ଭ୍ରମଇ ଗହନେ ନରେନ୍ଦ୍ର-ନନ୍ଦନ;
ଯେତେ ହେଉଥାଏ ଅଗ୍ରେ ଅଗ୍ରସର,
ଚନ୍ଦ୍ରଙ୍କ ଦୁର୍ଗରୁ ହୁଏ ଦୂରତର; (୨୨୦)
ଅଚିରେ ଶ୍ରବଣେ ପଡ଼େ ଶ୍ୱାନଧ୍ୱନି,
ମୃଗୀରତ ଯହିଁ ଅଗମ୍ୟ ଅବନୀ ।

୧୫

ଗୃହୁଁ ଗୃହୁଁ କଢ ହେଲେ ଯେ ଅନ୍ତର,
ମୃତ୍ତିକା ଆଘ୍ରାଣି ଅଇଲେ ଭୈରବ
ସାରମେୟ କୃଷ୍ଣ, ଥୋମଣି ପିଙ୍ଗଳ,
ଅରୁଣ ଲୋଚନୁ ସ୍ଫୁରେ ରୋଷାନଳ;
ଅଚିହ୍ନା ବାଳକ ଘାଇ ତନୁ ମୂର୍ତ୍ତି—
କରି ଅନୁମଇ ଶିଶୁଙ୍କୁ ତୁରିତ;
ଦେଖିଥିଲେ, ଦେଇ, ଭୂମରେ ଯାନ୍ତି
ନିକଷ୍ଟ ହୋଇଥାନ୍ତି ସ୍ନେହପରବଶ; (୨୩୦)
ମହାପଟା-ତାତ-ଯୋଗ୍ୟ-ଅଙ୍ଗଧର,
କୋଟେ ଜନେ ଗଣ୍ଡ ଲୋହିତ-ଭାସ୍କର,
ତେକ କୀଡ଼ା-ଚଞ୍ଚୁ ପ୍ରଚଣ୍ଡ ଧମକେ
କରୁଡ଼ର ବଳା ଡାହାଳ ମସ୍ତକେ;

୨୧୬ । ସାଧୁପେ-ଉସ୍ତବର ।

ଛୁଟି ଭଗ୍ନ ସ୍ୱରେ କୁକ୍କୁର ବିଷମ
ଦୁରୁ ଝାମ୍ପିବାକୁ କରଇ ଉଦ୍ୟମ;
ଶୁଣି ସେ କୁଦାତ ଧାଇଁ ସମ୍ମୁଖକୁ,
ପହୁଞ୍ଚିଲ ଜଣେ ଢେଙ୍କାରୁ ଧାନୁକ;
ସମ୍ମୁଖେ ଶ୍ୱାନକୁ ଦେଖି ସେ ସତ୍ୱର
ଆକର୍ଷେ ଶିଞ୍ଜିନୀ ଯୋଜି ତୀକ୍ଷ୍ଣ ଶର;
ସହସା ପଛରୁ କଲେ ଆନ ମନା :—
"ଛି ! ଛି ! ଶିଶୁଟିଏ, ନାହିଁନା, ନାହିଁନା ।"

୧୬

ଏବେ ସେହୁ ଅସି ଅର୍ଦ୍ଧ-ଆକର୍ଷିତ-
ଧନୁର୍ଦ୍ଧର-ବେଷ କଲେ ଶମିତ,
ମସ୍ତକ ଝାପଡ଼ ଶ୍ୱାନ କୋପାନଳ
କଲେ ପୁଣି ସେହୁ କମଟେ ଶୀତଳ;
ଥିଲେ ଆଗନ୍ତୁକ କୁର୍ତ୍ତାନ 'ବଟନ',
ସୀମାନ୍ତ-ପ୍ରଦେଶ-ପାବତୁଡେ ଧାଏଁ;
ଥିଲେ ପଇଁତେ ଚନ୍ଦ୍ର ଅଙ୍ଗରେ
କୁଠୁରି କଣିକି ପଡ଼େ ତାଙ୍କ ଶିରେ;

୪୮ । ଢେଙ୍କା—ପାହାଡ଼ସ୍ଥ ଅବାଦ ଭୂମି ।

୫୦ । କୁଠୁରି—ଏକପ୍ରକାର କ୍ଷୁଦ୍ରକାୟ ମୃଗ । କଣିକି-ଶେଅଁଳା ଛୁଅଛି ।

ଝିପ୍ରତର କର, ଖରତର ଦୃଷ୍ଟି,
ଯାହିଁ ହୋଇଥିବ ଧନ୍ଵୀକୁଳେ ସୃଷ୍ଟି,
କଣ୍ଟକିକୁନ୍ତଳ, ସମୂଳ କର୍ତ୍ତିତ,
ପ୍ରକାଶେ ଆନନ ତପନ-ତାପିତ;
ଚୋଳର ଶିରସ୍ତ୍ର ଛକ-ସୁଲାଞ୍ଛନେ,
ପୁନ୍ନାଗାନ୍ତୁ ଯାହା ଅର୍ଜ୍ଜିଲା 'ବ୍ରହ୍ମନେ';
କଟିଦେଶ ଶୋଭେ ବୃକ-ଚର୍ମ-ବାନେ,
ଦୋଳେ ନବବନ୍ତୁ ଶିଙ୍ଗା ଶୁଭପାଶେ;
ଇତରଦଗରେ ଅସି ଉର୍ଜ୍ଜସ୍ଵଳ,
ଖରଶାଣ ହାଣି ଏଣି କଣ୍ଠାନଳ । (୨୬୦)

୧୨

ମୃଗୟା-ଉଚିତ ପଲ୍ଲବ-ବରଣ,
ଅର୍ଦ୍ଧୋରୁକୁ ଡେଇଁ ଲମ୍ବେ ପ୍ରାବରଣ;

---

୨୫୭ । ତାହାଙ୍କ ଇଂରେଜ ସୈନ୍ୟମାନେ ଶିରସ୍ତ୍ରରେ ପ୍ରାଚୀନ ମହର୍ଷି ଜର୍ଜଙ୍କର ଛକ (Cross) ଲାଞ୍ଛନସ୍ଵରୂପ ବ୍ୟବହାର କରୁଥିଲେ ।

୨୫୮ । ଶୁଭ—ଡାହାଣ ।

୨୬୧ । ପ୍ରାବରଣ—(Cloak) । ଅର୍ଦ୍ଧୋରୁ—ଊରୁର ଅର୍ଦ୍ଧକ ।

ସାରସନ ପଛେ ଶୋଭିଲ ତପ୍ତ ତୂଣ
ଭରତରେ ଗୁଚ୍ଛ ସାୟକର ଗୁଚ୍ଛ;
ବର୍ତ୍ତଚି ମାତର ପୃଷ୍ଠରେ ଫଳକ,
ବଡ଼ ବାଣ କର୍ପା ଲେଢ଼ିବେ କିଏକି ?
ନୋହେ ତାଙ୍କମତେ ମନୁଷ୍ୟରେ ଡର
ଜାନୁ ତଳ ଲକ୍ଷ୍ୟ କରେ ମୋଡ଼ି ଅର;
ହସ୍ତରେ ଶିଥିଳ-ଗୁଣ-ଧନୁବର,
ଗ୍ରୀବା-ବନ୍ଧ ପୁଣି ଉଗ୍ର ଭୟଙ୍କର । (୨୭୦)

୧୮

ଦେଖି ବାଳକର ଅଟଳ ସାହସ
ହେଲା ପ୍ରମୁଦିତ କ୍ଷତ୍ରିୟ ମାନସ,
କାଳେ ଅରଣ୍ୟକୁ କରେ ପଳାୟନ,
ଅବା ବେଗେ ପୋଡ଼ ଆରମ୍ଭିଲ ରଣ,
ପ୍ରୀତ-ମନେ ତାକୁ ଉତ୍ତୋଳନ କରି
ରଖିଲେ ବାହୁକ ଭୁଜ-ମୂଳେ ଧରି ।

---

୨୬୯ । ଭରତ- ତୂଣୀର
୨୭୦ । ଜଙ୍କ-କୁକୁର ।
୨୭୪ । ପୋଢ଼—ପ୍ରାକୃତ ।

ଚିହ୍ନିଲି ଶିରସ୍ତ୍ର-ଲାଞ୍ଛନୁ ବାଳକ,
ଯୋଧବୀର ନିଜ ବଂଶ ପ୍ରତାପକ;
କ୍ରୋଧେ ଅସମ୍ଭାଳ, ଯାବତ ସାମର୍ଥ୍ୟ
ଥିଲି କୋମଳାଙ୍ଗେ କଲି ତେଣୁ ବ୍ୟର୍ଥ; (୧୮୪)
ହସ୍ତି ତେ ସୁଧୀନ ସଙ୍ଗୀଙ୍କୁ ଅନାଇ
ଭାଷନ୍ତି :—"କୃପାଳୁ ସିଦ୍ଧଙ୍କ ଦୋହାଇ !
ନଥିଲି ଏ ହସ୍ତେ ପଡ଼ନ୍ତୁ ନଷ୍ଟସ୍ୱ,
ଜନେ କାଣିଥିବେ ଏହାର ନଷ୍ଟତ୍ୱ ।
ଶୂରେ ବଦାନ୍ୟଶ୍ରୀ, ସାହସ ଅଦ୍ଭୁତ,
ଅଟେ ଏହ ଶିଶୁ ମହାକୁଳ-ସୁତ ।"

୧୯

ଶୁଣି ଏହ ଗିର ରୋଷେ ଜରଜର
ଭାଷଇ ଭାରତୀ ନିର୍ଭୟେ କୁମର :—
"ଜାଣୁନାହଁ କି ମୁଁ ଅଟଇ ସମ୍ଭ୍ରାନ୍ତ
ପୂର୍ବଜ ଜୟୀ 'ବ୍ରୁକଲ୍'ଙ୍କ ଖ୍ୟାତ ? (୧୯୦)
ଛାଡ଼ସି ଅମ୍ଭୁକ୍ତ ଦକ୍ଷିଣା ତସ୍କର !
ନୋହିଲେ ତା ଭାବ ପାଇବ ସତ୍ୱର;

---

୧୮୪ । ନଷ୍ଟସ୍ୱ—ମୂଲ୍ୟ ।
୧୯୧ । ଅମୁକ୍ତ-ଅମୁକ୍ତ; ଦକ୍ଷିଣା-ଦକ୍ଷିଣ ଶବ୍ଦ ।

ଯଦି 'ଦନ୍ତେରେନ,' ଯେଉଁମାନେ 'ହାଦେନ',
ପଣି ଯେତେ ଅମ୍ଭ ମହାଯୋଦ୍ଧାଗଣ,
ଯାଉଁକ ଅଇଲେ ଏବେଶ ଏହି ନାହା,
ଜେ ଦଣିବ ତୁମ୍ଭ ପଳାଇବା ରାହା;
ଅମାନିଆ ହେଲେ ଧ୍ରୁବଙ୍କର ଜାଣି—
ମାହାଙ୍କଆ ତୁମ୍ଭ କୋଦଣ୍ଡର ହାଣି—
ଉଦ୍ଭଞ୍ଜନ ଦଣ୍ଡ ଦେବ ମୁଁ ତୁମ୍ଭଙ୍କୁ
ହେଲେ ପଡ଼ିଣିବ ମାଧ ବାୟୁହଙ୍କୁ ।" (୫୮୦)

୨୦

ଶୁଣି ଦୁର୍ଗେଶ୍ୱର-ତନୟର ବାଣୀ
ଉଚ୍ଚିତେ ଭାଷନ୍ତି ଶରାସନ-ପାଣି:—
"ବୁଢ଼ାହିଏ ହୁଅ ବହାରୀ-କୁମର,
ଏତେଡ଼ ଉଚ୍ଚ ମୁହଁ ହା ନ ଥାଏ ମୋହର,
ତେବେ ଯଦ ତୁମ୍ଭେ ସତେ ଟୋଳ ପଡ
ମହାରଥ-ବାଗ୍ରା-ବଳୀନ୍ଦ୍ର-ସନ୍ତତ,
ହେଲେ କେବେ ଦନେ ବାହିନୀ-ପ୍ରଧାନ
ଅମ୍ଭ ପାଠୁଆରେ ହେବେ ସାବଧାନ;
ରଖିପାରେଁ ବାଜ ଛାର ଯେ ଫିଙ୍ଗା,
ତାହା ତାଙ୍କ ସଙ୍ଗେ ଏ କାର୍ଯ୍ୟ କହିଲା. (୫୯୦)

---

୨୯୫ । ପଥଙ୍କ-ଦନ୍ତୁର (ଫିହଲ୍ଭୂମରେ ଏ ଶବ୍ଦ ବ୍ୟବହୃତ
୩୦୧ । ଫିରଙ୍ଗ-ଏକପ୍ରକାର ଖଣ୍ଡା ଅଛି ।

ସୈନିକଙ୍କୁ ମୋର ଛାମୁ, ସୀମାନ୍ତରେ
ମିଳିବ ବ୍ୟବସା ତୁମ୍ଭ ଅମଳରେ;
ବିଜେ ହୁଅ ଏବେ ମହୀଶ-ନନ୍ଦନ,
ଦକ୍ଷିଣା ଚମ୍ପତ କରିବ ଦର୍ଶନ,
ଏହି ଅନୁକୂଳ ହେବ ଫଳଯୁକ୍ତ,
ଧରିଛନ୍ତି ତୁମ୍ଭ ପିଅରଙ୍କ ସୂତ୍ର ।"

୨୧

ଗମ୍ଭୀରପାଥନ୍ତ ଶତ୍ରୁଙ୍କ ହସ୍ତରେ,
କାଏ ଏହୁ ଖେଳେ 'ବ୍ରାଙ୍କ୍ସ' ଚତ୍ୱରେ ?
ଛାଡ଼ି କୁମରକୁ ଦୈତ୍ୟ ମହାରଣେ
ବାହୁଡ଼ନ୍ତି ଥିଲା 'ବ୍ରାଙ୍କ୍ସ' ଭବନେ, (୮୨୦)

---

୮୧୪ । ଦକ୍ଷିଣା ଚମ୍ପତ—ସୀମାନ୍ତ ପ୍ରଦେଶରେ ପ୍ରାୟ ସର୍ବଦା ଯେ ଯମଯୁଦ୍ଧରେ ଲୁଣ୍ଠନାଦି ଉପଦ୍ରବ ହେଉଥିବାରୁ ଜଣେ ବ୍ରିଟିଶ ସେନାପତି ଶାନ୍ତିସ୍ଥାପନାର୍ଥେ ସେଠାରେ ଅବସ୍ଥାନ କରୁଥିଲେ ।

୮୧୭ । ଗମ୍ଭୀରପାଥନ୍ତ—କୌଣସି କୌଣସି ପଦ୍ମାକରରେ [illegible] ଅର୍ଥ ।

ଯାଅନ୍ତର ତୁମ୍ବ ପର୍ଣ୍ଣ ସନ୍ଦିକ୍ଷ ଗନ୍ଧ ଦେ
ବହୁଥାଏ ବସି ତାନା ନୂଳିପତ୍ର;
କୁଅଁରବର ଯେତେ ସାମ୍ନେ ...
ସର୍ବେ ନ୍ତସ୍ତ କରେ କଳହ ...
କୌତୁକେ ଚିମୁଟେ କାହାକୁ ବା ରଙ୍ଗେ,
ଗଡ଼ାଇ ପୁଞ୍ଜାଏ ବସାଏ ବା ଅଙ୍ଗେ;
କାନ୍ଥା ସଙ୍ଗେ ବୃଥା ଉଆଉଣି ଦ୍ୱନ୍ଦ
ବେଷେ ହାଣିବାକୁ ଧାଉଁଥାଏ ମନ୍ଦ,
ସହଣୀଙ୍କ ପାଠ—ବେଢ଼ାଣକୁ ଚଣ୍ଡ
ହଟେ ବସି କରେ ଶତ ଖଣ୍ଡ ଖଣ୍ଡ;   (୬୬୦)
ଛୁଡ଼ା ହୋଇଥିଲା ହସନ୍ତୀର ପାଶେ
ଜମାଦାର ଅଗ୍ନି ପୋଇଁବା ସକାଶେ,
ଦେଖି କଟିକରେ ରଞ୍ଜକର ବର୍ତ୍ତୀ,
ଅଲକ୍ଷିତେ ଯାଇ ପଛରୁ ଦୁର୍ମତି
ଲଗାଇଲା ବର୍ତ୍ତି କ କୁଶଳେ ତହିଁ,
ଅହା ! ନଳୀଦାର ପିଠି ଗଲା ଦହି ।

---

୬୬୯ । ସହଣୀ—ସହଚରୀ । ରଜଭବନ ଶୁଦ୍ଧାନ୍ତରେ ଜଣେ ପ୍ରଧାନ ମହଲା । ଶୁଦ୍ଧାନ୍ତର ପ୍ରାୟ ସବୁ କାର୍ଯ୍ୟ ସେ ପର୍ଯ୍ୟଦର୍ଶନ କରନ୍ତି ।

୬୭୨ । ନଳୀଦାର—ବନ୍ଧୁକଧାରୀ ।

କହ ତ ଏବେ ଯାବତ ଘଟଣା,
ଘଟାଇଣ ଥିଲ ଦତ୍ତକ ଦୁର୍ମନା,
ଦେଖି ପୌରଜନେ ପ୍ରପଞ୍ଚ ଅଦ୍ଭୁତ
ଭାଳନ୍ତି ସୁତକୁ ଲାଗିଅଛି ଭୂତ । (୩୪୦)

୨୨

ଦେଖିଥିଲେ ହେଲେ ଭାମିନୀ ବତ୍ସଳ
କରିଥାନ୍ତେ ଖର୍ବ ଖଣ୍ଡ-ଯାଦୁ-ବଳ;
ମାତ୍ର ' ଦଲେଗରେନ' କଡ଼ରୁ ଅନ୍ତର
ହେବାପାଇଁ ନାହିଁ ଥିଲେ ଛାମୁ ଘର;
ଯଦି ହୁଅନ୍ତି ସେ ସାମନ୍ତ କେମନ୍ତେ
ଦେହଳି-ଶଦ୍ଧାନ ହେଲେ ଏହମନ୍ତେ—
"ପୁଣି ଏତେ କାହା ! ଗାରିମା କ୍ଷେମ ?
ନିକୃଷ୍ଟ କ୍ରୂର କେଉଁ ପିଶାଚର କର୍ମ !
କହଲ ଆଖି ବନ୍ଦୀ ଖୋଲିଥିବେ ଗ୍ରନ୍ଥି,
ତେଣୁ ଲଗାଇଲେ ନୃଶଂସ ଅନର୍ଥ ।" (୩୫୦)
ଶୁଣନ୍ତି ସ୍ୱତେଃ ଦେବୀ ଏହାଭଳି,
ମାତ୍ର ତଥ୍ୟ କଣ୍ଠ ନ ପାରନ୍ତି କଳି;
ମର୍ମ ପୁଣି ଦେଖି ଛେଳରୁଭ କନ୍ନ
କହୁଛନ୍ତି ଦତ୍ତ-ପଞ୍ଜାରେ ଏସନ :—
"ଆସୁସ, ମୁକ୍ତିକା,ଦେବନ ଏ ପାର୍ଥିବ—
ମିତ୍ରାଦଙ୍କ ଶସ୍ତ୍ର କାହୁଁ ବା ହୋଇବ ?"

୨୬

ବନ୍ଧୁ ଗ୍ରାମ ହୂଳ କର ଉପ୍ରରଣ
ମନ୍ତ୍ରେ ରୋଧିଦେଲେ ରକ୍ତପ୍ରସ୍ରବଣ;
ଆଦେଶିଲେ ତହୁଁ କ୍ଷତ ଉପଗ୍ଭର
କରିବେ ଅଚିରେ ପତ୍ରୀବୃନ୍ଦବାର;   (୬୭୦)
ଡ଼ାଭ ନୋହି ପୁଣି ଶ୍ୟାମା ଯୋଷାପାଶେ
ହୂଳହସ୍ତେ ହେଲେ ଏକାନ୍ତ ଉଆସେ;
ଅଦ୍ୟେ ତହୁଁ କର ରୁଧିର ଧଉତ,
ଏ ପିଠେ ସେ ପିଠି ଫୁଙ୍କନ୍ତ ବହୁତ;
ଲେଉଟିଲେ ଥରେ ହୂଳ ବାମାକରେ,
ଢ଼ୋଳଟୁଣିଥାନ୍ତ ରୋଗୀ ପଲ୍ୟଙ୍କରେ;
ଯେତେ ଯେହ୍ନେ କେହି ଖାଉଦଏ ଯତ,
ମୂର୍ଚ୍ଛାରେ ମଧ୍ୟ ସେ ହୁଅନ୍ତ ବ୍ରତ ।
ଅନୁତ୍ତମ ଶୂର, ବଶ୍ୟାଙ୍ଗ-ଭାଜନ,
ତେଣୁ ବର୍ଗୀଙ୍କ ଏତେ ଶ୍ରମ ଯତ୍ନ; (୬୭୧)
ଶେଷେ ଅଳୀବୃନ୍ଦେ ବୋଲନ୍ତ ସୁନ୍ଦରୀ,
ଯମ ହେବେ ବଳୀ କହିଲେ ଶର୍ବରୀ ।

---

୬୭୧ । ଅଳୀବୃନ୍ଦେ—ସଖୀମାନଙ୍କୁ ।

୨୪

ଦିବା ଅବସାନ, ଆଗତ ରଜନୀ,
ନିର୍ବାପକ ଘଣ୍ଟା ବାଜିବ ଏଣିକି;
ନୀରବ ଧରଣୀ, ବିମଳ ଗଗନ,
ବହୁଛି ମଳୟ ମନ୍ଦ ସମୀରଣ;
ପ୍ରସନ୍ନେ 'ଉଦ୍ଭାତ' କରେ ମୃଦୁଢେଉ,
ନୀହାର-ଧଉତ ହସେ ବନସ୍ପତି;
ଦୃଷ୍ଟ ଏବେ ମଧ୍ୟ ଅଗ୍ନିଷ୍ଟ ପ୍ରହରୀ,
ସଉଧ-ମନ୍ଦିର-ଶିଖି-ସ୍ତମ୍ଭୋପର; (୫୮୦)
ଦୃଷ୍ଟିତଳ ଜ୍ୟୋତିର୍ମୟୀ ବର୍ଷାଦନୀ,
ନୀରଜାନନା ଯେଣୁ ଯାପିବ ଯାମିନୀ;

---

୫୭୪ । ନିର୍ବାପକ ଘଣ୍ଟା—(Curfew bell) ପୂର୍ବକାଳରେ ଇଂଲଣ୍ଡର ଲୋକମାନେ ପ୍ରାୟ କାଷ୍ଠନିର୍ମିତ ଗୃହରେ ବାସ କରୁଥିଲେ ଏବଂ ରାତ୍ରିରେ ଗୃହଦାହ ସାଧାରଣତଃ ଘଟୁଥିଲା । ପ୍ରସିଦ୍ଧ ରାଜା ପ୍ରଥମ ଉଇଲିୟମ୍ ଏହି ଦାହ ନିବାରଣ ଉଦ୍ଦେଶ୍ୟରେ ଆଜ୍ଞା ପ୍ରଚାର କରିଥିଲେ ଯେ ସନ୍ଧ୍ୟା ୮ ଘଣ୍ଟା ସମୟରେ ପ୍ରତ୍ୟେକ ଗୃହର ଅଗ୍ନି ଓ ପ୍ରଦୀପ ନିଭିଯିବ । ସେଥିପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟା ୮ ଘଣ୍ଟାବେଳେ ଉଚ୍ଚ ସ୍ଥାନରେ ଘଣ୍ଟା ବଜା ହେଉଥିଲା ।

ସପ୍ତର୍ଷି ଉପ୍ତରେ ନୀଳ ଚନ୍ଦ୍ରାତପରେ
ବସିଲଣି ଦେଖ ! ଅଟ୍ଟାଳିକା ଶିରେ;
କେବେ ଗାଏ ଧନୀ, ବୀଣା-କ୍ୱଣ ସ୍ୱନେ,
ହୃଦର ସ୍ୱରଣ ତରଙ୍ଗନ୍ୟସ୍ତନେ,
କେବେ ସପ୍ତସ୍ୱରେ ଉଠାଏ ନାଗରୀ
ଉଦ୍ଦାମ ପ୍ରେମର ସଙ୍ଗୀତ-ଲହରୀ,
ଗୀତ ଅବସରେ ସୁମରେ ଛଇଳା
ପ୍ରାଣକାନ୍ତ ପ୍ରୀତ ଉପବନଲୀଳା; (୬୯୦)
ଚୁମ୍ବନେ-କୁଞ୍ଚିତ, ଶ୍ଳଥ ସୁକୁନ୍ତଳ
ଲମ୍ବି ଅବନୀରେ ଲୁଲଇ ଚଞ୍ଚଳ;
ନୀଳୋତ୍ପଳ-ଦୃଶା ଗଣ୍ଡ ଠୋଇ କରେ
କଳେଡ଼ କାବ୍ୟତାର ବାରୁଣୀ ଅମ୍ବରେ;
ଏହି ଗ୍ରହ ପ୍ରେମ-ବନ୍ଧୁ-କିନାୟକ,
ପୁରାଣକାଳରୁ ସାହା ପ୍ରେମିକଙ୍କ ।

୨୫

ସତେ ଉଦ୍ଦିଲେ କି ନବେ ଶୁଭ ଗ୍ରହ !
କାହା ଅଭି ତୁଙ୍ଗ ସ୍ଥାନପ୍ରେ କହ ?

---

୬୯୦ । କାବ୍ୟତାର—ପାଶ୍ଚାତ୍ୟ ପୌରାଣିକ ଗ୍ରନ୍ଥମାନଙ୍କରେ ଏହି ଗ୍ରହ ପ୍ରେମିକପ୍ରେମିକାମାନଙ୍କର ଉପାସ୍ୟ ଦେବ ବୋଲି ଉଲ୍ଲେଖ ଅଛି । ଶୁକ୍ରଗ୍ରହ (Venus) ।

ପ୍ରଜାତୀର ମୂଳ କମ୍ପି ଉଠିଲା
କାହା ଏ ଅଦ୍ଭୁତ ଅରତି ଶୁଣିଲା ? (୪୦୦)
ଛନକା ପଡ଼ିଲ ବାଳା ଅନ୍ତଃପୁରେ—
ତାରକା ନୁହନ୍ତି-ସଙ୍କେତାଗ୍ନି ଜଳେ !
ଜାଣେ ଏଣୀକ୍ଷଣୀ ଦାବାନଳ ଅର୍ଥ,
ଘଟିବ ଏଥିରି କି ଘୋର ଅନର୍ଥ !
ଅତୁଳ ଆହବେ କେତେ ଅକାରଣେ
ତେଜିବେ ଶୂରେନ୍ଦ୍ର, ମହାର୍ଘ-ଜୀବନ !

୨୭

ଜଳେ ଯାତ୍ରଭର କୃଶାନୁ ଦମ୍ଭକେ,
ଅଟ୍ଟାଳିକା-ଚୂଳେ ପ୍ରହରୀ ଚମକେ,
ଚେଡ଼ି ଉଭା ହୋଇ ବେଗେ ତତକ୍ଷଣେ
ଭୈରବ ନିନାଦେ ଧ୍ୱନେ ଦୁନ୍ଦୁଭିଣେ; (୪୧୦)
ଭୀମ ପ୍ରଭରବ ଦାଉଡ଼ି ଗଲା,
କମ୍ପେ ବନସ୍ଥଳୀ, କମ୍ପଇ ସଲିଳ;

---

୪୦୨ । ସଙ୍କେତାଗ୍ନି—ପୂର୍ବକାଳରେ ଯୁଦ୍ଧ କିମ୍ବା ବହିଃଶତ୍ରୁ ଅବା ବିପଦ ସମ୍ବାଦ ପ୍ରଚାରିତ କରିବା ସକାଶେ ପର୍ବତ ଓ ଉଚ୍ଚସ୍ଥାନମାନଙ୍କ ର ଅଗ୍ନି ପ୍ରଜ୍ୱଳିତ ହେଉଥିଲା । କବିବର ରାଧାନାଥଙ୍କ 'ପାର୍ବତୀ'ରେ ଏହି ସଙ୍କେତାଗ୍ନିର ଉଲ୍ଲେଖ ଅଛି ।

ଭୋଜନ ଜନ୍ୟେ ତୃଣ ଦୂର୍ବାଦଳେ,
ଅଚମ୍ବିତ ମନ୍ଦ୍ର ଗର୍ଜନ ମନ୍ଦରେ;
ଦହୁଡ଼ରେ, ଧାଅ—ପଞ୍ଚାରେ ତୁରିତ
ହେଲା ନବରର ପ୍ରାଙ୍ଗଣ ଦୂଷିତ;

ଦନ୍ତୀରେ ଗହନ ପଡ଼ିଗଲା ତଥି,
ରଙ୍ଗପାଗୁଁ ଯୋଧ ଉଚ୍ଛୁଳେ ମିଳନ୍ତି,
କାହିଁ ନାଚେ ଦେଖ ! ଆଲୋକେ ଧନ୍ଦେ .
କାହିଁ ବା ଝୁଣ୍ଟକେ କଣ୍ଠ-ଛନ୍ଦକ,   (୪୬୦)

ଝଟଣି ଛତ୍ରୀ ମଧ୍ୟେ କାହିଁ ଯାନ୍ତି ଲୁଚି,
ପୁଣି ଫୁଲସର ଅଭିରାମ ରୁଚି;
ଊର୍ଦ୍ଧ୍ୱେ ବର୍ତ୍ତୁଙ୍ଗଳେ ତେଜ ଉଚ୍ଚଅଗ୍ର
ହଲେ, କେତେ ଉଙ୍ଗେ ଚଢ଼ିବେ ସମଗ୍ର;

ସତେ ଯେସନେ ଭେଦ ତୁହିନଶୟନ
ଦୋଳେ ନଦୀଗର୍ଭରେ ଥୂଣ୍ଣା ନଳବନ ।

---

୪୬୫ । ତୁହିନଶୟନ—ଶୀତପ୍ରଧାନ ଦେଶରେ ଶୀତ-କାଳରେ ନଦୀଜଳ ପ୍ରାୟ ବରଫାବୃତ ହୋଇଥାଏ ।

୨୭

ଉଠଇ କଣ ସେ ଲୋକ-କୋଳାହଳ
ଦେବତ୍ୟ ଛାମୁଙ୍କ ବାଟନ ଚହଳ;
ଶ୍ୱେତ ଶ୍ମଶ୍ରୁଜାଲ ଅବଶ ଲମ୍ବିତ,
ମଶାଲ୍ ଅଲୋକେ ଧଶଇ ଲୋହିତ; (୪୩୦)
ଅଜର ମଝିରୁ ପ୍ରାଚୀନ-ପ୍ରବୀର
ପ୍ରକାଶନ୍ତି ଗୋଟି ଗୋଟି ଅଙ୍କଗିର :—
"ଦେଖ' ହୁତାଶନ ଦେଖାଚି ଅଚଳେ,
ଏଣେ ଡିଙ୍ଗା ଚାଅ ଦାଉଦାଉ ଜଳେ;
ଧାଅଁ ଗୁର-ବୃନ୍ଦ ! ଏଥଣି ସନ୍ଦେଶ
ପର୍ଯ୍ୟନ୍ତୀଙ୍କର ଅଣ ଯା ବଶେଷ;
ଦୋହାଇ 'ବ୍ରାଙ୍କସ' ! ଉଠ ସାଦବାର,
ଅର୍ବ କଷି ସର୍ବେ ଦୁର୍ଗରୁ ବାହାର ।

---

୪୨୮ । ଦେବତ୍ୟ ଛାମୁ—ରାଜବାଟିର ଏ ସର୍ବପ୍ରଧାନ କର୍ମଗୃହୀ । ଦେଓାନଙ୍କଠାରୁ ଏହାଙ୍କ ପଦ ବଶେଷ ନ୍ୟୁନ ନୁହେ । ମୂଳ କାବ୍ୟରେ 'Seneschal' ଅଛି— ଅର୍ଥାତ୍ Steward.

୪୩୧ । ଅଜର—ପ୍ରାଙ୍ଗଣ ।

୪୩୬ । ଚେୟାଟି—ଜନ ପାଟିଅ । ମୂଳ କାବ୍ୟରେ ଟୋଟିଏ ଉଚ୍ଚଶୈଳର ନାମ ଅଛି ।

ଧାଅଁ ବେହରୁକ ! ତୁରନ୍ତ ସେପାର,
'ବାହୁବଳୀନ୍ଦ୍ର'ଙ୍କୁ କର ଜୁହାର;
କୋରକୁଳିଆଙ୍କ ନିକଟ ପ୍ରେରଣା
ବରଗିବା ପାଇଁ କର ଦେବ ମନା,
ବୈଶ୍ୱାନର ଶତା ଅଦ୍ୟ ଦେଖିଥିବେ
ସଜ ହୋଇ ଦୁର୍ଗେ ଦ୍ରୁତେ ଆସୁଥିବେ;
ସେଠା ଶୂରବୃନ୍ଦ 'ବଳ'-ବଂଶଧରେ
ରଣରଙ୍ଗ ଶର, କମନ ସମରେ ।
'ଜୟ ବୀର-ଯୋନି ବ୍ରାହ୍ମଣ !' ବନ୍ଦନ
ଧାଅଁ 'ସୁବୁଧିଆ' ! ଅଶ୍ୱେ ପ୍ରାଣପଣ,
ଘାଟ ରକ୍ଷକଙ୍କୁ କର ସାବଧାନ,
ବୋଲି ରଣ-ଅଗ୍ନି ଅଚିରେ ଭାସମାନ,
ନଅର ସଂଘାଡ଼ ଜାଳ 'ଧଳ'-ସୁତ ।
ହେଉନ୍ତୁ ଅଂଶକେ ମିତ୍ରାଦ୍ୟ ପ୍ରସ୍ତୁତ ।"

---

୪୩୯ । ବେହରୁକ—ସାଦେଶିଷ୍ଟ ।

୪୪୫ । ବଳ-ଗୋଷ୍ଠିଏ ପ୍ରଧାନ ବଂଶର ନାମ ପୂର୍ବଗ୍ରନ୍ଥରେ ଉଲ୍ଲେଖ ଅଛି ।

୪୪୮ । ସୁବୁଧିଆ-ଗୋଷ୍ଠିଏ ପ୍ରଧାନକର୍ମଚାରୀଙ୍କ ଉପାଧି ।

୪୪୯ । ସଂଘାଡ଼—ସଙ୍କେତ ଧ୍ୱନି ସଙ୍କାଶେ ପ୍ରସ୍ତୁତଥିବା କାଷ୍ଠଯନ୍ତ୍ର । ଧଳ—ଗୋଷ୍ଠିଏ ପ୍ରସିଦ୍ଧ ବଂଶର ଉପାଧି ।

୪୫୧ । ଅଂଶକ—କ୍ଷତ ।

୨୮

ଯୋଦ୍ଧାନ କଣ୍ଠରୁ ଶୁଣେ କେମାନଣି
ଅସ୍କନ୍ଦ-ରୋଧିତ ହ୍ରେଷୀ-ଠାପୁ ଧ୍ୱନି,
ଘୁରୁ-ହ୍ରାଦ ସହ ବର୍ମ ଝଣଝଣି
ଚଉଅଡ଼େ ଘୋର କମ୍ପାଏ ଅବନୀ;
ବର୍ମିତ ତୁରଙ୍ଗ ପର୍ଯ୍ୟାଟଣେ ଚଞ୍ଚଳ
ବର୍ମିତାଙ୍ଗ ଡେଇଁଥାନ୍ତି ସାଦଦଳ ।
ନିଃସରଇ ଉଗ୍ର ଜାମ୍ବୁକ ଟଙ୍କାର,
ଝଡ଼ାନ୍ତି ପ୍ରଚଣ୍ଡେ ଅସ୍ତ୍ର ଅଶ୍ୱବାଜେ;
ବଧୂ ଅନୁବର୍ତ୍ତୀ ବଛନ୍ତି ହୋଇ ସେ
ଦଉଡ଼ନ୍ତି ଦ୍ରୁତ-ଗତି ପ୍ରଛନ୍ଦନେ;
ପ୍ରାଚୀ ମୁଖେ କେହୁ, ପଶ୍ଚିମେ, ଉତ୍ତରେ,
ଅବାଚୀକୁ ଅବା, ଅର ନଗରରେ
ଯେଝା ନିଜ ପଥେ ମିଳି ଝଙ୍କାଦାର—
ବୃନ୍ଦଙ୍କୁ କରବେ ଅଗ୍ରୁଁ ହୁସିଆର ।

୨୯

ଧାଇଁ ଅବହିତ ଖଟଣି ବାଳକ
ସୁତୃପ୍ତ ସଂଘାଡ଼େ ଲଗାଏ ପାବକ;
ଦଣ୍ଡକେ ଊର୍ଦ୍ଧ୍ୱରେ ହୁଏ ଅଗ୍ନିମୂଳ
ଚକ୍ର-ଫରଫର ରାଗେ କି ସଙ୍କୁଳ !

ପ୍ରାସାଦ-ନିର୍ଝର-ତ୍ରୁଟିକର ଅଙ୍ଗେ
ଦୋଳେ ଅକୃତ୍ରିମ ଅସ୍ତ୍ରଶ୍ରେଣୀ ରଙ୍ଗେ;
ଦୀପ୍ତ ପ୍ରତିଚ୍ଛବି, ବନ୍ଧୁର ଦୋହଲେ,
ଶୋଣିତାଙ୍ଗ ଧ୍ୱଜ ପ୍ରାୟ ଶୂନ୍ୟତଳେ;
ଶିରେ କୋଣିକରୁ ନୋହୁବଟି ଭିନ୍ନ,
ଏଣେ ତେଣେ ହଟେ ସଙ୍କେତ ଅରୁଣ;
ମନ୍ତ୍ରିଅରେ କେହୁ ଜଳଇ ପ୍ରଣୀରେ,
କେହୁ ଝଟକେ ଅବା ହେଲିଓଗ୍ରାଫରେ;
ଦେଉଥିଲେ ଏକ ଅପରକୁ ଇଙ୍ଗିତ,
ଏବେ ରଣ-ବାର୍ତ୍ତା ସର୍ବୁଁ ଘୋଷିତ, (୯୮୦)
ଏକ ପରେ ଏକ ପ୍ରକାଶନ୍ତି କାନ୍ତି,
ତାରକା ସତେ କି ନଭେ ଫୁଟି ଯାନ୍ତି;
ଗିରିଖୋଲେ କେତେ ଦଗ୍ଧ-ଦରପଣେ
ଦୀର୍ଘ ପ୍ରତିଚ୍ଛାୟା ନାଚଇ ବଜନେ;
କୂଳେ କୁଂରସ୍ୱର ବଦକ୍ତ ଅବାସ,
ଦେଖି ରୁଦ୍ର-କ୍ରୀଡ଼ା ମାତେ ତାକୁ ତ୍ରାସ;
ପଲକେ ଧୂସର-ସମାଧି-ଉପଳ—
ସ୍ତୂପ ଶତ ଶତ ଦଣେ ସମୁଜ୍ଜ୍ୱଳ,
କୁକ୍ଷି ମଧ୍ୟେ କେତେ ଧୁରନ୍ଧର ମୃତ—
ସାମନ୍ତକ ଭସ୍ମ ଯତନେ ସଞ୍ଚିତ !   (୯୯୦)

ଫଟେନ ନାଳୀ ଲଗି ଧୂମର ସହିତ
ପ୍ରବେଶଇ ତୁଙ୍ଗ 'ଏଡିନ'ର କଣ୍ଠ;
ଅନୂଢ଼ା ରାଣୀଙ୍କ ପ୍ରତିଭୂ-ଜନନୀ
ଦେଖି ଶିଖି-ରେଖା, ବନ୍ଧନ୍ତି ରମଣୀ,
ସୀମା-ଅଭିମାନେ ଅବଲମ୍ବେ ସଜ
ହେବେ ଧନୁର୍ଦ୍ଧରେ, ସର୍ବ ସେନାବ୍ରଜ ।

୩୦

ଯାର ଗୃହ ଆଜ 'ବ୍ରାଙ୍କର' ଭବନ
ଅପୂର୍ବ ଧ୍ୱନିରେ କମ୍ପେ ଘନ ଘନ,
ଯାର ଗୃହ ଘଣ୍ଟା କର୍କଶ ନିନାଦ,
ପ୍ରକୃତିର ରାଷ୍ଟ୍ର ଜମର ସମ୍ବାଦ; (୫୦୧)
କାହିଁ ସେ ଉତ୍ତୁଙ୍ଗ ବୁରୁଜର ଶିରେ
କମ୍ପା ସୁବିଶାଳ ମୃତ୍ୟୁର କନ୍ଦରେ,
କାନ୍ତି ହେଉଅଛି ପର୍ବତପ୍ରମାଣ
ବନ୍ଧୁକ ପ୍ରସ୍ତର ଲୌହଗଡ଼ାମାନ;

---

୪୯୮ । ଅନୂଢ଼ା ରାଣୀ—ପ୍ରଖ୍ୟାତ Mary, Queen of Scots.

୪୯୯ । ଶିଖି ରେଖା—ସଙ୍କେତାଗ୍ନି ।

୫୦୧ । ମୃତ୍ୟୁ-ଦୁର୍ଗର ପ୍ରାଚୀର କୋଣ ବା ପାର୍ଶ୍ୱରେ ନିର୍ମିତ ଊର୍ଦ୍ଧ୍ୱ ଅଗ୍ରସ୍ଥ ମନ୍ଦିର ।

ମୁନ୍‌ମୂର୍ଦ୍ଧ୍ନ ଶିଳା ଅଯୁତ ଧମକେ
ଦର୍ପେ ପ୍ରତିଧ୍ୱନି କମ୍ପରେ ଚମକେ;
କଲେ ଏବେ ବୈରି ଗଡ଼ ଅଙ୍ଗଣ
ଦେବ ଶିରେ ଭୀମ ପାଷାଣ-ବର୍ଷଣ;
ବଦଳୁଛନ୍ତି ଘଡ଼ଘଡ଼କେ ପହରୀ,
ଉଠେ ଉଠେ ରକ୍ଷି-ସତର୍କ-ଡାକରୀ; (୫୧୦)
ବଦଳାଅ କହିଦଏ ରକ୍ଷି-ଠାର,
ଉର୍ଦ୍ଧି ଛାଡ଼ଇ ତେବେ ସ୍ୱୀକାର;
ଚଳାଚେହାର ଏହି ନତ ଧ୍ୱନିରେ
ଶୁନକେ ନବରେ ଗର୍ଜନ୍ତି ଅର୍ଦ୍ଧିରେ ।
୬।୧
ବ୍ୟବହର୍ତ୍ତାଙ୍କର ଗ୍ରମରେ ସାହାଯ୍ୟ
ଦଅନ୍ତି ଅକୁଣ୍ଠେ ମହାଦେଈ ଅଜ;
ଉତ୍ତେଜକ ବାଣୀ ଭୃପି ନାନାମତ
ବୀର ବନ୍ଧୁଙ୍କୁ ଦଅନ୍ତି ହେମତ,
ସମବେତ ହୋଇ କେବେ ବଜାନନା
ବସ୍ତ୍ୟାନ ସହ କରନ୍ତି ମନ୍ତ୍ରଣା; (୫୨୦)

---

୫୧୧ । ରକ୍ଷି-ଠାର—Watch-word.
୫୧୪ । ଶୁନକ-କୁକୁର ।
୫୧୫ । ବ୍ୟବହର୍ତ୍ତା—ବେବର୍ତ୍ତା ।

ବ୍ୟଗ୍ର ନାନା ଚିନ୍ତା ହୁଏ ହୃଦଗତ,
ପ୍ରବୀଣଙ୍କୁ ପ୍ରଶ୍ନ ପୁଚ୍ଛନ୍ତି ଏମନ୍ତ :—
“ସନ୍ଧି ଥାଉଁ ଥାଉଁ କାହିଁ ଆସେ ଅରି,
ନ ଆସେ ଡଗର ଅବଧି କିପରି ?
ହିମୁ କଳବଳ ଅବଧି ଅଜଣା,
କେମନ୍ତେ ବା ତାର କରିବ କଳନା ?”
ଅଟକଳି ଜଣେ ବହୁଜ୍ଞ କୁଶଳ
ବୋଲନ୍ତି ଅପୂର୍ବ ନାଶେଁ ଶତ୍ରୁବଳ;
ଆନ ପ୍ରେକ୍ଷାବାନ ପ୍ରକାଶନ୍ତି ମତ :—
“ନୁହନ୍ତି ବିପକ୍ଷ ବରଗୀ ଅଗତ, (୫୩୦)
ଅଣ୍ଟା ଜନପଦେ ଦେଖାଇ ଲକ୍ଷଣ—
ତଥି, କରିବେ ସେ ରତ୍ନ-ଗ୍ରହଣ;
ଘାଟେ ଛନ୍ତି ଘାଟ-ନାହାକଙ୍କ ପଣ୍ଡ,
ଏକା ତାଙ୍କୁ ସର୍ବ ତସ୍କର ନ ଅଣ୍ଟୁ;
ନିର୍ଘୋଷ ବନ୍ଦୁକେ ଉପରେ ପଡ଼ିବେ,
ଭଙ୍ଗଦେଇ ଦସ୍ୟୁ ତାରୁଁ ପଳାଇବେ ।”
ଉଦ୍ବେଗେ ଯାମିନୀ ଯାଏ ଏହିମତ,
ଉଷା ମହାଦେବୀ ନବରେ ସ୍ୱାଗତ ।

ଶାନ୍ତ ବଲ୍ମୀକର ଏବେ ବୈଭବ,
ତାଳି ଦ୍ୟନ୍ତି ହର୍ଷେ ଷଟ୍‌ପଦ ସର୍ବ;
ବୈଦେହୀ ପୁଚ୍ଛନ୍ତି ଗୁରୁ ପର୍ଯ୍ୟଟନ
କରନ୍ତି ଅନ୍ତ୍ରମେ କାହିଁ ବନ୍ଦୀ-ରହି;
ନ ଥିଲେ କି ରାମା ଅବା ସୁନନ୍ଦିନୀ,
ହୁଅନ୍ତେ ପ୍ରବାସେ ଶ୍ରମର ଭାଗିନୀ ?
ନାହିଁ କି ତନୁଜ ଜନକ-ନିର୍ଭର,
ହୁଅନ୍ତା ଭ୍ରମଣେ ପ୍ରୀତ ସହଚର ?
ଉତ୍ତରନ୍ତି କରେ ତାଡ଼ିଣ କପାଳ :—
"ଥିଲା ପୁତ୍ରଟିଏ, କାଢ଼ି ନେଲା କାଳ !"
ଲୁଗୁଡ଼ିବା ଆଶେ ଲୋଚନ-ଲୋତକ
ବୁଡ଼ାନ୍ତି ବପଞ୍ଜି ଉହାଡ଼େ ମସ୍ତକ ।
ଭ୍ରମେ ଇତସ୍ତତଃ ଅଙ୍ଗୁଳି ବାଗାରେ
ଶୁଣି ସୁଗମ୍ଭୀର ଲହରୀ ହୁଙ୍କାରେ;
ତା ସଙ୍ଗେ ମିଶାଇ କରୁଣ ସ୍ୱରର
ଗାଆନ୍ତି ପୁତ୍ର-ଶୋକ କାହାଣୀର :—

———

ଚତୁର୍ଥ ସର୍ଗ ।

ଡେୟୁ :—

ପରେ ଦିବସ ପ୍ରାତଃକାଳରେ ସୀମାନ୍ତ ଘାଟରକ୍ଷକ 'ଜଲିନ' ବ୍ରାଙ୍କସ ଦୁର୍ଗରେ ଉପନୀତ ହୋଇ, ତତ୍ପୂର୍ବ 'ଢେରାଜ-ସୀମା-ଚମତ ସ୍ତୁତ୍ର 'ଦେକାର'-ଓ ପ୍ରଭୁ 'ହାବାଦ' 'ଟକିଃ'-ସହସ୍ର ଛୋରାଜ ଏବଂ ଏକ ଦଳ ବୈତନିକ ଜର୍ମାନ୍ ସୈନା ସହ ଦୁର୍ଗ ଅଭ୍ୟନ୍ତରରେ ଅସୁଥିବାର ସମ୍ବାଦ ପ୍ରଦାନ କଲେ । ସ୍ବଗୋଷୀୟ ସ୍ବସ୍ଥ ସଙ୍ଖ୍ୟାଧିବାସୀ ହେଉଁଡ଼ିଗଣ ଅପି ବ୍ରାଙ୍କସ ଦୁର୍ଗରେ ରୁଦ୍ଧ ହୋଇଥିଲେ । ସମର ପାଇଁ ପ୍ରସ୍ତୁତ ହେବାବେଳେ ଦୁର୍ଗେଶ୍ୱରୀ ପାର୍ଶ୍ୱବର୍ତ୍ତୀ ଅନୁଚର-ବୃନ୍ଦଙ୍କ ନିକଟରେ ପୌଗଣ୍ଡ ଯୁବରାଜଙ୍କର ଅତ୍ୟନ୍ତ ପ୍ରଶଂସା କରି, ତାଙ୍କୁ ସେଠାକୁ ଘେନି ଆସିବାର ଆଦେଶ ପ୍ରଦାନ କଲେ । ପ୍ରବଞ୍ଚକ ପିଶାଚ କୁମାରରେ ଅନୁଧାରଣ କରି ଦୁର୍ଗମଧ୍ୟରେ ଅବସ୍ଥାନ କରୁଥିଲା । ରାଣୀଙ୍କର ସମ୍ମୁଖକୁ ଆସିବା ନିମିତ୍ତ ସେ ଜରସି ନ ପାରିବାରୁ ଉଚ୍ଚୈଃସ୍ୱରେ କ୍ରନ୍ଦନ କରିବାକୁ ଲାଗିଲା । ଦେବୀ ପୁତ୍ରର ଏପରି ଭୀରୁତା ଦର୍ଶନରେ ଅଣ୍ଟୁର୍ଧ୍ୟାନ୍ଦିତ

ହେଲେ, ଏବଂ ଲଜ୍ଜା ଓ କ୍ରୋଧରେ ଅଧୀର ହୋଇ 'ଗିଲ୍ବର୍ଟ' ଘାଟିଅଛୁ ରାଜଧାନୀ-ମଧ୍ୟସ୍ଥିତ 'ବ୍ରୁକ୍ସ' ନାମକ ଅନ୍ୟତର ଦୁର୍ଗରେ କୁମାରଙ୍କୁ ଛାଡ ଦେଇ ଅଗ୍ରିବାକୁ ଅଜ୍ଞା ଦେଲେ । କୁମାରଙ୍କୁ କୟଦ୍ଦୂର ନେଇଯିବା ଉତ୍ତାରୁ ପଥ ମଧ୍ୟରେ ଗୋଟିଏ ସ୍ରୋତସ୍ୱିନୀ ପଡ଼ିଲା । ଚଳଚଳ ଦର୍ଶନରେ ପିଶାଚର ଛଦ୍ମରୂପ ଅନ୍ତର୍ହିତ ହେବାରୁ ସେ 'ଭ୍ରଷ୍ଟ' 'ଭ୍ରଷ୍ଟ' ଶବ୍ଦ ବିକାର ଉଚ୍ଚାରଣ କରି ପଳାୟନ କଲା ।

ନବରଙ୍କୁ ବାନ୍ଧିବା ସମୟରେ ଘାଟିଆ ଦେଖିଲେ ଯେ ସେମାନେ ଦୁର୍ଗ-ଉପକଣ୍ଠରେ ଉପସ୍ଥିତ ହେଲେଣି । ନବରେ ବୃଦ୍ଧ ବେବର୍ଗ ଦୃଢଦଣ୍ଡ ହସ୍ତରେ ଘେନି ଅଶ୍ୱପୃଷ୍ଠରେ ଦୁର୍ଗରୁ ବହିର୍ଗତ ହୋଇ ଶତ୍ରୁମାନଙ୍କୁ ସେଠାକୁ ଆସିବାର କାରଣ ଜିଜ୍ଞାସା କଲେ । ପ୍ରଭୁ 'ହାବାଦ' ପ୍ରତ୍ୟୁତ୍ତରରେ କହିଲେ ଯେ, ମହାରାଣୀ ସ୍ୱୟଂ ସୌଧପୃଷ୍ଠ ପ୍ରାଚୀରର ପାର୍ଶ୍ୱଦେଶରେ ଉପନୀତ ହେଲେ ଉତ୍ତର ଶ୍ରବଣ କରି ପାରିବେ । ତଦନୁସାରେ ବେବର୍ଗ ପ୍ରତ୍ୟାବର୍ତ୍ତନ କରିବାରୁ ଦେବୀ ସ୍ୱୟଂ ପ୍ରାଚୀର ପାର୍ଶ୍ୱରେ ବଜେ ରହିଲେ । ହାତବନ୍ଧିତ 'ବ୍ରାଙ୍କସ'ର ପ୍ରକୃତ କୁମାରଙ୍କର ହସ୍ତ ଗ୍ରହଣ ପୂର୍ବକ ଦେଶୀଙ୍କର ସମ୍ମୁଖୀନ ହୋଇ ନିବେଦନ କଲା ଯେ, ମହର୍ଷୀଙ୍କର 'ଦରେଲବେନ୍' ଶୂର ଇଂଲଣ୍ଡ ସୀମାରେ ପ୍ରବେଶ

କରି 'ମସ୍‌ଗ୍ରେଫ' ନାମକ ପ୍ରଭବାସୀର ଭୂମି (ଜମି) ଲୁଣ୍ଠନ କରିଥିବା ଅପରାଧରେ ତାହାଙ୍କୁ ଇଂରାଜଙ୍କ ହସ୍ତରେ ସମର୍ପଣ କରିବାକୁ ହେବ, ନଚେତ୍ ଚମ୍ପତ ଦୁର୍ଗ ଆକ୍ରମଣ କରି କୁମାରଙ୍କୁ ଇଂରାଜ ନୃପତିଙ୍କ ଖଟଣି-କଙ୍କର ହେବା ନିକଟକୁ ପଠାଇ ଦେବେ । ଏହାଶୁଣି ମହର୍ଷି ବାର୍ତ୍ତିକ ଉତ୍ତରରେ ଉତ୍ତର ଦେଲେ ଯେ, 'ମସ୍‌ଗ୍ରେଫ' ଏବଂ 'ଦକୋରେନ୍'ଙ୍କର ବିବାଦ ସେ ଦୁହିଙ୍କ ମଧ୍ୟରେ ଦ୍ୱନ୍ଦ୍ୱଯୁଦ୍ଧ ଦ୍ୱାରା ମୀମାଂସିତ ହେଉ ।

ଏହି ସମୟରେ ଜଣେ ଇଂରାଜଚର ଆସି, ସ୍କଟଲଣ୍ଡର ପ୍ରହରୀକ ରାଜଧାନୀ-ସେନା ଧେନ୍ନ ଦୁର୍ଗ ଅଭିମୁଖରେ ଆସୁଥିବାର ସମ୍ବାଦ ଚମ୍ପୁଅଭିଦ୍ରୟଙ୍କୁ ପ୍ରଦାନ କରନ୍ତେ ପ୍ରତାର୍ପୀ 'ଦେକାନ୍' ତତ୍‌କ୍ଷଣାତ୍ ଦୁର୍ଗ ଆକ୍ରମଣାର୍ଥ ଉଦ୍ୟତ ହେଲେ; ମାତ୍ର କବେଟକ 'ହାବାଦ୍' ସେଥିରୁ ତାଙ୍କୁ ନିବୃତ୍ତ କଲେ । ମହର୍ଷୀଙ୍କ ପ୍ରସ୍ତାବରେ ଇଂରାଜ-ସେନାପତି ସ୍ୱୀକୃତ ହେବାରୁ ତତ୍‌ପରଦିବସରେ ମଲ୍ଲଯୁଦ୍ଧ ହେବାର ସ୍ଥିରୀକୃତ ହେଲା ।

୧

ଅଛ ଲୋ 'ତାପ୍ତି' ! ତୋ ରଜତ ବକ୍ଷେ
ସଙ୍କେତ-ଅନଳ-ସ୍ତମ୍ଭ ନ ଚମକେ,
ଅଛ ତ ତୋ ତୀର ଶ୍ୟାମ-ବିପିନରେ
ଅସ୍ପୃଶିତ ପାଦ ନ ଧାଏଁ ପ୍ରଖରେ,
ନହିଁ ବହୁଗୁଣ ଥାଉ ତୁ ଅଚଳେ
ଅବା ଅବଡର ଅର୍ଦ୍ଧ ସମତଳେ,
ବନ୍ଦନର ଶାନ୍ତି ସର୍ବତ୍ର ନିଷ୍ଫଳ,
ନାହିଁ କାହିଁ ଆଜ ଦ୍ୱନ୍ଦ୍ୱକୋଳାହଳ;
ପ୍ରଭେ ଅସେ ଯେତେଷ୍ଟ ଦୃଷ୍ଟି ପ୍ରାରମ୍ଭରୁ,
କିବା ଅନ୍ଧେ ଯେବେ ଗଡ଼ିଲୁ ଶିଖରୁ,
ପଞ୍ଚୁରୁ ଶୂଭରେ ଖୀଲ ବ୍ରଜ-ଗୀତ,
ଧାନେ ଶିଙ୍ଗାନାଦେ ନୋହିଲୁ ଚକିତ ।

୨

ତୋହ ସମ ଅହା ! ହୁଏ ରୂପାନ୍ତର
ଏ ମର-ଜୀବନ-ରଜ୍ଜୁ ନିରନ୍ତର;
ମାତ୍ର ଏ ପ୍ରବାହେ ଦଏ ସନ୍ଧା ଦେଖା
ଅଦ୍ୟ ଶୋକ ଅବା ଦୁଷ୍କୃତର ରେଖା,
ବହି ବହି ଯେତେ ତଳକୁ ଧାବନ୍ତ,
ତେତେ ପୂର୍ବାପର ଅଶ୍ରୁଜର୍ଜରିତ;

ପଡ଼ିନାହିଁ ଟେକ ମୋ ଜୀବନ-ଧାର,
ବକ୍ଷେ ଦନ୍ତ ଉଠା ହେଲାଣି ଜୁଆର,
ମାରି ନାରୁଅଛୁ ମୋ ସ୍ମୃତି-ନୟନେ
ଖୋଲିଲୁ ଯେ ଦିନ ଜ୍ଞାନ, ମହାରଣେ;
ତୋହରି ଦୁଲାଲ ଜଗତ-ଜ୍ୟୋତି—
ତେବେ ନ ତେଜିଲୀ ନୀତି ତା ନିଯୁତ;
ଏ ଅତ୍ରୁ ପ୍ରଚଣ୍ଡ ଗୋଳା ନିଃସରଣ,
ସଦ୍ଭୁକ୍ତ ଦୁର୍ବାର ଅସି ପ୍ରହରଣ—
କାହିଁ ରେ ଦଇବ ନ ଦେଲୁ ଘୋଡ଼ାଇ
ଏ ଅଡ଼ ତା ପାଦେଶ ? କି ପିଶୁନ ଅଢ଼ି !
ଛୁ, ଛୁ, ବଧୂଙ୍କୁ ମୁଁ ଗଞ୍ଜେ ଅକାରଣ,
ଛୁ, ଛୁ, ଘନ୍ତ୍ରାଉଛୁ ବୃଥାଡି ଜୀବନ;
ଅଦେଖିଲା ସୁତ ବଡ଼ଜତା ସହିତ
ରଣ-ଶଯ୍ୟା, ରଣ-ସଜ୍ଜାରେ ସଜ୍ଜିତ,
ଛାଡ଼ି ସେ ପ୍ରସଙ୍ଗ, ଏବେ ରାମ-କଥନ !
ଲଭି-ପୂର୍ବ-ବୃତ୍ତି ମୁନିର ସୁମନେ ।

---

୨୧ । ନାନ—ପୁତ୍ର, ନନ୍ଦନ ଦେବକ ।

୨୨ । ବଡ଼ଜତା—ଦେଉଁ ସମରରେ ବନ୍ଧୁଙ୍କ ପୁତ୍ର ... ହୋଇଥିଲେ, ସେଥିରେ ତାଙ୍କ ପୁତ୍ର ସେନାନୀ, ଜନ୍ମ ହୋଇଥିଲେ ।

ଗ

ଆଜି ଜନମନ ଛାଇ ପର୍ଯ୍ୟନ୍ତରେ,
ସର୍ବ ଜନପଦେ, ହାଟେ, ପଥେ, ଘରେ;
ଚେତକୀ ବାସ ନାହିଁ ପଲ୍ଲୀରେ ଅଶ୍ରୁ
ଦଗ୍ଧ କୋଳେ ଅବା, ଦ୍ୱାଳିକ ନିଚୟ;
ସ୍ଥାନେ ସ୍ଥାନେ ଦୁର୍ଗ ପ୍ରାକାର ପ୍ରକୋଷ୍ଠେ
ଲୁଚୁନ୍ତି ଶଙ୍କିତ ପଶୁ ଗୋଟେ ଗୋଟେ;
କାହିଁ ପ୍ରୌଢ଼ାଗଣ କରନ୍ତି ରୋଦନ,
କାହିଁ ବାଳପଣ ଯୁବତୀ ବିପନ୍ନ;
ବଣୀତଳପର କାହିଁ ଶସ୍ତ୍ରଧର
କରୁଥାଇ ହୁଏ ପ୍ରହରଣ-କର;
'ବ୍ରାଙ୍କସ' ସତ୍ୟୁଁ ରକ୍ଷୀ ନିଶ୍ଚପଣ
କଟେ, ଦେଖି, ଧୂମ ଧୂସର-ବରଣ,
ହିମାନ୍ତ ଗଗନୁ ଉତ୍ଫୁଲ୍ଲ ଲୁଣ୍ଠିତ—
ଗଡ ବାଲାଡସେ ହୁଏ ସୁନିଶ୍ଚିତ;
କରିଲଣି ରାଷ୍ଟ୍ର ନିଶ୍ଚେଷ୍ଟ ତ ମଗ୍ନ
ଲୁଣ୍ଠନ ଆରମ୍ଭ, ବୃଦ୍ଧିର ପ୍ରବଳ ।

୩୭ । ପର୍ଯ୍ୟନ୍ତ—ସୀମାନ୍ତ ।
୩୮ । ଦ୍ୱାଳିକ—କୁଟୀର ।

୪

ତକ୍ଷଣ ପ୍ରାଚୀନ-ଦ୍ୱାର-ପ୍ରହରୀ
ହାଙ୍କ ମାରି ଉଠେ କରେ ଧରିଅସି—
"ପୌରଜନେ ! ହୁଅ ପ୍ରସ୍ତୁତ ସରବ
ରକ୍ତ-ସିନ୍ଧୁ ପାଇଁ, ନିକଟ ଆହବ,
ଘାଟିଆ 'ଗଲନ' ପଛ କଳାରତଶେ
ଅପୂର୍ବ ବେଶ, ସୀମାନ୍ତୁ ଜିଣ୍ଣଲେ,
ନକ୍ଷତ୍ରିଆ ପାଇ କୋଟ-ଦ୍ୱାରେ ଡାକ
ଅନୁଷଣ ଦସ୍ୟୁ କରଇ ପ୍ରହାର,
ନିଶାଚାକ ଦଳେ ବଳୀର ଅବାଧ
ଘେରିଥିଲେ ଦୁର୍ଗେ ଗଣ କୋଟ ମାସ, (୭୦)
ମାତ୍ର ତା ଅମୋଘ ଧନୁଷ-ସନ୍ଧାନ
ଜାଣି ପାହାନ୍ତାରେ ଗଲେ ଛେଡ଼ି ସ୍ଥାନ;
ଘୋର ଚଢ଼ାଉ ତ କାଲି ହୋଇଥିବ,
ନୋହିଲେ ଏଭଳି କିଆଁ ସେ ଧାଇଁବ ?
ନଶ୍ୱେ ଦାକ୍ଷିଣାତ୍ୟ ସୀମା-ଜନପଦ
ଦୋଷଲୋଚନରେ ରାଷ୍ଟ୍ର ଅକସ୍ମାତ !"

୬୬ । ଘାଟିଆ—ଘାଟରକ୍ଷକ ।
୬୭ । କୋଟ—କୁଟ; କ୍ଷୁଦ୍ର ଦୁର୍ଗ ।

୫

ନନ୍ଦକୁଣୁ ଗିର ଯାହିଅତ୍ରବାର
ଧରେ ଅଯି ପ୍ରତ-କୂପ ପ୍ରତ-ଘାର;
ତା ଗ୍ରହୁଂବକଟେମ ଦଏ ଅନୁମ୍ନନ
ପରିକାର୍ଣ୍ଣ-ସେତୁ-ଉଚ୍ଚସ୍ଥ-ତୋରଣ; (୬୦)
ଧରିଅଛନ୍ତି ପିଉ କରେରେ କବାଟ,
ପାର୍ଶ୍ବେ ଧାବଇ ତା ଲୋମଶ-ପ୍ରାଚୀର
କ୍ଷୀଣାଙ୍ଗ ଠାଙ୍ଗଣ, ଦ୍ରୁତ ସୂଚଅଳ,
ନମ୍ର ଦେବା ଗୂତଣେ ଅତୀବ କୁଶଳ;
ପନ୍ତ୍ରା ଜଳାର୍ଣ୍ଣବେ କୁଦନ୍ତୁ କୁଦକୁ
ତେଉଁ ଜଣୁଥିଲା ବାଳ-କୁରଙ୍ଗକୁ;
ପର୍ଯ୍ୟାଣେ ଅସୀନା ବୀର-କଳାବତୀ,
କୋଳେ ଧରିଛନ୍ତି ଯୋଦ୍ଧାଙ୍କ ସନ୍ତତି;
ଗହଣରେ ଧାଏଁ ମାତ୍ର ପଦାକର
ନ ଭାଙ୍କେ ପିଧାନ ଅର୍ଦ୍ଧ-କଟାଳବର । (୬୧)

---

୬୮ । ପ୍ରତକୂପ—ଗଡ଼ଖାଇ ।

୬୦ । ପରିକାର୍ଣ୍ଣ—ସେତୁ—ପରିଖା ଉପରିସ୍ଥ ସେତୁ ତେତେବେଳ ପର୍ଯ୍ୟନ୍ତ ଉତ୍ତୋଳିତ ହୋଇ ନାହିଁ ।

ପୃଥୁ-ଶ୍ରୋଣୀ ବାମା, ପୃଥୁ ଅପଘନ,
[illegible]-ଭ୍ରୂ-ଲତା, ଆରକ୍ତ ଆନନ;
ଅଙ୍ଗନାଙ୍କ ଅଙ୍ଗେ ବଢ଼ିମା-ବର୍ଦ୍ଧନ—
ଅତୁଲ୍ୟ ରଜତ, ରଜତ ପଦକ;
ସୀମାନ୍ତ-ଉଦନ୍ତ ଶୁଣିବା ସକାଶେ
ନେଇଛି ଗଲେ ପୁରଜନ ହରୁ ପାଶେ;
ଠାକୁରବାଣୀ ଯୋଷା ପରିଚିତ ସଙ୍ଗେ
ଲଷି ଠହଠହ ହସନ୍ତି ସୁରଙ୍ଗେ ।
ଅଟନ୍ତି ବଲ୍ଲଭ ଅତି ପ୍ରାଂଶୁକାୟ,
ସ୍ଥୂଳ ଅଙ୍ଗ ଦଶେ ସ୍ତୋକ ନମ୍ର ପ୍ରାୟ, (୯୦)
ଶୋହେ ଶିରେ ଜୀର୍ଣ୍ଣ ଅପୂସ-ଶୀର୍ଷଣ୍ୟ
ଶତ-ପ୍ରହରଣ-ଲେଖା-ସମାଚ୍ଛନ୍ନ;
ବୃଷସ୍କନ୍ଧୁ ଦୋଳେ ଅଜିନ-ଘଟିତ
କ୍ଷୁଦ୍ର ଉରସ୍ତ୍ରାଣ, ଅପୂସ ଗ୍ରଥିତ;
ଯଥେଷ୍ଟ ବାରନ୍ତି ଏହି ଅଙ୍ଗତ୍ରାଣ,
ଦନେ ନ ଲୋଡ଼ଲେ ଆନ ବାରବାଣ;
ଲୁଟେଲ ଖର-ଦାଢ଼ ପରଶୁ ପୃଷ୍ଠରେ,
ଭୀମ ଖଡ୍ଗ ଶୋହେ ଶୂର ଦକ୍ଷ କରେ,

---

୮୪ । ଅତୁଲ୍ୟ—ଅତୁଳ (brace-let) ।

ଚତୁର୍ବିଂଶ ଗୃପ ଅଗ୍ରେ ସୁକମ୍ପିତ,
ନବୀନ ରୁଧିରେ ମୁନ କଲଙ୍କିତ; (୧୦୧)
ପ୍ରଚଣ୍ଡ କୋଦଣ୍ଡ ସହ ପ୍ରକମ୍ପିତ
କରନ୍ତି ପ୍ରଚଣ୍ଡା ଭୁବନୀ ବହନ ।

୭

ମହର୍ଷୀ ଛମ୍ଭରେ ଦ୍ରୁତେ ଯୋଧବର
ପ୍ରବେଶି କରଇ ଏସନ ଗୋଚର :—
"ଜଗୁଣ୍ଡା ଦେବନ ସେ ବାହିନୀର ପତ
ଦୁର୍ଦ୍ଧର୍ଷ ଦଳଚଳେ ଏଥି ଆସୁଛନ୍ତି;
ହୃ ବାସରୁ ସେ ଖୋଜୁଥିଲେ ଦାଉ,
ଆଜି ଅଜ ଦୁର୍ଗେ କରିବେ ଚଢ଼ାଉ;
ଆସିଛି 'ଜର୍ମାନ' ବାଣୁଆ ଅଗଣିତ,
ସଙ୍ଗେ ପୁଣି ଛନ୍ତି ଅସଂଖ୍ୟ ଯୋଦ୍ଧା, (୧୧୧)
ଅଗ୍ନି-ଜିହ୍ୱା- ଘଣ୍ଟା ବାଜିଲା ଯେ ବେଳେ
ଯୋଦ୍ଧାସମାନ କାଳ୍ ପରି ହେଲେ ହେଲେ;

---

୧୦୧ । ଜର୍ମାନ—ନୃଶଂସ ଜର୍ମାନମାନେ ଷୋଡ଼ଶ ଶତାବ୍ଦୀରେ ମଧ୍ୟ ଯୁଦ୍ଧ ବ୍ୟବସାୟ ଭଲ ପାଉଥିଲେ ।

୧୧୧ । ଅଗ୍ନି-ଜିହ୍ୱା-ଘଣ୍ଟା—(Curfew) ନୃଟଡ୍ୟୁର୍ଗର ୩୬୪ ପାଦ ଟୀକା ଦେଖ ।

ଅଚେଦ୍ୟ ଯୋଡ଼ିଲେକ ମୋ କୁଟ, ଦାସତ୍ୱ,
ଘାତକୀଙ୍କ ହେବ ନରକେ ସୁଗତ;
ଢ଼ତେହୁଁ ବର୍ଷେକରୁ ଜନ୍ମତ ନ ଥିଲା
ଦାସର ସେ ଠଣା, ନରେନ୍ଦ୍ର-ଅହଲା !
କ୍ଷଣକେ ଖମାର, ପୁଣ କୁଟିଘର
ତାଟ ହେଲା ଯଥା ଅନଳ—ସାଗର,
ମାତ୍ର କଳା ମଧ୍ୟେ ହେଲା ତା ଝଟକା
କ ସହଜେ ମୋର ପଥ ପ୍ରଦର୍ଶକ; (୧୨୦)
ପିଛ ଧର ସ୍ୱସ୍ୟାକ ସେ ଧାବନ
କଲେ ସେଥାରସ୍ଥା ବେଖି ବେନ୍ନ କଣ,
'ବଢ଼ବଲ୍' ପାଖ ଯନ୍ତୁଁ ମୁଁ ଧଇଲ
ନାଃଗଙ୍କେ ଦୋଷୀଙ୍କ ଘୋଟକ ବନ୍ଧଲ;
'କାଳିସ୍ପା' ତସ୍କର ଜୀବ କଲାଉଣେୟ
ନେଲଇଁ ଏ ଭଲ୍ଲ ମୁଚନ ଫୁଲ୍ଲ-ମନେ,
ବହୁକାଳାବଧ୍ ଥିଲ ସେ ବିବାଦୀ
ଦାଉ ଲଭ କୃତୀ ଅଛଇ ସମ୍ବାଦ;
ଏହ୍ ମାଘ ଶେଷେ ଗର୍ଭବୃନ୍ଦ ମୋର
କ ଛଟକେ ହରଥିଲ ବୁଢ଼ା ଗ୍ଭେର !" (୧୩୦)

---

୧୧୫ । ବର୍ଷେକରୁ—ଏକ ବର୍ଷରୁ ।
୧୨୩ । ବଢ଼ବଲ୍—ଗୋଟିଏ ଗର୍ଭରର ନାମ ।

୭

ସୀମାନ୍ତ ଦେଶର ଶାନ୍ତି-ବାୟୁ-ସ୍ତର
ଲେଉଟି ଅଶାନ୍ତ ଏକା ସମାଗତ,
ସର୍ବେ କଳିଥିଲେ ସେନୁ ଦଳବଳ
ସହସ୍ର ସମ୍ମୁଖୁ ନୋହିବକ ଟଳ;
ଅତ ମଠ ହେଲେ ପ୍ରହରୀଙ୍କ ସବ
ନବର-ସନ୍ଧିରେ ଧାଡ଼ି ଦେବେ ଅର ।
ସଦ୍ୟ ରକ୍ଷଣାର୍ଥ ରାଜ୍ୟ ଦଳ ଦଳ
ଅସଂଖ୍ୟ ଶଙ୍କୀ ସମୀକ-କୁଟିଳ,
ମୁହୂର୍ତ୍ତକ ପୂର୍ବେ ନୀରବ ପ୍ରାନ୍ତର
ଏବେ ଅରାବରେ ପୂର୍ଣ୍ଣ ସେ ମୁଖର; (୧୦୦)
ଦଳ କରେ କାହିଁ ଯେବି ତୁରଙ୍ଗମ,
ଓ ଅଙ୍ଗେ ପଲ୍ୟାଣେ ଅବା ଅରନ୍ଦମ,
ସାଦ ଉପାନ୍ତ-ଚଟକେ ଉଚ୍ଛୁଳିତ
ତୁରଗ ତରଙ୍ଗେ ମେଦିନୀ ପ୍ଲାବିତ;
ଧାମା-ବଙ୍କ-ଉକ୍ତି-କଷଣ ସହିଲେ
ଠୁଲ ସ୍ଥୁଳେ ଯେହ୍ନୁ ମେଦେ ମିଳୁଥିଲେ ।

---

୧୩୮ । ସମୀକ—ସମର ।

୮

'ତାରଣୀ'-ସରସୀ-ରଜତ-ସଳିଳ—
ଶ୍ୟାମ-କାନ୍ତି-ଲୁଠେ 'ଅଲ୍ଗାର୍' ଶୈବଳ
ଶୋଭିତ ଯାହାର ଉର ଅଦରରେ
ମଳିନାଙ୍କ ଦେଖେ ଗଗନୁ ବଳୟେ – (୧୫୦)
ଟେକି 'ଥିଲ୍ଷ୍ଟନ' ନିଜ ବୈଜୟନ୍ତୀ
ତଳେ ସ୍ମବାହନୀ ନୃତ୍ୟ କରୁଛନ୍ତି;
ଚଉଦିଗେ ବେଢ଼ି ବାଟେନ୍ଦ୍ର ଫଳକେ
ଶାରଜମାଳିକା କାରୁଜେ ଚମକେ,
ନୃପତିଙ୍କ ସ୍ମୃତି ଏହି ସୁଲାଞ୍ଛନ
ଆଜି ସାମନ୍ତଙ୍କ ନୁହଇ ଭୂଷଣ;
ଧନେ ଦାକ୍ଷିଣାତ୍ୟ-ଅକମନୀ-ମଠ
ଦୁର୍ଗୁ କନକାଲି ତରୁଣୀ ଭୂପତି,

---

୧୪୭ । ତାରଣୀ (Saint Mary) ଖ୍ରୀଷ୍ଟାନମାନଙ୍କ ପ୍ରଭୁ ଖ୍ରୀଷ୍ଟଙ୍କ ମାତା ।

୧୫୧ । ଥିଲ୍ଷ୍ଟନ—ଜଣେ ସାମନ୍ତ ।

୧୫୪ । କାରୁଜ—କାରୁକାର୍ଯ୍ୟ ।

୧୫୫ । ନୃପତି—ସ୍କଟଲଣ୍ଡର ନୃପତି ।

୧୫୮ । ବିଢୋଇ-ଯୁଦ୍ଧ ଯାହା ଅନୁକୂଳ କରିବା । ଭୂପତି-ସ୍କଟଲଣ୍ଡର ତରୁଣ ଭୂପତି ପଞ୍ଚମ ଜେମ୍ସ୍ ।

ଅଭିଯାନ ପାଇଁ ବଳ ଦଳିବେଶ
ପକାନ୍ତେ ପ୍ରାନ୍ତର ବ୍ୟାପିଣ ନରେଶ,
ନେତୃବୃନ୍ଦ ହେଲେ ବୃହିଣ କାରଣ
ହେଲେ ସର୍ବେ ତହୁଁ ପରାଙ୍ମୁଖ-ମନ.
ଏକା ଏ ଯୁଯୁତ୍ସୁ ପରନ୍ତପ-ବୀର
ଦର୍ପେ ପଣ କଲେ ମହୀଶ ପ୍ରକାଶ,
ଅନନ୍ୟ-ମନ ସେ ଗୃହେ ନ ଫେରିବେ,
ନିଶ୍ଚେ ଯିବେ ଯହିଁ ପ୍ରଭୁ ଘେନିଯିବେ;
ପରିତୁଷ୍ଟ ହୋଇ ସ୍ୱଜନ ଲକ୍ଷଣ
ବହିଲେକ ଅଦ କରିବେ ଧାରଣ
ରାଜ-ଚିହ୍ନ ସର୍ବେ ବାଜି-ଭୂଷ-ବଟେ
ଯାବତ ଚନ୍ଦ୍ରାର୍କ ଦୀପିବେ ନଭସେ ।
ସେହୁ ଧନୁ ବଦ୍ୟ ମହୁଡ଼ରେ ଉଚ୍ଚ
ଶୋହଇ ଭାସ୍ୱର କୁନ୍ତ-ଦଣ୍ଡ-ଗୁଚ୍ଛ;
ପ୍ରତ୍ୟାସନ୍ନ ପୁଣି ବାଣୀ-ଅଦର୍ଶକ
'ନିରତ ଉପର ବସିଛେ ହର୍ଯ୍ୟକ୍ଷ' ।

୯

ରତ୍ନ ଅଶ୍ୱବାର ଲୁଣ୍ଠକ-ପ୍ରବର—
ଚଣେ ଘେନ ଅର୍ଘ୍ୟ ଅଇଲେ ଅପର.

---

୧୬୩ । ବାଣୀଅଦର୍ଶକ—Motto.

ବପଦ-ଅଦମ୍ୟ ହୃଦ୍.କୋ-ହ୍ଲାନ୍,
ଆହବେ ଦୁର୍ଦ୍ଧର୍ଷ ଦୁର୍ଗେଶ ପ୍ରାଚୀନ;
ବର୍ମୀପର ତ୍ରୀନ ବକ୍ଷ-ପରିଚ୍ଛଦ
ପ୍ରକାଶେ ଶୂର କୁଳ ଖ୍ୟାତ ପଦ; (୧୮୦)
ନବ-ହେମ-ରୁଚି ସେ ପିଧାନ ଅଙ୍ଗେ
ଝଲକଇ କାନ୍ତ ନୀଳିମା ସୁରଙ୍ଗେ;
ଚର୍ମ ଊର୍ଦ୍ଧ୍ୱେ ଅଧେ ଅର୍ଦ୍ଧେନ୍ଦୁ ଶୋଭିତ,
ତାରକାପଙ୍କ୍ତି ମଧ୍ୟେ ସୁରଞ୍ଜିତ;
ଫଳକର ସବେ କରନ୍ତି ଧାରଣ
'ନର୍ଦ୍ଦି' ବଂଶଧରେ ଏହି ସୁଲାଞ୍ଛନ;
ବୀର-ରାଜ ଜଣେ 'ସ୍କଟ'-ଅଖ୍ୟାଧାରୀ,
ଅନ୍ଧା-ପ୍ରାନ୍ତ-ବ୍ୟାପି-ସ୍ଥଳୀ ଅଧିକାରୀ
ଶୂନ୍-ତରୁ-ବନ ମଧ୍ୟରୁ ଉତ୍ଥିତ
'ଶୂନ୍ୟ-ଚୂଡ଼' ଦୁର୍ଗ ଏ ବସୁଧାସ୍ଥିତ; (୧୯୦)

---

୧୮୮ । ତ୍ରୀନ-ବକ୍ଷ-ପରିଚ୍ଛଦ—ବର୍ମୀପର ବ୍ୟବହୃତ ହେଉଥିବା ତତ୍କାଳୀନ ଆବରଣ (Coat of arms) ।

୧୮୯ । ନର୍ଦ୍ଦି—ହାବେଦନ ବଂଶଙ୍କ ବସାଦର ଧାମନ୍ତ୍ର ।

୧୯୦ । ଶୂନ୍ୟ-ଚୂଡ଼—ଗୋଟିଏ ଦୁର୍ଗର ନାମ ।

ସ୍ଥିତ ପୁଣି ଯହିଁ 'ସେମାନ-ଉଆସ'
ପ୍ରେତକୁଳର ଯାଁ ନିଭୃତ-ନିବାସ;
ଅଟବୀ ଉତ୍ସଙ୍ଗେ ରମ୍ୟ ବାସ ହର୍ମ୍ୟ;
ଖଣ୍ଡ୍ରାଦାଢ଼ ଅଦ୍ରି-ଚୂଳେ ଦୁରଧିଗମ୍ୟ,
ବହୁ ତଳେ ନିମ୍ନେ ଗମ୍ଭୀର-ନାଦିନୀ
ଶିଳାଗର୍ଭେ ଧାବେ 'ବ୍ରୁଥିକ' ତଟିନୀ;
ଯାମ୍ୟ ଲକ୍ଷି ଦସ୍ୟ କୌଟିଲ ପଦ୍ଧତି
ଥିଅନ୍ତି ନିର୍ଭୟେ ଅନୁଚରଦଳ;
ଖଣ୍ଡ-ଅଧିପତି, ସାର୍ଥକ ଜୀବନ
ମଣନ୍ତି ଅପର ବସ୍ତୁ ଅବମତ, (୨୦୦)
ଜ୍ୟୋଛନା ନିଶିଥେ ଅବା ଉଷାକାଳେ
ହାଣନ୍ତି ଦ୍ୱିଷତ ମୁଦେ କରବାଳେ;
ମନୋହର ତାଙ୍କ ଅନନ୍ୟ-ସୁନ୍ଦରୀ,
ଗୃହସ୍ଥ 'ପେରି'-ଗୀତ-ଯୋଷା-ବ୍ରଜେଶ୍ୱରୀ,
ମାନି ଯୁବାକାଳେ କାନ୍ତ ଉଦ୍ଭ୍ରାନ୍ତ
ବଶ କରି ପାଦ ନାହାନ୍ତି ଶ୍ରୀମତୀ;

---

୧୯୯ ସେମାନ ଉଆସ—ସେମାନମାନଙ୍କର ଗୋଟିଏ ଶିବିର ଏଠାରେ ଥିଲା । ପ୍ରଥମ ସର୍ଗ ୩୪୦ ପାଦ ଦେଖ ।

୨୦୧ । ଦ୍ୱିଷତ—ଶତ୍ରୁ ।

ଅବଧାନ ଦେଇ, ଏବେ ମଧ୍ୟ ବୀର
କେହ୍ନେ ନ ଜାଣନ୍ତି ନର୍ତ୍ତରେ ସୁସ୍ଥିର;
ଏବେ ମଧ୍ୟ ଭଲ ଶିରସ୍ତ୍ରେ ଜିନ୍ଦ୍ରି
ବେଣୀ-ବନ୍ଧ ଛଡ଼ା ନାହିଁ ଆନ ବସ୍ତ୍ର;
କିଭାବି କି ତେଜ ଧୋଇଲେହେଁ କ୍ରନ୍ଦନ
ଦ୍ମୂତାଳିକୁ ହର ମୀନାର-ଧବଳ ?
ଫଣ୍ଟୁଡୁହ୍ତ ସର୍ବେ ବାହିନୀ-ନାୟକ
ସେନାନାଥ-ଡ୍ରୋଡ ଖରଣି-ସେବକ;
'ହ୍ୱାଦେନ'ର ପତ ଉଜ୍ଜି, କ ଶାନ୍ତିର୍ଣ୍ଣ
ଯାତ୍ରୁସିନ୍ଧୁ କୋଷେ ଖୋଷିଥାଏ ଅସି ?

୧୦

'ଏକ୍ସ-ଡାଡ-ସ୍ଥଳ' ପ୍ରବେଶନ୍ତି ଦେଖ
ଯବେ ଯବାନଙ୍କ ଯୋଦ୍ଧ ଶ୍ରେଣୀ ଶ୍ରେଣୀ;
ଝର କୁପାଣେ ସେ ଜିତ ଥିଲେ ରାଜ୍ୟ,
ସେହି କୃପାଣବଳେ ରଖନ୍ତି ତା ଅଜ୍ୟ ।
ଦେଖ ଜେମାଦେଈ, ତୁମ୍ଭ ପିତୃକୁଳ
ଲଭିଲେ କେସନ ଅବଶ୍ୟ ଅତୁଳ;

୨୧୭ । ଏକ୍ସଡାଡ— Eksdale.

୨୨୧ । ଜେମାଦେଈ—ସ୍କଟ୍ଲଣ୍ଡ-ରମଣୀ, ଯାହାଙ୍କ ନିକଟରେ ଶେଷ-ବନ୍ଦୀ ଗାନ କରୁଅଛନ୍ତି ।

ତଥି ଥିଲେ ପୂର୍ବେ 'ମର୍ଦ୍ଦନ' ମହୀପ,
ସମଗ୍ର ସୁରମ୍ୟ ପଦ୍ମସରାଧିପ;
ସଦାଶୟ-ହୃଦ, ଉଦାର୍ଯୀନ-ମତି,
ପ୍ରଜାଗଣେ ତେଣୁ ଅମର୍ଷଣ ଅତି,
ଦ୍ୱନ୍ଦ୍ୱ-ସମ୍ମୁଖରେ ସଦା ବିଶାରଦ,
ଦୁର୍ଦ୍ଦମ-ପ୍ରକୃତି ଗରବେ ଉନ୍ମଦ;
ନାଗରିକଙ୍କୁ ଲଭି ଭଦ୍ର, ଶାନ୍ତଶୀଳ
ବୋଲି ମନେ ନ ଗଣନ୍ତି ଛଳ;
ଅର୍ଥ କର କର ନେବାପାଇଁ
ଜନପଦେ ଦିନେ ଗମିଥିଲେ ସାଇଁ,
ତାଙ୍କ ଅନ୍ତେ ଜଣେ ପ୍ରଜା 'ଗିଲବର୍ଟ'
ଦେଖିଲେକ ଭୋଗ କରୁଥିଲା ସ୍ୱତ୍ୱ,
କହିଲେ :—"ଫଉତ ପଞ୍ଚା ବାବଦକୁ
ଦିଅ ମୋତେ ତୋର ବର-ଭୁଟ୍ଟେକୁ ।"
ରୁଷ୍ଟ ହେଲା ଦୁଷ୍ଟ ଶୁଣି ସେ ଭାଷଣ,
ଉଗ୍ରେ ପ୍ରତିବାଦ ଭାଷିଲା ଏସନ :—

---

୨୩୫ । ଫଉତ-ପଞ୍ଚା—ପୂର୍ବେ କୌଣସି ପ୍ରଜା ମୃତ ହେଲେ ତାହାର ଉତ୍ତରାଧିକାରୀଠାରୁ ସର୍ବୋତ୍କୃଷ୍ଟ ଘୋଡ଼ାକ କମ୍ୱା ଗୋରୁ ଆଦାୟ ହେଉଥିଲା (Heriot) ।

"ମୃଗ-ଗୋଡ଼ଅ ମୋ ହୃଦୟର ସମ୍ପଦ,
ଲଙ୍ଘିଛୁ ତା ପୃଷ୍ଠେ ଅଯୁତ ବପଦ,
ପ୍ରଭୁ ହୁଅ ଅବା ତହୁଁ ବଡ଼ ରଣ,
ତୁମ୍ଭଠୁଁ ବଳି ମୁଁ ଅଶ୍ୱେ ତ ଜାଣି ।"
କଥା ଅନୁକ୍ରମେ ହେଲା କଥା ମୋହ,
ଗୃହୁଁ ଗୃହୁଁ ପ୍ରଜା ହେଲେ ଏକଠୋଠ;
ବେଗେ ଚଣ୍ଡ ହିଂସ୍ରା-ବହ୍ନି ପ୍ରଜ୍ୱଳିଲା,
ସହାରିବାପାଇଁ ସ୍ୱାମିଙ୍କୁ ଧାଇଁଲା;
କ୍ରୁଦ୍ଧ ବାଜିପୃଷ୍ଠେ ନ ଥିଲେ ପଳାଇ
ଲଭନ୍ତି କି ଥାନ୍ତେ ପ୍ରାଣ ପୁଣି ସାଇଁ ?
ଅବଶ୍ରାନ୍ତ ଅଶ୍ୱ ପ୍ରତୋଦେ ପୀଡ଼ନ୍ତ,
ଉପାନହ-ଚକ୍ର ପାର୍ଶ୍ୱେ ଧର୍ଷନ୍ତ;
ଧାଏଁ ଉର୍ଦ୍ଧ୍ୱଶ୍ୱାସେ ଚ୍ଛେତ୍ତି-କୂଳ-ବନ,
ଲଙ୍ଘଇ ବନ୍ଧୁର ଦୀର୍ଘ ପର୍ବତ,

---

୨୩୯ । ମୃଗଗୋଡ଼ଅ—ମୃଗ ପରି ସେହି ଅଶ୍ୱର ପାଦ, ତେଣୁ ଅତି ଦ୍ରୁତଗାମୀ ।

୨୪୯ । ପ୍ରତୋଦ—ଚାବୁକ ।

